

# ହାର୍-ଜିତ୍

ଲକ୍ଷ୍ମୀଧର ଦଳାଈ

ମୂଲ୍ୟ—ଦୁଇଟଙ୍କା

ପ୍ରକାଶକ—ଶ୍ରୀ ଲକ୍ଷ୍ମୀଧର ଦଳାଇ
୧୪, ଡାକ୍ତର ଜଗବନ୍ଧୁ ଲେନ
କଲିକତା — ୧୨

ଶୁଭମୁକ୍ତି—ଅଗଷ୍ଟ ୧୫. ୧୯୫୯

ପରିବେଶକ—ଲକ୍ଷ୍ମୀ ପ୍ରକାଶନୀ
୧୪, ଡାକ୍ତର ଜଗବନ୍ଧୁ ଲେନ
କଲିକତା - ୧୨

ଓଡ଼ିଶା ଆର୍ଟ ପ୍ରେସ
ମୁଦ୍ରାକର—ଶ୍ରୀ ବାସୁଦେବ ସାମଲ
ସି, ଅକ୍ରୁର ଦତ୍ତ ଲେନ୍, କଲିକତା-୧୨

**ମନୋରମା !**

ମା' ମୋର ! ପ୍ରଥମ ଦେଖାରେ ଯେତେବେଳେ ତୋର କୁନି ହାତ ଯୋଡ଼ିକ ଉଠାଇ ଭକ୍ତିରେ ମୋତେ ନମସ୍କାର ଜଣାଇଲୁ ସେତେବେଳେ ନିଜକୁ ମୁଁ ବଡ଼ ଗର୍ବ ଅନୁଭବ କଲି ! ଆଉ ମନେ ମନେ କଣ ଭାବିଲି ଜାଣୁ ? ମୁଁ ଭାବିଲି—ଆମର ଏଇ ଛୋଟିଆ ସଂସାରଟିକୁ ଉଜ୍ଜ୍ୱଳ କରିବାପାଇଁ କୁନି ବୋହୁଟିଏ ଆସିଛି । ଘରର ସମସ୍ତଙ୍କ ମନ ଆନନ୍ଦରେ ହସି ଉଠିଲା । ତୁବି ଭକ୍ତିରେ ସମସ୍ତ ଗୁରୁଜନମାନଙ୍କୁ ଆପଣାର କରି ନେଇଛୁ । ଖାଲି ଘରେ ନୁହେଁ—ସାଇ ପଡ଼ିଶାରେ ବି ତୋର ପ୍ରଶଂସା ଶୁଣିଲେ ମନ ମୋର ଆନନ୍ଦରେ ନାଚି ଉଠେ । ସ୍ନେହରେ ତୋର ମୁଣ୍ଡ ସାଉଁଳେଇ ଦେବାକୁ ମନ କହେ କିନ୍ତୁ ତାହା ହୋଇ ପାରେନି । କାରଣ ମୁଁ ବିଦେଶୀ ।

ଏତେ ଦୂରରେ ଥିଲେ ବି ମୁଁ ତୋର ଭକ୍ତିରୁ ବଞ୍ଚିତ ନୁହେଁ କି ତୁ ମୋର ସ୍ନେହରୁ ବଞ୍ଚିତ ନୋହୁ । ସେହି ସ୍ନେହର ଚିହ୍ନ ସ୍ୱରୂପ ମୋର ଏହି **"ହାର୍-ଜିତ୍"** ବହିଟି ତୋର ହାତରେ ଟେକି ଦେଉଛି । ଦୁନିଆରେ ବସାବାନ୍ଧି ରହିଲେ ବି ପ୍ରତ୍ୟେକ ଜୀବନରେ "ହାର୍-ଜିତ୍" ଲାଗି ରହିଛି । ତଥାପି ମଣିଷ ହସି ହସି ଆଗେଇ ଚାଲେ ତାର କର୍ତ୍ତବ୍ୟ ପଥରେ— ଆଶା ତୁବି ସେହି ପରି ହସି ହସି ତୋର ସଂସାର ପଥରେ ଆଗେଇ ଚାଲିବୁ । ମୋର ଆଶୀର୍ବାଦ ତୋ ପଛରେ ରହିଛି ।

ତୋର ଶୁଭାକାଂକ୍ଷୀ
ସାନ ବାପା
**ଲକ୍ଷ୍ମୀଧର**

ସେ ଦିନ କଥା ଭୁଲିବାର ନୁହେଁ—ଏ ଯାଏଁ ବି ଭୁଲିପାରିନି ସେ । ମନର ଗୋପନ କଥାକୁ ଯେତେଥର ଭୁଲିବାକୁ ଚେଷ୍ଟା କରିଛି ତଥାପି ଅନ୍ତର ତଳୁ ଗୁମୁରି ଗୁମୁରି ଉଠି ଆସୁଛି କେତେ କଥା—ଅସଂଖ୍ୟ ଭାବନା ।

ଗାଲରେ ହାତ ଦେଇ ସରଳା ଭାବୁଥିଲା ।

ସେଦିନ ବି ଏହିପରି ଥିଲା ମେଘୁଆ ପାଗ । ଝିପି ଝିପି ବର୍ଷା ! ମେଘୁଆ ପବନ । ଦେହ ଶୀତେଇ ଆସୁଥିଲା । ମନ ଚାହୁଁଥିଲା କାହାର କୋମଳ କରର ସ୍ପର୍ଶ । ବାହୁର ନିବିଡ଼ ବନ୍ଧନ ।

ଶିହରି ଉଠିଲା ସରଳା । ଆଖି ଆଗରେ ଚଳଚ୍ଚିତ୍ର ପରି ନାଚି ଉଠିଲା କାହାର ହସହସ ମୁହଁଟି । ଭାବନାରେ ସେ ନିଜକୁ ଭୁଲାଇ ଦେଲା ।

ତାର କୁମାରୀ ଜୀବନରେ ପ୍ରଥମ ଥର ପାଇଁ ଆସିଥିଲା ନରେଶ । ଆଜି ବି ସେ ନରେଶକୁ ଭୁଲି ପାରିନି । ରହି ରହି ଯେପରି କାହାକୁ ସେ ଖୋଜି ବୁଲୁଛି । ଅଜାଣାରେ କାହା ପାଇଁ ଯେପରି

ପ୍ରାଣ ଭିତରଟା କାନ୍ଦି ଉଠୁଛି । କିନ୍ତୁ ମୁହଁ ଖୋଲି କିଛି କହି ପାରୁନି ।

କିପରି ସେ ତାର ଅତୀତ ଜୀବନ ଇତିହାସ ପୃଷ୍ଠା ଖୋଲିବ ? କିପରି ସେ କଥା ମୁହଁରେ ଧରିବ ଆଜି ?

ସେ ଯେ ଆଜି କୁଳବଧୂ !

କୁମାରୀ ଜୀବନରେ କେତେ ଘଟଣା କେତେ ଲୋକଙ୍କର ଘଟୁଛି । କେତେ କ'ଣ ଗୃପା ପଡ଼ି ଯାଉଛି । ତେବେ ସରଳାର ମନ ଝିଣ୍ଟିକି କାହିଁକି ଅସ୍ଥିର ହେଉଛି ?

ସେ କ'ଣ ତାର ଏ ଗୋପନ କଥାଟିକୁ ଲୁଚେଇ ପାରିବନି ? ନିଶ୍ଚୟ ପାରିବ ସେ । କିନ୍ତୁ......

ଆଉ କିନ୍ତୁ କ'ଣ ? ସେ ଆଜି ଅବିବାହିତ ନୁହେଁ ? ବିବାହ କରିଛି । ସୁନ୍ଦର ସ୍ୱାମୀ ପାଇଛି । ଶାଶୁଘର ମଧ୍ୟରେ ସୁନ୍ଦର ଘରକରଣା । ଅଭାବ କିଛି ନାହିଁ ।

ତଥାପି ସରଳାର ପ୍ରାଣ କାନ୍ଦି ଉଠୁଛି । ତାର ମନ ଭିତରେ କିଏ ଯେପରି କହୁଥିବାର ସେ ଅନୁଭବ କରୁଛି—

"ତୁ ସମସ୍ତଙ୍କୁ ଠକି ନିଜର ସତୀତ୍ୱର ପରିଚୟ ଦେଉଛୁ । କିନ୍ତୁ ଠକିଯିବୁ ସରଳା । ତୋର କଳଙ୍କର ଇତିହାସ ଦିନେ ନା ଦିନେ ପଦାରେ ପଡ଼ିଯିବ—।"

ଚମକି ଉଠିଲା ସରଳା । ଅପରାଧୀଙ୍କ ପରି ଚାରିଆଡ଼କୁ ଅନାଇଲା । କେହି କୁଆଡ଼େ ନାହିଁ । ଘରଟା ଯେପରି ଶୂନ୍ୟ ଶୂନ୍ୟ ଲାଗୁଛି । ଗୋଟାଏ ଅଜଣା ଆଶଙ୍କାରେ ସେ ଯେପରି ନିଜକୁ ଭୟ ପାଇଲା ପରି ଅନୁଭବ କରୁଛି ।

ତୁହାକୁ ତୁହାକୁ କୋହ ଆସିଲା ସରଳାର ଅନ୍ତର ଭିତରୁ । ଆଖିରୁ ଛୁଟିଲା ଲୁହଧାର—।

ପେଟ ଭିତରେ ଏ ପାପ ଆଉ କେତେ ଦିନ ସେ ଲୁଚେଇ ରଖିବ ? ସବୁ କଥା ଖୋଲି ସ୍ୱାମୀଙ୍କୁ ତାର କହିଦେବ ।

ପରମୁହୂର୍ତ୍ତରେ ବିବେକ ତାର ବାଧା ଦେଲା ।

ନା-ନା ନିଜର ବଂଶ ମର୍ଯ୍ୟାଦାରେ କାଳି ଲାଗିଯିବ । ମନ କଥା ମନ ଭିତରେ ଗୋଳେଇ ଘାଣ୍ଟି ହେଉ—ସେ ଭଲ, କିନ୍ତୁ ଖୋଲି କହିଲେ ସବୁ ଶେଷ— । ଦୁନିଆଁ ଆଖିରେ ଅସୁନ୍ଦର ଦିଶିବ । ସମସ୍ତେ ଘୃଣା କରିବେ । ଏ ଘରେ ଆଉ ସ୍ଥାନ ମିଳିବ ନାହିଁ । କଳଙ୍କିନୀ କହି ସମସ୍ତେ ମାରି ଗୋଡ଼ାଇବେ । ଅସତୀ ବୋଲି କହି ଘରୁ ବାହାର କରିଦେବେ— । ନିନ୍ଦା ରଟିବ ସଭିଙ୍କ ମୁହଁରେ— । ପରିଣାମ ବଡ଼ ଭୟଙ୍କର । ନାରୀର ଦର୍ପ ଏଇଠାରେ ଭାଙ୍ଗି ଯାଏ । ତାର ଶକ୍ତି ପରାଜୟ ହୁଏ । ସେ ସଭିଙ୍କ ଠାରେ ହୁଏ ଘୃଣିତ ଆଉ ଲାଞ୍ଛିତ ।

ମାନ କାହିଁକି ?

ଏହାପାଇଁ ଖାଲି ନାରୀ ଦାୟୀ ଆଉ ପୁରୁଷର କିଛି ଦୋଷ ନାହିଁ ?

କିଏ କହିଲା ପୁରୁଷର ଦୋଷ ନାହିଁ ବୋଲି ? କିନ୍ତୁ ପୁରୁଷ ସମାଜ ସବୁ ସମୟରେ ନାରୀଜାତି ଉପରେ ଅଧିକାର କରି ଆସିଛି । ଛୋଟିଆ ଛୋଟିଆ କଥାରେବି ସନ୍ଦେହ କରି ଆସେ । ନାରୀ ଅବଳା ଦୁର୍ବଳା ସେ, ପୁରୁଷ ହାତର ମାଟି କଣ୍ଢେଇ । ଅପମାନିତା ନାରୀ ନ ହୋଇ ଆଉ କିଏ ହେବ ?

ସରଳା ! ଠିକ୍ ଗୋଟିଏ ଗୋଲାପ ଫୁଲ ପରି କଅଁଳ ଛନ ଛନ—ସୁନ୍ଦର ମନ ଲୋଭାଣିଆ ରୂପ । ପହିଲି ଯୌବନର ପରଶ ପାଇ ଦେହ ମନ ତାର ହୋଇ ଉଠୁଥିଲା ଠିକ୍ ଗୋଟିଏ ଓଡ଼ଉ ପରି । ତାର କଳା କଳା ଡୋଳା ଦୁଇଟିରେ ଥିଲା ପ୍ରେମର

ମଦସ୍ତ । ଗୋଷ୍ଠ ଢଳଢଳ ଦେହର ଗଠନ, ଯେ କୌଣସି ଯୁବା ପୁରୁଷ ମନକୁ ଆକର୍ଷଣ କରୁଛ ।

ନିତମ୍ବ ଚୁମ୍ବି ବେଣୀ ଦୁଇଟି ଯତ୍ନରେ ପିଠି ଉପରେ ସାପ ପରି ବଙ୍କେଇ ବଙ୍କେଇ ଦୋହଲୁ ଥାଏ । ତାର ଚୁଲି ଅତି ଲୋଭନୀୟ । ଚୁହାଁଣିରେ ଯେପରି କମନୀୟତା ଅଛି, ଥରେ ଅନାଇଲେ ଯେ କୌଣସି ଯୁବା ବଳେ ବଳେ ତା ପାଖକୁ ଟାଣି ହେଇଯିବ ।

ନରେଶ ସେହିପରି ସରଳା ପାଖରେ ଦିନେ ଯାଇ ଠିଆ ହୋଇଥିଲା ଖେଳସାଥି ରୂପରେ । କିନ୍ତୁ କିଏ ଜାଣିଥିଲା······ଏହି ଖେଳ ସାଥିଟି ଦିନେ ତାର କୁମାରୀତ୍ୱକୁ ଉପହାସ କରି ତା ଠାରେ କଳଙ୍କର ଟିକା ଟିହାଇ ଦେବ ବୋଲି— ?

ନରେଶ ଧନୀ ଘରର ପୁଅ । ଦେଖିବାକୁ ସୁନ୍ଦର, ହସ ହସ ମୁହଁରେ ଯେ କୌଣସି ଲୋକର ମନକୁ ଆକର୍ଷଣ କରି ପାରେ । ସୁନ୍ଦର ଦେହର ଗଠନ । ପୁରୁଷର ଲୋଭନୀୟ ସୌନ୍ଦର୍ଯ୍ୟ ପାଖରେ ନାରୀର ଦମ୍ଭ ଭାଙ୍ଗି ଚୁରି ଯାଏ— । ସରଳା ଠିକ୍ ସେହିପରି ବଳେ ବଳେ ଟାଣି ହୋଇ ଯାଇଥିଲା ନରେଶର ରୂପ ଦେଖି ।

କିନ୍ତୁ କଣ ହେଲା ?

ନରେଶ କଣ ସରଳାକୁ ନିଜର କରି ପାରିଲା ? ଯେଉଁ ପବିତ୍ର ମନ ଖଣ୍ଡିକ ନେଇ ସେ ନରେଶକୁ ତାର ନାରୀତ୍ୱର ଶ୍ରେଷ୍ଠ ସମ୍ପଦ ଅର୍ପଣ କରିଥିଲା । କଣ ହେଲା ତାର ପରିଣାମ ?

ନରେଶର ଗୋଡ଼ ଧରି ସରଳା କେତେ କାନ୍ଦିଛି । ତାର କଅଁଳ ଜୀବନଟିକୁ ଜଳା ପୋଡ଼ା ପାଉଁଶ ନ କରିବା ପାଇଁ କେତେ ବିନୟ ହୋଇଛି । କିନ୍ତୁ ବିନୟ ବଦଳରେ ନରେଶ ଠାରୁ କଣ ପାଇଛି ସରଳା ? ଗୋଇଠା ମାଡ଼, ତିରସ୍କାର, ଏଇମିତି ଆହୁରି କେତେ କଣ ।

ଆଜି ଯାହାର ହାତ ଧରି ସେ ଏ ଘରକୁ ଆସିଛି ସେ ଯଦି ତାର ଏହି କଳଙ୍କର କଥା ଜାଣେ ତେବେ—ତେବେ କଣ ହେବ ସରଳାର ଭବିଷ୍ୟତ ଜୀବନ ?

ମୁହଁରେ ଲୁଗାଦେଇ କହିଁ କହିଁ ହୋଇ କାନ୍ଦି ଉଠିଲା ସରଳା । ଘରେ କେହି ନାହାଁନ୍ତି ସାନ୍ତ୍ୱନା ଦେବାକୁ । ସେ ଆଜି କୁଳବଧୂ । କବାଟ କୋଣରେ ବସିଛି ମୁଣ୍ଡରେ ଓଢଣା ଟାଣି ।

କେତେ ଲୋକ ଆସୁଚନ୍ତି, ବୋହୂର ମୁହଁ ଦେଖି ଧନ୍ୟ ଧନ୍ୟ ପ୍ରଶଂସା । ଠିକ୍ ଯେପରି ପୂର୍ଣ୍ଣିମାର ଚନ୍ଦ୍ର ।

ଶାଶୁଙ୍କର ଆନନ୍ଦର ସୀମା ନାହିଁ । ପାଟେଇ ବୋହୂ ପାଇ ମନ ତାଙ୍କର କୁଣ୍ଢେ ମୋଟ । ଯିଏ ଆସୁଚି ତାକୁ ଡାକି ଆଣି ମଝି କୋଠାରେ ବସାଇ ବୋହୂ ଦେଖାଇବାରେ ସେ ବ୍ୟସ୍ତ ।

ଚତୁର୍ଥୀ ପିଣ୍ଡ ପଡ଼ି ସାରିଲାଣି, କୁଣିଆ ଆସିଛନ୍ତି । ଗହଳ ଚହଲରେ ଝଣ୍ଟାଟା ଫାଟି ପଡୁଚି । ଦଆ-ନଆ, ଖିଆ-ପିଆ ଚାଲିଚି । ଘରେ ସମସ୍ତେ ବ୍ୟସ୍ତ । ସରଳା ଯେ କବାଟ କୋଣରେ ଏକା ଏକା ବସି ତାର ଅତୀତ ଜୀବନ କଥା ଭାବୁଚି ଆଉ କାନ୍ଦି କାନ୍ଦି ଆଖି ଦୁଇଟା ଫୁଲେଇ ଦେଲାଣି, ଏକଥା କିଏ କାହିଁକି ଜାଣିବ ଆଉ କିଏ କାହିଁକି ଦେଖିବ ?

ହଁ, ଆଜି ସରଳାର ମଧୁଶଯ୍ୟା । ରାତିକି ସ୍ୱାମୀଙ୍କ ସାଙ୍ଗରେ ତାର ଭେଟ ହେବ । ସ୍ୱାମୀ ଦେବତା । କିନ୍ତୁ ପହିଲି ଦେଖାରେ ସ୍ୱାମୀ ଆସି ତା ପାଖରେ ବସିବେ । ଦୁଇ ହାତ ବଢାଇ କୋଳକୁ ଆଉଜାଇ ନେବେ । ମୁହଁରୁ ଓଢଣା ଟାଣି ଓଠରେ ହାତ ଦେଇ ମୁହଁଟି ଅଳିଅ ପାଖକୁ ଟେକି ଧରିବେ ।

କିନ୍ତୁ ସରଳା ଚାହିଁ ପାରିବତ ସ୍ୱାମୀର ମୁହଁକୁ ? ଆଖି ନିଶ୍ଚୟ ଜି ହୋଇଯିବ । ସ୍ୱାମୀ ତାର ଭାବିବେ ଲଜ୍ଜ୍ୟାରେ ଆଖି ବୁଜି

୫—ହାରଜିତ

ଦେଉଚି, କିନ୍ତୁ ସେତେବେଳେ ସରଳା ମନରେ ଯେଉଁ ଝଡ଼ ଉଠିବ ସେ କଥା ବୁଝିବ କିଏ ?

ମଧୁଶଯ୍ୟା ରାତିରେ ସ୍ୱାମୀଙ୍କୁ ତାର କଣ ଏ ପାପ ଅଙ୍ଗ ସ୍ପର୍ଶ କରିବାକୁ ଦେବ ସେ ? ନା—ନା—ଏହା କଦାପି ସେ କରାଇ ଦେବନି । ଦେବତା ପରି ସ୍ୱାମୀଙ୍କୁ ସେ ଠକାଇ ପାରିବନି ?

ସ୍ୱାମୀ !

କିଏ ତାର ସ୍ୱାମୀ ? ଆଜି ଯେଉଁ ଘରକୁ ବୋହୂ ହୋଇ ଆସିଚି । ଯାହାକୁ ଦୁନିଆଁ ଲୋକଙ୍କ ଉପସ୍ଥିତିରେ ବିବାହ କରିଚି, ସେହି ମନୋଜ କଣ ତାର ସ୍ୱାମୀ ?

ନା—ନା—ସନୋଜ ତାର ସ୍ୱାମୀ ହୋଇ ନପାରେ । ସେ ଜଣଙ୍କୁ ତାର ଦେହ ଦାନ କରିଚି । ଆଉ ଜଣଙ୍କୁ କିପରି ସେ ପୁଣି ତାର ନାରୀର ଅମୂଲ୍ୟ ସମ୍ପଦ ଦାନ କରିବ ? ଏଥିରେ ପାପ ହେବନି ?

କିନ୍ତୁ !

କିନ୍ତୁ ଅଉ କଣ ? ସବୁ କଥା ଖୋଲି କହିଦେବ—ସେ ସନୋଜର ହୋଇ ପାରିବନି । ତାକୁ ଠକେଇ ପାରିବନି ।...

ସରଳାର କଣ୍ଠ ଥରି ଉଠିଲା । ଆଖିରୁ ଲୁହ ଧାର ଝରିଲା । କବାଟ ଫାଙ୍କରେ ଅନାଇଁଲା । କିଏ ଜଣେ ଘର ଭିତରକୁ ପଶି ଆସୁଚି । ସରଳା ଓଢ଼ଣା ଭିତରୁ ଆଖିର ଲୁହ ପୋଛି ଧୀର ଭାବେ ବସି ରହିଲା— ।

ଶାଶୂ ଆସି କୋମଳ କଣ୍ଠରେ କହିଲେ—

"ସମସ୍ତେ ଖାଇ ସାରି ଯିଏ ଯୁଆଡ଼େ ଗଲେଣି । ଚାଲେ ମା କଣ ଦ'ଟା ଖାଇଦେବୁ ।"

ଧୀର ଗଳାରେ ସରଳା କହିଲା—

"ନା ମା, ମୁଁ ଖାଇବିନି—ମୋତେ ଭୋକ ନାହିଁ ।"

"ଏ କି କଥା କହୁଚୁଲୋ ଝିଅ ? ସକାଳ ପହରୁ ଗାଧୋଇ କଣ ପଣା ଟିକିଏ ପିଇଥିଲୁ । ପେଟ ଅସି ପିଠିରେ ଲାଗିଲାଣି । ଚାଲେ ମା ! ମୋ ସାଙ୍ଗରେ ଦି'ଟା ଖାଇଦେବୁ ।"

'ଶାଶୁଙ୍କର କଅଁଳ କଥା ଏଡ଼ିଦେଇ ପାରିଲାନି ସରଳା । ତାଙ୍କ ସାଙ୍ଗରେ ଯିବ ବୋଲି ଉଠି ଠିଆ ହେଲା ସେ । ଶାଶୁ ତାର ଆଗେ ଆଗେ ଚାଲିଲେ । ସରଳା ପଛେ ପଛେ ଆସି ରୋଷେଇ ଶାଳରେ ପହଞ୍ଚିଲା ।

ଭାତ ତରକାରି ବଢ଼ାଗଲା । ଶାଶୁ ବସିଲେ । ପାଖରେ ସରଳା ବସି ଧୀରେ ଧୀରେ ଖାଇବାକୁ ଲାଗିଲା ।

ଖାଇବା ଶେଷ କରି ସରଳା ଫେରି ଆସିଲା ନିଜ ଥାନକୁ । ପୂର୍ବରୁ ଯେଉଁ କବାଟ କଣରେ ବସିଥିଲା ସେହି କବାଟ କଣରେ ପୁଣି ଆସି ବସିଲା । ମନ ଟିକିଏ ହାଲୁକା ଜଣା ପଡୁଥିଲା ସରଳାର ।

ସନ୍ଧ୍ୟା ଦୀପ ଘରେ ଘରେ ଜଳି ଉଠିଲା । ଦେବତା ମନ୍ଦିରରେ ବାଜି ଉଠିଲା ଶଙ୍ଖ ଘଣ୍ଟା । ସରଳା ସେହି କବାଟ କୋଣରେ ଟିକିଏ ଢୁଳେଇ ପଡ଼ିଥିଲା । ଚେତାପାଇ ଧୀରେ ୨ ଆଖିପତା ଖୋଲି ଅନାଇଁଲା—ଘର ଅନ୍ଧାର । ଉଠି ବସିଲା । ଶାଶୁ ଢିଅ ଦୀପଟିଏ ଆଣି ମଝି କୋଠାରେ ଥୋଇ ଦେଇ ଚାଲିଗଲେ ।

ସରଳାର ଛାତି ଭିତରେ କିଏ ଯେପରି ଗୋଟାଏ ହାତୁଡ଼ି ପିଟୁଥିବାର ସେ ଅନୁଭବ କଲା । ପୁଣି ନିଜ କଥା ଭାବି ପ୍ରାଣ ଭିତରଟା ତାର ଥରିବାକୁ ଲାଗିଲା । ସନ୍ଧ୍ୟା ପ୍ରହର ଯେତେ ଘନେଇ ଆସୁଥାଏ ସରଳାର ପ୍ରାଣ ସେତେ ଅଧୀର ହେଉଥାଏ ।

ସରଳା ଓଢଣା ଫାଙ୍କରୁ ଅନାଇଁଲା—ଅଧାବୟସୀ ସ୍ତ୍ରୀ ଲୋକଟିଏ । ହାତରେ ସୁନା ଚୁଡ଼ି । କାନରେ ଦୁଲ ଟକ୍ ଟକ୍

କରୁଛି । ପିନ୍ଧିଛି ନୀଳରଙ୍ଗର ଝର୍ଣ୍ଣେ ସିଲ୍କ ଶାଢୀ । ମୁଣ୍ଡରେ ଅଧା ଓଢଣା ରହିଛି । ଖୋସାରେ ଗୋଟିଏ ଫୁଲ ତୋଡ଼ା ଖୋସିଛି । ଗୃହିଣୀ ଛଟକରୁ ରସିକା ପରି ମନେ ହେଉଛି ।

ସେହି ରସିକା ସ୍ତ୍ରୀଟି ପଲଙ୍କ ଉପରେ ଶେଜ ବିଛେଇ ଦେଉଥିବାର ସରଳା ଦେଖୁଥିଲା । ଆଉ ମନେ ମନେ ଭାବୁଥିଲା—ଆଜି ମଧୁଶଯ୍ୟା । ସ୍ୱାମୀ-ସ୍ତ୍ରୀର ମିଳନ—।

ମୁହଁରେ ତାର ଫିକାଳିଆ ହସ । ଆଖିରେ ଲୁହ ଧାର । ଅନ୍ତରଟା କାପର ଚକାଟି ମନ୍ଥି ହେଉଛି । ଆଉ ଅଧ ଘଣ୍ଟାକ ପରେ ସ୍ୱାମୀ ତାର ଆସି ପଲଙ୍କ ଉପରେ ବସିବେ । ଆଦର କରି ପାଖକୁ ଡାକିବେ, ସେ କବାଟ କୋଣରେ ସେହିପରି ଓଢଣା ଟାଣି ବସିଥିବ । ଧୀରେ ଧୀରେ ସ୍ୱାମୀ ତାର ପଲଙ୍କ ଉପରୁ ଉଠି ଆସି ସରଳାର ହାତ ଧରି ପଲଙ୍କ ଉପରକୁ ଟାଣି ନେବେ ।

ସେତେବେଳେ କଣ ହେବ ? ସରୋଜର କର ପରଶ, ସରଳା ଦେହରେ ଲଗାଇବାକୁ ଦେବତ ?

ଓଠ ଦୁଇଟି ଥରି ଉଠିଲା ସରଳାର । ରସିକା ସ୍ତ୍ରୀ ଲୋକଟି ଏଡ଼େ ଅନାଇଁ ଦେଖୁଥିଲା ସେ—ଦୃଷ୍ଟି ତାର ବଡ଼ କରୁଣ—

ରସିକା ସ୍ତ୍ରୀ ଲୋକଟି ଶେଜ ପାରୁଥିଲା । ମନରେ ତାର କେତେ ଆନନ୍ଦ । ମନେ ମନେ ଭାବୁଥିଲା ସେ—ତା ପାଇଁ ବି ଦିନେ ଏହିପରି ଶେଜ ବିଛା ହୋଇଥିଲା । ପହିଲି ମିଳନର ଶଯ୍ୟା—ଭାବିଲେ ହୃଦୟରେ ଗୋଟାଏ ଶିହରଣ ଖେଳି ଯାଉଛି । ପହିଲି ମିଳନର ସ୍ମୃତି ଭୁଲିବାର ନୁହେଁ କି ଭୁଲି ହେବନି ।

ମଧୁଶଯ୍ୟାର ଶେଜଟି ବେଶ୍ ପରିପାଟୀ କରି ବିଛେଇ ଦେଇ ରଜନୀଗନ୍ଧାର ଫୁଲ ଗୁଚ୍ଛଏ ପଲଙ୍କ ଚଉଅଧି ପଟରେ ବାନ୍ଧିଦେଲା । ଫୁଲର ମହକରେ ଘର ସୁଗନ୍ଧିତ ।

ଶେଜ ଶେଷେର ପାରି ରସିକା ସ୍ତ୍ରୀ ଲୋକ ଜଣେକ ଅସ୍ତ ଠିଆ ହେଲା ସରଳା ପାଖରେ । ସରଳା ଭାବୁଥିଲା—କଣ ଅବା ପରିହାସ ଛଳରେ କହିବ ।···କି ଉତ୍ତର ଦେବ ସେ ?

ରସିକା ସ୍ତ୍ରୀ ଲୋକଟି ମଧୁର ହସରୁ ଫାଲେ ଅଧର ଫାଙ୍କରୁ ଟାଣିଦେଇ କହିଲା—

"ଆଉ ଅଳ୍ପ ସମୟ ପରେ କାନ୍ତ ଆସିବେ ଗୋ-ଆସିବେ···।

ଅଧିର ହୁଅନା ଗୋ···ହୁଅନା ।"···

ଫିକ୍ କରି ହସିଦେଇ ପାଦର ନୂପୁର ରୁଣୁଝୁଣୁ କରି ଶବ୍ଦ ବାହାରିଗଲା ରସିକା ସ୍ତ୍ରୀ ଲୋକ ଜଣେକ ।

ମନେ ମନେ ହସି ଉଠିଲା ସରଳା ।

"କିଏ କାନ୍ତ ?··· ଆଉ କିଏ କାହାର କାନ୍ତା ?"

ନା-ନା ଏ ବିବାହ ସେ କୌଣସି ପ୍ରକାର ସମର୍ଥନ କରି ପାରିବନି—ପାରିବନି । ଗୋଟାଏ ପବିତ୍ର ଆତ୍ମାର ଅମଙ୍ଗଳ ସେ ଜାଣୁ ଜାଣୁ କିପରି କରିବ ?

ମଙ୍ଗଳ ଆଉ କ'ଣ ଅଛି ଯେ ?···ଦୁନିଆଁ ତ ଜାଣେ ସରଳା ସରୋଜକୁ ବିବାହ କରିଛି । ଧର୍ମକୁ ସାକ୍ଷି ରଖି ସେ ତାର ବିବାହିତା ସ୍ତ୍ରୀ ।

"ସ୍ତ୍ରୀ !"

କହିଦେଲେ କ'ଣ ହେଇଗଲା ? ପୁରୋହିତ ମନ୍ତ୍ର ପଢି ହାତଗଣ୍ଠି ପକାଇ ଦେଲା ବୋଲି ସ୍ୱାମୀ-ସ୍ତ୍ରୀ ପବିତ୍ର ବନ୍ଧନରେ ବନ୍ଧା ହୋଇଗଲା ?

ଭୁଲ୍—ମହାଭୁଲ୍ ଏକଥା ।

ନାରୀ ଜୀବନରେ ମାତ୍ର ଜଣେ ପୁରୁଷ ଆସେ । ସେ ସାଧୁ ହେଉ ବା ଅସାଧୁ ହେଉ । ଥରୁଟିଏ ପାଇଁ ଯଦି ତାର ପୂର୍ଣ୍ଣ ସେ

ପାଇଲା, ମନ ସାଙ୍ଗରେ ଯଦି ମନ ମିଳିଗଲା—ଏହି ମିଳନକୁହିଁ କହିବା ପ୍ରକୃତ ମିଳନ । ସ୍ୱାମୀ—ସ୍ତ୍ରୀର ପବିତ୍ର ନିବିଡ଼ ବନ୍ଧନ ।

ସରଳା ସିନା ଏତେ କଥା ଭାବୁଚି, ମାତ୍ର କାହିଁ ? ନରେଶ କେବେ ଏ କଥା ଭାବିଲାନି ? ଥରୁଟିଏ ପାଇଁ ଯଦି ନରେଶ ସରଳା କଥା ଭାବି ଥା'ନ୍ତା ତେବେ—ତେବେ ସରଳା ଆଜି ଏପରି ଅପରର ସ୍ତ୍ରୀ ହୋଇ ଆସି ନଥାନ୍ତା ।

ନରେଶର କଣ ଟିକିଏ ମମତା ସରଳା ପାଇଁ ନାହିଁ । ଶେଷରେ ଗୋଇଠା ମାରି ବାହାର କରି ଦେଲା । ଯେଉଁ ସରଳାକୁ ହସି ହସି କୋଳକୁ ଟାଣି ନେଇ ଥିଲା, ସେହି ଆଦରର ସରଳାକୁ ଶେଷକୁ ଉପେକ୍ଷିତ କରିଦେଲା ସେ ?

ସରଳା ବକୁଳରେ କାନ୍ଦି ଉଠିଲା ଗୁମୁରି ଗୁମୁରି । କଣ ସେ କରିବ ? କିଛି ଉପାୟ ନାହିଁ, ସେ ନିରୁପାୟ । ସ୍ତ୍ରୀ ଜାତି ପ୍ରତି ସମାଜର ବାଧା, ପ୍ରତିବନ୍ଧକ ଏଇମିତି କେତେ କଣ ଅଛି ।

ଏସବୁ ଏଡ଼ି ସରଳା ଏକାକୀ ଜୀବନ କଟାଇ ପାରିବତ ? ସତ୍ୟେଶକୁ ଯଦି ତାର ପ୍ରକୃତ ଜୀବନର ଇତିହାସ ଶୁଣାଇ ଦିଏ, ସତ୍ୟେଶ ଆଉ ତାକୁ ଘରେ ସ୍ଥାନ ଦେବ କି ?

ଘରେ ସ୍ଥାନ ନ ଦେଉ, କ୍ଷତି କଣ ଅଛି ? ତଥାପି ଏକା ଏକା ନୀଡ଼ ହରା ପକ୍ଷୀଟି ପରି ଜୀବନଟାକୁ କଟାଇ ଦେବ । ଯାହାର ଘର ଦ୍ୱାର ନାହିଁ ସେବିତ ପୁଣି ବଞ୍ଚି ରହୁଚି ଏ ଦୁନିଆଁରେ ?

ତେବେ—ତେବେ ସରଳା କାହିଁକି ବଞ୍ଚି ନ ରହିବ ? ନିଶ୍ଚୟ ସେ ସବୁ କଥା ସତ୍ୟେଶକୁ ଖୋଲି କହି ଦେବ । ତାର ପାପ ଦେହ ସେ କଦାପି ସ୍ପର୍ଶ କରିବାକୁ ଦେବନି ସତ୍ୟେଶକୁ ।

ତଥାପି ମନ କାହିଁକି ତାର ଦୁର୍ବଳ ହୋଇ ଉଠିଲା । ନାରୀ ଜୀବନର ସ୍ୱାଧୀନତା ଟିକକ ପୁରୁଷ ହାତରେ । ନାରୀକୁ ପଦେ

ପଦେ ବିପଦର ସମ୍ମୁଖୀନ ହେବାକୁ ପଡୁଚି । ସଭିଙ୍କର ମନ ଯୋଗାଇବାକୁ ପଡୁଚି । ଖଣ୍ଡା ଧାରରେ ବାଟ ଚାଲିଲା ପରି ତାର ବିପଦ । ତଥାପି ନାରୀ ବଞ୍ଚି ରହୁଚି ଓ ରହୁଚି ମଧ୍ୟ— ।

ଦୁର୍ବଳ ମନରେ ଶକ୍ତି ଆଣିବା ପାଇଁ ଯେତେ ସାହସ କରୁଚି ମୋଟେ ଆଣି ପାରୁନି । ଖାଲି ଆଖିରୁ ଲୁହ ଗଡ଼ାଇବା ସାର ହେଉଚି ସରଳାର ।

ଘର ଭିତରକୁ ପଶି ଆସିଲା ସରୋଜ । ହସ ହସ ମୁହଁ, ମଠା ଲୁଗା ପିନ୍ଧିଚି । ମଠା ପଞ୍ଜାବି ଦେହକୁ ବେଶ ମାନିଚି । ମୁଣ୍ଡରେ ଚନ୍ଦନର ଫୁଟା । ବେକରେ ଫୁଲମାଳ, ଗୋଡ଼ରେ ଅଳତା । ମନରେ କେତେ ଆଶା—କେତେ ଆନନ୍ଦ ନେଇ ସେ ଘର ଭିତରକୁ ଆସିଚି । ଅଚିହ୍ନା କଅଁଳିଆ ପ୍ରାଣଟି ସାଙ୍ଗରେ ତାର ଆଜି ହେବ ପ୍ରଥମ ପରିଚୟ—ପହିଲି ମିଳନ । ଆବେଗ ମନରେ ସେ ଘର ଭିତରକୁ ଆସିଚି । ଆଜି ତାର ମଧୁ ଶଯ୍ୟା । ସ୍ୱାମୀ-ସ୍ତ୍ରୀ ଏକ ହେବେ— । ଗଛ ସାଙ୍ଗରେ ଲତା ଛନ୍ଦହେଲା ପରି ।

ସରଳା ଓଢ଼ଣା ଫାଙ୍କାରୁ ଦୃଷ୍ଟି ନିକ୍ଷେପ କରି ଦେଖୁଚି । ସରୋଜ ଆସି ପଲଙ୍କ ଉପରେ ବସିଲା । ତିନି ମିନିଟ ପାଇଁ ଘର ନୀରବ--ନିସ୍ତବ୍ଧ ।

ପଲଙ୍କ ଧାରରେ ସରୋଜ ବସି ଏକ ଲୟରେ କବାଟ କୋଣରେ ବସିଥିବା ଅବଗୁଣ୍ଠିତା ସରଳା ଆଡ଼କୁ ଅନାଇଁ ରହିଚି । ଓଠ ଧାରରେ ମୁରୁକି ମୁରୁକି ହସ ।

ଶିହରି ଉଠିଲା ସରଳା । ଓଢ଼ଣା ଫାଙ୍କ ବାଟେ ଅନାଇଁଲା— ଏ ରୂପ ପାଖରେ ନାରୀର ସମସ୍ତ ଦମ୍ଭ ଭାଙ୍ଗି ଚୁରୁ ଚୁରୁ ହୋଇଯିବ । ସରୋଜର ସରଳ ମନ ପାଖରେ ସେ କିପରି ବା ଏ କଳଙ୍କର ମୁହଁଟି ଥୋଇବ ? ନରମ କଳିଜା ସରଳାର ଥରି ଉଠୁଥିଲା ।

ପଲଙ୍କ ଧାରରୁ ଉଠି କବାଟ କୋଣ ପାଖକୁ ଧୀରେ ଧୀରେ ଆସିଲା ସରୋଜ ।

ସରୋଜର ଆସିବା ଦେଖି ସରଳାର ଛାତି ଧକ୍ ଧକ୍ କରି ଉଠିଲା । ନରମ ଓଠ ଦୁଇଟି ତାର ଥରିବାକୁ ଲାଗିଲା ।

ସରୋଜ ସରଳାର ଖୁବ୍ ପାଖରେ ଠିଆ ହୋଇ ଧୀର ଗଳାରେ କହିଲା—

"କ'ଣ ଏଇ କୋଣରେ ବସି ରହିଥିବ ?"

"... ... ... ... ... ..."

ସରଳା ନୀରବ ରହିଲା । କ'ଣ ବା ଆଜି ସେ କହିବ ? ମନ ଭିତରେ ସେତେବେଳକୁ ଉଠୁଥିଲା ଝଡ଼—।

ସରୋଜ ସରଳାର ଖୁବ୍ ନିକଟକୁ ଯାଇ ଠିଆହେଲା । ଧୀର କଣ୍ଠରେ ଡାକିଲା—

"ମଧୁ-ରଜନୀରେ ମଧୁଶଯ୍ୟା ଉପରେ ନବସି ଏଠି ବସିବା କ'ଣ ସୁନ୍ଦର ଦେଖା ଯାଉଚି ପ୍ରିୟେ ?"

ସରୋଜର କଥା କହିବା ମଧୁର ଭଙ୍ଗୀରେ ସରଳାର ପ୍ରାଣ କାନ୍ଦି ଉଠିଲା । କଳା କଳା ଡୋଳା ଦୁଇଟିରେ ପୂରି ଆସିଲା ଲୁହ । ଦେହ ମନ ତା'ର ଥରି ଉଠୁଥିଲା ।

"ପ୍ରିୟେ !"

କେଡ଼େ ମଧୁର ସ୍ୱର । ଯେକୌଣସି ନବ ପ୍ରଣୟିନୀ ଏ ଡାକ ଶୁଣି ଆନନ୍ଦରେ କୁରୁଳି ଉଠିବାର କଥା । କିନ୍ତୁ ସରଳାକୁ କାହିଁକି ଏ ସମ୍ବୋଧନରେ ଅଡୁଆ ଅଡୁଆ ଲାଗୁଚି ? ଦେହ ମନରେ ନୀରସ ଖେଳି ଯାଉଚି—

କୋମଳ କର ସ୍ପର୍ଶରେ ଥରି ଉଠିଲା ସରଳା । ସରୋଜ ତାର କାନ୍ଧରେ ହାତ ଥୋଇ ମଧୁର କଣ୍ଠରେ ଡାକୁଚି—

"କ'ଣ ମୋ କଥା କାନରେ ପଶୁଛି ନା ନାହିଁ ?"

"………………"

ତଥାପି ସରଳା ନୀରବ । କ'ଣ କହିବ ଅଉ କ'ଣ ନକହିବ ଏଇ କଥାକୁ ମନେ ମନେ ଭାବୁଥିଲା ସେ ।…ତା'ର ଏ କଳଙ୍କର କଥା ମୁହଁ ଖୋଲି କିପରି କହିବ ? ଯଦି ବା ସେ ସବୁ ଘଟଣା ସରୋଜକୁ ଖୋଲି କହିଦଏ—ତେବେ ସରୋଜ ମନରେ ଯେଉଁ ଝଡ଼ ଉଠିବ ତା'ର ପରିଣାମ ଶେଷକୁ କ'ଣ ହେବ ?

ସରୋଜ ସରଳାର ହାତ ଧରିଲା । ଅଳପ ଝିଙ୍କି ଦେଇ ମଧୁର କଣ୍ଠରେ ପୁଣି ଆହ୍ୱାନ କଲା ସେ—

"ଆସ !"

ସରଳା ହାତ ଟାଣିଲା । ସରୋଜ କିନ୍ତୁ ଛାଡ଼ିଲାନି । ଜୋରରେ ଝିଙ୍କି ଆଣିଲା ନିଜ ଆଡ଼କୁ । ସରଳା ଧୀରେ ଧୀରେ ଉଠି ଠିଆ ହେଲା । ଦେହ ତାର ଥରି ଉଠୁଥିଲା ସେତେବେଳକୁ ।

ସରୋଜ ସରଳାର ହାତ ଧରି ପଲଙ୍କ ପାଖକୁ ଘେନି ଆସିଲା । ସରୋଜ ପଲଙ୍କ ଉପରେ ବସି ସରଳାକୁ ପାଖରେ ବସିବାକୁ କହିଲା, କିନ୍ତୁ ସରଳା ବସିଲାନି । ସେହିପରି ପଲଙ୍କ କଡ଼କୁ ଆଉଜି ଠିଆ ହୋଇ ରହିଲା ।

ସରଳା କଣେଇ କଣେଇ ସରୋଜକୁ ଅନାଉଥିଲା । ସରୋଜ ମୁହଁରେ ମୁରୁକି ହସ । ମନରେ ତା'ର ନବୀନ ପୁଲକ । ପ୍ରାଣ ଭିତରେ ମଧୁର ମିଳନର ପିପାସା—।

ସରୋଜ ସରଳାର କାନ୍ଧ ଉପରେ ହାତ ଥୋଇଲା ।

"କ'ଣ ଏଇ ପଲଙ୍କ କଡ଼କୁ ଆଉଜି କରି ଠିଆହେବା ପାଇଁ ତମକୁ କବାଟ କୋଣରୁ ଉଠାଇ ଆଣିଲି—?"

ଏ କଥାର ଉତ୍ତର କ'ଣ ଦେବ ସରଳା ? ମନ ଭିତରେ ତା'ର କିପରି ଯନ୍ତ୍ରଣା ହେଉଛି ସେ କଥା ଯଦି ସରୋଜ ବୁଝନ୍ତା, ତେବେ ସେ ଏପରି ଦାହଗଞ୍ଜରୁ ରକ୍ଷା ପାଇଯାଆନ୍ତା । ମନର କୋହକୁ ଆଉ କେତେ ସମୟ ଗୁପି ରଖିବ ? ହୃଦୟ ଆବେଗ କ୍ରମଶଃ ବଢ଼ି ଚାଲିଛି —।

ସରୋଜ ଏକାଥରେ ଦୁଇ ହାତରେ ସରଳାକୁ ପଲଙ୍କ ଉପରକୁ ଟେକି ଆଣି ବସାଇ ଦେଲା । ଆଗ୍ରହରେ ଓଢ଼ଣୀଟି ନିଜ ହାତରେ ବାହାର କରି ପକାଇଲା ସରଳା ମୁହଁରୁ । ଦୁଇ ହାତରେ ସରଳାର ବାହାକୁ ଭିଡ଼ି ଧରି ନିଜ ଛାତି ଉପରକୁ ଆଉଜାଇ ଆଣି ସରଳାର ଚିକ୍କଣ ଗାଲରେ ସ୍ନେହମିଶା ଚୁମ୍ବନ ଦେବ ବୋଲି ମୁହଁ ବଢ଼ାଇବା ସମୟରେ ସରଳା ଚିତ୍କାର କରି ଉଠିଲା । କହିଁ କହିଁ ହୋଇ କାନ୍ଦିଲା ସେ । ଆଖିରୁ ତା'ର ଲୁହ ଧାର ଛୁଟିଲା —।

ନିଜର ବାହୁ ପାଶରୁ ସରଳାକୁ ମୁକୁଳାଇ ଘୁଞ୍ଚି ବସିଲା ସରୋଜ । ଆଶ୍ଚର୍ଯ୍ୟରେ ସେ ଅନାଇଁ ରହିଲା ସରଳାକୁ ।

ସେହିପରି ସରଳା କାନ୍ଦୁଛି ।

ଧୀର ଗଳାରେ ସରୋଜ ପଚାରିଲା —

"କ'ଣ ହେଲା ତମର ? ଏପରି ଚିତ୍କାର କରି ଉଠିଲ ଯେ ?"

"......................"

ସରଳାର ମୁହଁ ଖୋଲିଲା ନି । ସେ ଖାଲି କହିଁ କହିଁ ହୋଇ କାନ୍ଦି ଉଠିଲା । ସେ କାନ୍ଦଣା ବଡ଼ କରୁଣ — ବଡ଼ ମର୍ମସ୍ପର୍ଶୀ —।

ସରୋଜ ମନରେ ଦୟା ଆସିଲା । ସରଳାର କାନ୍ଦଣାରେ ନିଜ ଆଖିରୁ ବି ଲୁହ ଜକେଇ ଆସିଲା । ଅଧୀର କଣ୍ଠରେ ପଚାରିଲା ସେ —

"କ'ଣ ହେଲା ସରଳା ? ମତେ ତମର ମନ କଥା କହିବ ନି ? ତମକୁ ମୋ ରାଣ ।...କ'ଣ ହେଉଛି ତମର ମତେ କହ —।"

ଆଦର କରି ସରଳାକୁ ନିଜ କୋଳକୁ ପୁଣି ଟାଣି ଆଣିଲା ସରୋଜ । କିନ୍ତୁ ସରଳା ପୁଣି ଦୂରେଇ ଗଲା । ସରଳାକୁ ନିଜ କୋଳକୁ ଆଉ ଥରେ ଭିଡ଼ି ଆଣିବା ସମୟରେ ସରଳା ନିଜକୁ ସରୋଜ ହାତରୁ ମୁକୁଳାଇ କାନ୍ଦ କାନ୍ଦ କଣ୍ଠରେ କହିଲା—

"ମୋ ଦହରେ ହାତ ଦଅନି—। ମୁଁ ବଡ଼ ଅଭାଗିନୀ—।"

ଆଉ କିଛି କହି ପାରିଲାନି ସରଳା । ପୁଣି କାନ୍ଦିଲା ସେ । ଅନ୍ତର ଭିତରୁ ଉହାଇ ଉହାଇ ଖାଲି ଉଠି ଆସିଲା କୋହ—।

ଆଦର କରି ସରୋଜ କହିଲା—

"ପାଗଳୀ ! କିଏ କହିଲା ତୁମେ ଅଭାଗିନୀ ? ତୁମେ ଯେ ସରୋଜର । ତୁମକୁ ସୁଖୀ ରଖିବା ପାଇଁ ମୁଁ ସାତ ସମୁଦ୍ର ପହଁରି ଯାଇପାରେ—।"

"ନା-ନା, ତମେ ଦେବତା । ମୋ ପରି—"

ପାଟି କଥା ପାଟିରେ ଅଟକି ରହିଲା । ଆଖିରୁ ବୋହି ଆସୁଥିବା ଲୁହକୁ ସେ ଲୁଗା କାନିରେ ପୋଛି ଦେଉଥିଲେ ବି ତା'ର କାନ୍ଦଣା ବନ୍ଦ ହେଉ ନଥିଲା—।

''କଣ ହେଲଚି—ମତେ କହିବନି ? ମୁଁ କ'ଣ ତମର ଯୋଗ୍ୟ ହେଇନି ବୋଲି ତମେ ମନ ଦୁଃଖରେ କାନ୍ଦୁଚ ?''

''ନା-ଗୋ-ନା—! ତମକୁ ପାଇଚି, ମୋ ପୂର୍ବ ଜନ୍ମର ତପସ୍ୟା ଇଏ । ତମେ ଦେବତା—ଜାଣୁ ଜାଣୁ—।''

ଆଶ୍ଚର୍ଯ୍ୟରେ ସରୋଜ ପଚାରିଲା—

''କ'ଣ ଜାଣୁ ଜାଣୁ ? ···ମତେ ସବୁ କଥା ଖୋଲି କହ—। ତମକୁ ମୋ ରାଣ ।''

ଧୀର ଗଳାରେ ସରଳା କହିଲା—

''ମୋତେ ତମେ ଛୁଇଁ ପାରିବନି । ତମପରି ଦେବତାର

ସ୍ୱର୍ଣ୍ଣରେ ମୁଁ କଳଙ୍କିତ । —ମୁଁ ପାପିନୀ—କଳଙ୍କିନୀ ମୁଁ—ତମ ପାଖରେ ମୋର ସ୍ଥାନ ନାହିଁ ।"

କହିବା ସଙ୍ଗେ ସଙ୍ଗେ ସରଳା ସରୋଜର ପାଦତଳେ ଢଳିପଡ଼ିଲା । ଆଖିର ଲୁହରେ ପାଦ ଦୁଇଟି ତନ୍ତ୍ରାଇ ଦେଲା ସେ ।

ସରୋଜ ମୂକ ପାଲଟି ଗଲା । ମୁହଁରୁ କଥା ଆସିଲାନି । ଦରଦ ମିଶା କଣ୍ଠରେ କହିଲା—

"ନିଶ୍ଚୟ ସ୍ଥାନ ଅଛି । ତମର ହାତ ଧରିଛି ଧର୍ମକୁ ସାକ୍ଷୀ ରଖି । ତମର ସୁଖ—ଦୁଃଖର ସାଥୀ ମୁଁ, କ'ଣ ହୋଇଛି ମତେ ସବୁକଥା ଖୋଲି କହ—"

"ପାରିବ ତମେ ଶୁଣି ?" ସେ କଥା ଶୁଣିଲେ ତମ ମନରେ ଯେଉଁ ଝଡ଼ ଉଠିବ ତାର ପରିଣାମ ହେବ ଭୟଙ୍କର ।

"ଯାହା ହେଉ ତମେ କହ—ମୁଁ ଶୁଣିବି । ଯେତେ ଭୟାବହ ପରିଣତି ହେଲେ ବି ଶୁଣିବାକୁ ମୋର ଧୈର୍ଯ୍ୟ ଯଥେଷ୍ଟ ଅଛି । ତମେ କହି ଯାଅ । ମୁଁ ମୋଟେ ବିଚଳିତ ହେବିନି—। ତମେ ସ୍ତ୍ରୀ—ଆଉ ମୁଁ ପୁରୁଷ—।" ହୃଦୟ ମୋର ଦମ୍ଭ ଅଛି ।

"ନା-ନା-ମୁଁ କହି ପାରିବିନି—କହି ପାରିବିନି—।"

ଆଉ କିଛି କହି ପାରିଲାନି ସରଳା । ସେଇଠି ସେହି ସରୋଜର ପାଦତଳେ ମୂର୍ଚ୍ଛିତ ହୋଇ ପଡ଼ି ରହିଲା ।

ଥରି ଉଠିଲା ସରୋଜ । ମନରେ ତାର କେତେ ପ୍ରକାରର ଆଶଙ୍କା । ସରଳାକୁ ଦୁଇ ହାତରେ ଧରି ହଲାଇଲା ସେ କିନ୍ତୁ ସରଳା ଶୁଣିଲାନି । ଭୟରେ ସରୋଜର ପ୍ରାଣ ଭିତରଟା ଶିହରି ଉଠିଲା । ଗିଲାସରେ ପାଣି ଆଣି ସରଳା ମୁହଁରେ ଛାଟିବାକୁ ଲାଗିଲା ।

କିଛି ସମୟ ପରେ ସରଳାର ଚେତା ଧୀରେ ଧୀରେ ଫେରି ସୁଥିଲା । ସରୋଜ ସରଳାର ମୁଣ୍ଡଟି ନିଜ କୋଳ ଉପରେ ଥୋଇ ଏକ ଲୟରେ ତାର ମୁହଁକୁ ଅନାଇଁ ରହିଲା । ସରୋଜର ଖି ବଡ଼ କରୁଣ ଆଉ ମୁହଁରେ ଫୁଟି ଉଠୁଥିଲା ବିଷାଦ—।

**
*

ପ୍ରଥମ ସାକ୍ଷାତରେ ନରେଶ ମୁଗ୍ଧ ହୋଇ ଯାଇଥିଲା ସରଳାକୁ ଦେଖି ।

ସରଳାର କମନୀୟତା ଦେଖି ସେ ନିଜକୁ ହଜାଇ ଦେଇଥିଲା । ଭୁଲି ଯାଇଥିଲା ତାର ଓଠ ଧାରର ଲାଲିମା ଦେଖି । ମୁହଁରେ ଯେପରି ସୌନ୍ଦର୍ଯ୍ୟର ହାଟ ବସି ଯାଇଥିଲା ସରଳାର । ଆଖି ଦୁଇଟିର ଚୁହାଣିରେ ଥିଲା ମାଦକତା । ଲାସ୍ୟମୟୀ ସେ । ମୁରୁକି ହାସରେ ପ୍ରତ୍ୟେକ ମନକୁ ଆକୃଷ୍ଟ କରିବାର ଯେଉଁ ଇଙ୍ଗିତ ଥିଲା ତା ପାଖରେ, ନରେଶ ସେହିଥିରେ ହିଁ ଭୁଲି ଯାଇଥିଲା ।

ସରଳାକୁ ପାଇବା ପାଇଁ ନାନା କୌଶଳ କରି ତାଙ୍କ ଘରକୁ ଯିବା ଆସିବା କଲା । ଘରେ ସରଳାର ବାପା ବୋଉ ନରେଶକୁ ପୁଅଠୁ ବଳି ସ୍ନେହ କରିବାକୁ ଲାଗିଲେ ।

ଦିନକର ଘଟଣା । ସରଳା ଭୁଲି ପାରିନି କି ଭୁଲି ପାରିବନି ମଧ୍ୟ ।

ସେଦିନ ହୋଇଥାଏ ମହାଷ୍ଟମୀ । ସହର ବଜାରରେ ଯାତ୍ରୀମାନଙ୍କ ଭିଡ଼ । ଦୋକାନରେ ହରେକ ରକମର ଜିନିଷ ।

ମନୋହାରୀ ଠାରୁ ଆରମ୍ଭ କରି ଯାବତୀୟ ପଦାର୍ଥ ଲୋକେ କିଣିବାରେ ବ୍ୟସ୍ତ ।

ଦୂର ଗାଁରୁ ଯାତ୍ରୀ ଆସୁଛନ୍ତି ଠାକୁର ଦେଖି । ସହରରୁ କେତେ ପ୍ରକାରର ଜିନିଷ କିଣି ମନ ଆନନ୍ଦରେ ନିଜ ନିଜ ଘରକୁ ଫେରି ଯାଉଛନ୍ତି । ସବୁରିଙ୍କ ମନ ଆନନ୍ଦରେ ନାଚି ଉଠୁଚି ।

ନରେଶ ସାଙ୍ଗରେ ସରଳା ବି ଆସିଚି । ସାଇକେଲ୍ ରିକ୍ସାରେ ସହରଟା ବୁଲି ଠାକୁର ଦେଖିବାରେ ବ୍ୟସ୍ତ ସେ । ମନରେ ତାର ଅପାର ଆନନ୍ଦ । ନରେଶ ଭାଇ ତାର ସାଙ୍ଗରେ ଅଛି । ଭୟ କ'ଣ ?

ବୁଲି ବୁଲି ସରଳା ଭାରି କ୍ଳାନ୍ତ ବୋଧକଲା । ନରେଶ ବି ।

ଦୁହେଁ ମିଠେଇ ଦୋକାନକୁ ଗଲେ । କିଛି କିଛି ଜଳଖିଆ ଖାଇ ପାଣି ପିଇ ଟିକିଏ ଶାନ୍ତ ବୋଧ କଲେ ।

ତାପରେ ଆସିଲେ ନଈ ଧାରକୁ—ନିର୍ଜନ ସ୍ଥାନ । ନୀଳ ଆକାଶରେ ତାରା ଭର୍ତ୍ତି ହୋଇଚି । ତଳେ ଅର୍ଥାତ୍ ନଈ ପଠାରେ ବାଲି—ସୁନ୍ଦର ଦେଖା ଯାଉଚି । ସେହି ବାଲି ଉପରେ ବୁଦ ବୁଦକିଆ କାଶ ତଣ୍ଡି ।

ଗୋଟିଏ ନିଛାଟିଆ ସ୍ଥାନରେ ଯାଇ ବସି ପଡ଼ିଲା ନରେଶ । ସରଳା ତଳକୁ ମୁହଁ କରି ନରେଶ ପାଖରେ ଠିଆ ହେଲା ।

ଧୀର ଗଳାରେ ନରେଶ କହିଲା "ଏଇଠି ବସି ପଅଡ଼ ସର ।"

ସରଳା ବସିଲା ।

ନରେଶ ସରଳା କାନ୍ଧରେ ହାତ ଥୋଇଲା ।

"ଆଲୋ ! ପାଖକୁ ଘୁଞ୍ଚିଆ---।"

ସରଳାକୁ ନିଜ ପାଖକୁ ଟାଣି ଆଣିଲା ନରେଶ । ସରଳା ଲାଜ ଲାଜ ହୋଇ ନରେଶର ଖୁବ୍ ପାଖକୁ ଘୁଞ୍ଚି ଆସି ବସିଲା ।

ଧୀର ଗଳାରେ ନରେଶ କହିଲା—

"କଣ ଡର ମାଡୁଛି ?"

"ନାଇଁମ, ଡର କାହିଁକି ମାଡ଼ିବ ?"

"ସର !"

"ଉଁ !"

"ଗୋଟାଏ କଥା କହିବି କହିବି ବୋଲି କେତେଥର ଦିନୁ ଭାବୁଛି, ଏ ଯାଏ କହି ପାରିନି—।"

ସରଳାର କଅଁଳ ମନ ଥରି ଉଠିଲା, କାହିଁକି । ନରେଶ ଭାଇ ପୁଣି ମତେ କି କଥା କହିବେ ? କିଛି କହିଲାନି ସରଳା । ନୀରବରେ ସେହିପରି ବସି ରହିଲା ସେ ।

ନରେଶ ସରଳାର ହାତଟି ଆଣି ନିଜ ହାତ ମୁଠା ଭିତରେ ଥୋଇଲା ।

"ସର ! ମନ କଥା କଣି ବୁଝିବୁନି ?"

"... ... ... ... ... ..."

ତଥାପି ସରଳା ମୁହଁରେ କଥା ନାହିଁ । ମନେ ମନେ ଭାବୁଛି ସେ—ନରେଶ ଭାଇତ ନିତିଦିନ ତାଙ୍କ ଘରକୁ ଆସନ୍ତି । କେତେ କଥା କେତେ ହସ ଥଟ୍ଟା ହୁଏ ତାଙ୍କ ସାଙ୍ଗରେ, କାହିଁ ? ଏପରି ଶିହରଣତ କେବେ ମନ ଭିତରେ ହୋଇ ନଥିଲା । ଆଜି ନରେଶ ଭାଇର ସ୍ପର୍ଶ ଏପରି କାହିଁକି ନୂଆ ନୂଆ ? କଣ ଅଛି ସେ ସ୍ପର୍ଶରେ...?

କିଛି ଭାବି ପାରିଲନି ସରଳା । କଣେଇ କଣେଇ ଖାଲି ନରେଶକୁ ଚାହିଁଲା ସେ ।

ନରେଶ ଆବେଗରେ ଏକରକମ ସରଳାକୁ ନିଜ କୋଳ ଉପରକୁ ଭିଡ଼ି ଆଣିଲା । ବାଧା ଦେଇ ପାରିଲାନି ସେ । ରହି ରହି

ମନ ମଧ୍ୟରେ କିପରି ଗୋଟାଏ ନୂତନ ମାଦକ ଅନୁଭବ କରୁଥିଲା ସରଳା । ଦେହ ମନ ତାର ଶିତେଇ ଉଠୁଥିଲା ।

ତାହା ସାଙ୍ଗରେ ପ୍ରେମ କେବେ କରିଚୁ ତୁ ସରଳା ?

ଛି, ଏଭଳି ଅଲାଜୁକ ପୁଣି ନରେଶ ଭାଇଟା ? କିମିତ ମୁହଁ ଖୋଲି ଏଇ କଥାର ଉତ୍ତର ଦେବ ସେ ? ଲାଜରେ ସରଳାର ମୁହଁ ନାଲି ପଡ଼ିଗଲା । ତଳକୁ ମୁହଁ ପୋତି ବସି ରହିଲା ସେ ।

ନରେଶ ସରଳାର ମୁହଁଟି ଉଠାଇ ନିଜ ଛାତି ଉପରକୁ ଅଉଜାଇ ଆଣିଲା । ଉଭୟଙ୍କ ଦେହ ମନରେ ଖେଳି ଉଠୁଥିଲା ନୂତନ ଉନ୍ମାଦନ—ନବୀନ ଶିହରଣ—।

ଭଂଗା ଗଳାରେ ନରେଶ କହିଲା—

କଣ କହିବୁନି ! ଆରେ କହ ? ଲାଜ ଗୋଟାଏ କଣ ? ପ୍ରେମ କରିବାରେ ତ ଲଜ୍ଜ୍ୟା ନଥାଏ—ତୁ ଲାଜ କରୁଚୁ କାହିଁକି ?

ନରେଶର କଥା ଶୁଣି ଶିହରି ଉଠିଲା ସରଳା ! ମନେ ମନେ କହି ଉଠିଲା ସେ—ଇଏ ପୁଣି କି କଥା ? ପ୍ରଥମେ କହିଲେ— ସରଳା, କାହାକୁ ପ୍ରେମ କରିଚୁ କି ନାହିଁ ? ପୁଣି ଏଇନେ କହୁଛନ୍ତି ପ୍ରେମ କରିବାରେ ଲାଜ ଗୋଟାଏ କଣ ? ତେବେ— ତେବେ ନରେଶ ଭାଇ କଣ ସରଳାକୁ...

ଆଗକୁ ଆଉ ଭାବି ପାରିଲାନି ସରଳା । ଆଖି ବୁଜି ନରେଶର ଛାତିକୁ ଆଉଜି ବସି ରହିଲା । ଧୀରେ ଧୀରେ ନରେଶର ଅଧର ସରଳାର ସୁନ୍ଦର ଚିକ୍କଣ ଗାଲ ପାଖକୁ ନଇଁ ଆସୁଥିବାର ଅନୁଭବ କରୁଥିଲା ସେ । ଅଧିକନ୍ତୁ ମଧ୍ୟ ଅନୁଭବ କରୁଥିଲା ନରେଶର ନାକ ପୁଡ଼ାରୁ ବାହାରି ଆସୁଥିବା ତତଲା ପବନର ପ୍ରଖର ନିଶ୍ୱାସ ।

ସର୍ବାଙ୍ଗ ଥରି ଉଠୁଥିଲା ସରଳାର ,। ମନ ଚାହୁଁଥିଲା ଉଠି ପଳାଇ ଯିବାକୁ କିନ୍ତୁ ଦେହଟା ଯେ ଅବଶ । ଯିବ କିମିତ ସେ ?

ନରେଣ ସ୍ପର୍ଶରେ ଥିଲା ଯାଦୁ । ନିଜକୁ ଭୁଲି ଯାଇଥିଲା ସରଳା ।
ବିନା ପ୍ରତିବାଦରେ ସେ ନରେଣର ବାହୁପାଶରେ ବନ୍ଦୀ
ବନ୍ଦୀ ।

ଦୁଇ ଗୁଟିଥର ଚୁମ୍ବନ ଦେଇ ନରେଣ କହିଲା ।

ମୁଁ ତୋତେ ଭଲପାଏଁ ସର । ଆଜି ତୋତେ ନିଜ କୋଳରେ ପାଇ ମୁଁ ଯେ କେତେ ଆନନ୍ଦ ପାଉଛି, ସେକଥା ଭାଷାରେ ପ୍ରକାଶ କରି ପାରୁନି... ।

ନରେଣର କାମିଜ ବୋତାମଟିକୁ ହାତ ଟିପରେ ବୁଲାଉ ବୁଲାଉ ସରଳା ଲାଜରେ ସରି ଯାଉଥିଲା । କଳା କଳା ଡୋଳା ଦୁଇଟି ତାର ବୁଜି ହୋଇ ଯାଇଥିଲା ।

ନରେଣ ସରଳାର ଓଠ ଉପରେ ହାତ ରଖି ମୁହଁଟି ଉଠାଇ ଧରିଲା । ସରଳା ଲାଜରେ ଅନାଇ ପାରୁ ନଥିଲା । ଧୀର ଗଳାରେ ନରେଣ କହିଲା—

ମତେ ଟିକିଏ ଅନା ସର ?

ସରଳା ପଲକ ଦୁଇଟି ଅଳ୍ପ ଖୋଲି ନରେଣର ମୁହଁକୁ ଅନାଇଲା—ମୁହଁରେ ମୃଦୁ ମୃଦୁ ହସ ।

ନିଜକୁ ଭୁଲିଗଲା ନରେଣ । ସରଳାକୁ ନିଜ ଛାତିରେ ଖୁବ୍ ଜୋରରେ ଯାବୁଡ଼ି ଧଇଲା । ଚୁମ୍ବନ ଦେଲା ନାଲି ଅଧରରେ—ପାଗଳ ଭଅଁର ପରି ।

ନିଷ୍ପଟାର ବୃକ୍ଷ ଲତା ସବୁ ମୂକ—ମୂକ ସାକ୍ଷୀ ପରି ଦେଖୁଥିଲା କାଣତଣ୍ଡୀ ବୃନ୍ଦା—ଆଉ ଶୀତଳ ପବନ ।

"ସର !"

"ଉଁ !"

"ଜୀବନ ଭରି ତୁ ମୋର ହୋଇ ରହିବୁ । ମୋଠୁ ତୋତେ କେହି ନେଇ ପାରିବେନି ।

ଅଜଣା ଭୟରେ ଶିହରି ଉଠିଲା ସରଳା । ବାପା-ବୋଉ କ'ଣ ତାର ମନେ ପଡ଼ିଲା । କ୍ଷଣିକ ଉନ୍ମାଦନାରେ ସେ ଆଜ ନରେଶ ସାଙ୍ଗରେ ଯେଉଁ ଗୋପନ ଖେଳ ଖେଳିଲା ତା ପାଇଁ ସେ ଅନୁଶୋଚନା କରିବାକୁ ଲାଗିଲା ମନେ ମନେ ।

କଳା କଳା ଡୋଳା ଭିତରୁ ବହି ଆସିଲା ଅଶ୍ରୁ ଧାର ।

"ନରେଶ ଭାଇ ! ଇଏ କଣ ହେଲା ?"

ଆଉ କିଛି କହି ପାରିଲାନି ସରଳା । ପିଲାଙ୍କ ପରି କାନ୍ଦି ଉଠିଲା ଖାଲି ।

ନରେଶ ସରଳା ପିଠି ଆଉଁସି ଦେଇ କୋମଳ କଣ୍ଠରେ କହିଲା—

"ଛି, ପାଗଳୀଙ୍କ ପରି କାନ୍ଦେନି । ମୁଁ ତୋ ଛଡ଼ା ଆଉ କାହାରିକୁ ବିବାହ କରିବିନି । ଆଜଠୁ ତୁ ମୋର ସ୍ତ୍ରୀ ହେଲୁ— । ଆମର ଏଇ ଗୋପନ ମିଳନ ପାଇଁ ଭଗବାନ ସାକ୍ଷୀ ରହିଲେ—"

କାନ୍ଦି କାନ୍ଦି ଗଳାରେ ସରଳା କହିଲା—

"ନରେଶ ଭାଇ ! ତମେ ବଡ଼ ଲୋକର ପୁଅ । ମୋ ବାପା ବୋଉ ଗରିବ । ତମ ଘରେ କଣ ରାଜି ହେବେ—ମୋପରି ଗରିବ ଘରର ଝିଅକୁ ଘରର ବୋହୂ କରି ନେବା ପାଇଁ ?"

"ଭୁଲ ଧାରଣା ଇଏ ସବୁ ! ମୁଁ ବାପାଙ୍କୁ କହି ରାଜି କରାଇବି । ତୁ ଏପରି ହଅନି । ଆଜ ତୁ ମୋତେ ତୋର କୁମାରୀତ୍ୱର ଶ୍ରେଷ୍ଠ ସମ୍ପଦ ଦାନ କରିଛୁ । ତୋତେ ମୁଁ କଦାପି ହତାଦର କରିବି ନାହିଁ । ତୁ ମୋର— । ଉଠ । ଲୁହ ପୋଛି ପକା । ଡେରି ହେଲାଣି—ଚାଲ ଘରକୁ ଯିବା ।"

ସରଳା ଲୁହ ପୋଛି ଠିଆ ହେଲା । ନରେଶବି ଉଠିଲା ।

ଦୁହେଁ ଗ୍ଲଲେ । ସରଳା ମନରେ କେତେ ପ୍ରକାରର
ନା—କେତେ ପ୍ରକାରର ଅନୁତାପ । କିପରି ଅଜଣା ଭୟ
ଭ ଶିହରଣରେ ସେ ଯେପରି ଡରି ଉଠୁଥିଲା ମନେ ମନେ ।

ଆଜ ଦିନକର ଘଟଣା—

ଶିବରାତ୍ରି । ଶିବ ମନ୍ଦିରକୁ ବୋଉ ସାଙ୍ଗରେ ସରଳା
ଇଥିଲା । ମନ୍ଦିର ପ୍ରାଙ୍ଗଣରେ ଅସଂଖ୍ୟ ନରନାରୀ । ବଜାର
ଟରେ କେତେ ଲୋକର ଗହଳି । ମହାଦୀପ ଉଠିବ । ସମସ୍ତେ
ନ୍ଦିର ବେଢ଼ା ଚଉଅଧି ଠୁଳ ବାନ୍ଧି ବସିଛନ୍ତି ।

ନରେଶ ମଧ୍ୟ ଯାଇଥିଲା ଶିବ ମନ୍ଦିରକୁ । ଫେରିବା ବାଟରେ
ଦେଖା ହେଲା । ସରଳାର ବୋଉ ନରେଶକୁ ଦେଖି କହିଲା
କେତେବେଳେ ଆସିଥିଲୁକି ନରି ?

ନରେଶ କହିଲା—ଏଇ ଅଧଘଣ୍ଟା ହେବ ଆସିଥିଲି । କଣ
ରକୁ ଯିବନି··· ?

ମହାଦୀପ ମନ୍ଦିର ଉପରକୁ ଆଜ ଅଧଘଣ୍ଟାକ ପରେ ଉଠିବ ।
ଦେଖି ସାରି ସାଙ୍ଗ ହୋଇ ଯିବା··· ।

ହଉ ! ତେବେ ତୁ ଏଇଠି ବସିଥା ମାଉସୀ । ମୁଁ ସରଳାକୁ
ାଙ୍ଗରେ ନେଇ ଯାଉଚି ମେଲା ଦେଖେଇ ଆଣିବ ।

ସରଳା ନରେଶକୁ ଅନାଇଲା । ନରେଶ ସରଳାକୁ ଅନାଇଁ
ୁରୁକି ମୁରୁକି ହସୁଚି··· ।

ବୋଉ କହିଲା —

"କଲେ ! ଯିବାକୁତ ମନ ଅଛି···ଭାଇ ସାଙ୍ଗରେ ଚାଲିଯିବୁ ।
ମା ପିଠି ପାଖରେ ମୁହଁ କାହିଁକି ଗୁଞ୍ଜୁଚୁ ?

ନରେଶ ହସି ହସି କହିଲା —

"ଆହା ! ଲାଜକୁଳୀ ଲତା... । ଆସିବୁ ନା ସେଇଠି ବସିଥିବୁ । ..."

ହସି ହସି ବୋଉ ପାଖରୁ ସରଳା ଉଠି ଆସି ନରେଶ ପାଖରେ ଠିଆ ହେଲା । ଦୁହେଁ ମେଳା ଆଡ଼କୁ ଚାଲିଲେ । ପଛରୁ ସରଳା ବୋଉ ଡାକି କହିଲା — ଝଅଟ ଆସିବ । ମୁଁ ଏଇଠି ବସିଛି... ।

ବୋଉ ଡାକ ବୋଧେ ଦୁଇଜଣଙ୍କ କାନରେ ପଡ଼ି ପାରିଲାନି ଦୁହିଁଙ୍କ ମନରେ ଗୋପନ ମିଳନ ପିପାସା ଏତେ ବଢ଼ି ଯାଇଥିଲା ଯେ ଦୁହେଁ ଚାହୁଁଥିଲେ ନିର୍ଜନ ସ୍ଥାନ ।

ଧୀର ଗଳାରେ ନରେଶ କହିଲା —

ମେଳା ଦେଖି ଯିବୁ ନା ଆଉ କେଉଁଠିକି ?

ହସିଲା ଆଖିରେ ସରଳା ନରେଶକୁ ଅନାଇଲା । ମୁହଁ ଖୋଲି କିଛି କହିଲାନି । ନରେଶ ସରଳା କଥା ବୁଝି ପାରିଲା । ଦୁହେଁ କିଛି ବାଟ ଆଗେଇ ଗଲେ... ।

ମେଳାର ଲୋକ ଗହଳିର ଶବ୍ଦ ସେମାନଙ୍କର କାନରେ ବାଜିଲାନି । ନିର୍ଜନ ସ୍ଥାନରେ ଦୁହେଁ ଯାଇ ଗୋଟିଏ ପଥର ଚଟାଣ ଉପରେ ବସିଲେ । ଶୀତରେ ଏଠାକୁ କେହି ଆସନ୍ତି ନାହିଁ । କାକର ବିନ୍ଦୁ । ଶୀତୁଆ ପବନ... ।

ସରଳା ନରେଶ ପାଖରେ ବସିଥିଲା । ମନକୁ ମନ କଣ ଭାବି ଆଜି ଗୋଟିଏ ଯାଗାରେ ଯାଇ ଏକା ବସି କଣ ଭାବିବାକୁ ଲାଗିଲା ମନେ ମନେ... ।

ନରେଶ ଡାକିଲା —

"ସର ! ପଳାଇ ଗଲୁ କାହିଁକି ? ପାଖକୁ ଆ... ।"

"ନା, ମୁଁ ଆଜି ତମ ପାଖକୁ ଯିବିନି... ।

କାହିଁକି ଆସିବୁନି ? ହଉ, ମୁଁ ବି ଆଉ ଡାକିବିନି ?

ଏହା କହିଦେଇ ନରେଶ ମୁହଁ ବୁଲେଇ ବସିଲା । କଣେଇ କଣେଇ ସରଳାକୁ ଅନାଇ ଥାଏ । କିନ୍ତୁ ସରଳା ସେହିପରି ତଳକୁ ମୁହଁ ପୋତି ବସିଛି । ନରେଶ ବସିଥିବା ଜାଗାରୁ ଉଠି ଆସି ଧୀରେ ଧୀରେ ସରଳାର ପଛପଟରେ ଯାଇ ଠିଆ ହେଲା । ଦୁଇ ହାତରେ ଆଖି ଦୁଇଟି ଚିପି ଧଇଲା ସରଳାର ।

ନରେଶ ହାତ ଉପରେ ହାତ ଥୋଇ ସରଳା କହିଲା—

"କଏ, ମୁଁ ଚିହ୍ନି ସାରିଲିଣି···ହାତ ଉଠାଇ ନିଅ ।"

ନରେଶ ସରଳା ପାଖରେ ବସି ପଡ଼ି ଦୁଇ ହାତରେ ସରଳାକୁ ଉଠାଇ ଆଣି ନିଜ କୋଳରେ ଶୁଆଇ ଦେଇ କହିଲା---

"ଏଥର ଯିବୁ କୁଆଡ଼େ ?"

ସରଳା କାନରେ ଅଙ୍ଗୁଠି ଗେଞ୍ଜି ନରେଶ କୁତୁ କୁତୁ କଲା । ଖିରି ଖିରି ହୋଇ ହସି ଉଠିଲା ସରଳା ।

"ଆଜି କାହିଁକି ମନଟା ତୋର ଉଦାସିଆ ଜଣାଯାଉଛି ସର ?"

"କେତେ ଦିନ ହେବ ଗୋଟିଏ କଥା ଭାବୁଚି ।"

"କି କଥା ?"

"............"

"କ'ଣ କହିବୁ ନି ?"

"ତମେ କ'ଣ ଜାଣିନି ?"

"ତଥାପି ତୋ ମୁହଁରୁ ଶୁଣିବ ।"

"କେବେ ଆମର ବାହାଘର ହେବ···।"

କହିବା ସଙ୍ଗେ ସଙ୍ଗେ ଲାଜରେ ନରେଶ କୋଳରେ ମୁହଁ ଗୁଞ୍ଜି ଦେଲା ସର ।

ନରେଶ ସରଳାର ଚିକ୍କଣ ଗାଲ ଉପରେ ହାତ ବୁଲାଇ ବୁଲାଇ କହିଲା—

"ଆମର ତ ବିବାହ ହୋଇ ସାରିଚି ।"

"ତଥାପି ଲୋକାଗ୍ରତ ଅଛୁ ?"

"ମୁଁ ଏହା ମଧ୍ୟରେ ସୁବିଧା ଦେଖି ବାପାଙ୍କ ଆଗରେ କଥାଟି ପକାଇବି । ତୁ ଏପରି ବ୍ୟସ୍ତ କାହିଁକି ହେଉଚୁ ?"

"ନରେଶ୍ ?"

"କ'ଣ କହ ସର !"

"ମୋତେ ଭାରି ଭୟ ହେଉଚି !"

"ଭୟ ! ଭୟ ଗୋଟାଏ କ'ଣ ?"

"ବୁଝି ପାରୁନି । ତଥାପି ଛାତି କାହିଁକି ଥରି ଉଠୁଚି ।"

ହସି ଉଠିଲା ନରେଶ ।

"ଛାତି ଥରି ଉଠୁଚି ?"

"ସର ! ତୁ ମୋତେ ଭୁଲିବୁନି ।"

ନରେଶ ସରର ବେଣୀଟିକୁ ଅଙ୍ଗୁଳି ସଙ୍ଗରେ ଗୁଡ଼ୋଉ ଗୁଡ଼ୋଉ କହିଲା—ଦେହରେ ଜୀବନ ଥିବା ପର୍ଯ୍ୟନ୍ତ ଆମ ଦୁ ଜଣଙ୍କୁ କେହି ଅଲଗା କରି ପାରିବେନି ।

ନରେଶର କୋଳରେ ସର ନିଜକୁ ଲୁଗ୍ଲଇଦେଲା ।

ରାତିର ଅନ୍ଧକାର କ୍ରମଶଃ ଘନେଇ ଆସୁଥିଲା । ଦୁଇଟି ପିପାସିତ ପ୍ରାଣ ଗୋଟାଏ ହୋଇ ଯାଉଥିଲା ସେହି ଘନ ଅନ୍ଧକାର ମଧ୍ୟରେ—।

ନରେଶ ଆଉ ସରଳା ଯେତେବେଳେ ଫେରି ଆସିଲେ ସେତେବେଳକୁ ମହାଦୀପ ମନ୍ଦିର ଉପରକୁ ଉଠି ସାରିଥିଲା । ସରଳାର ବୋଉ କହିଲା—"ଏତେ ଡେରି କରିଦେଲ ? ମହାଦୀପ ତ ଦେଖି ପାରିଲନି ।"

ସରଳା ତା ବୋଉ ପାଖରେ ଗୋଟିଏ ପୁଟୁଳି ଥୋଇ ଦେଇ

କହିଲା—"ଦେଖିଲ ବୋଉ ! ମନା କଲୁ କଲୁ ନରେଶ ଭାଇ କ'ଣ ସବୁ କିଣି ଦେଇଛନ୍ତି ।"

ସରଳାର ବୋଉ ନରେଶ ମୁହଁକୁ ଅନାଇଁ ଖାଲି ହସିଲା । ନରେଶ କହିଲା—

"ନାଇଁ ମାଉସୀ, ସେ କିଛି ନୁହେଁ । ତୁ ମୋଟେ ସରଳା କଥା ଶୁଣୁନି ।"

"ହଉ ଏଥର ଚାଲ ଘରକୁ ଯିବା । ସାଙ୍ଗ ଲୋକମାନେ ପଳାଇ ଗଲେଣି । ତମ ଦୁ' ଜଣଙ୍କ ପାଇଁ ଏଠାରେ ବସିଥିଲି ।"

କହିବା ସଙ୍ଗେ ସଙ୍ଗେ ସରଳାର ବୋଉ ଘରକୁ ଯିବ ବୋଲି ଉଠି ଠିଆ ହେଲା । ସରଳା ଆଉ ନରେଶ ବି ବୁଢ଼ୀ ପଛେ ପଛେ ଚାଲିଲେ ।

⁂

କାଳରାତି କ୍ରମଶଃ ଘନେଇ ଆସୁଛି । ସରଳାର ଆଖିକୁ ନିଦ ନାହିଁ । ବିଛଣାରେ ଶୋଇ ଖାଲି ଛଟପଟ ହେଉଛି ସେ । ରହି ରହି ଅନ୍ତର ଭିତରୁ ଉଠି ଆସୁଛି କୋହ ।

କ୍ଷଣିକ ଉନ୍ମାଦନାରେ ଭୁଲି ସେ ନିଜର ଭବିଷ୍ୟତ ଭାବି ପାରିଲାନି । ସେଇଥି ପାଇଁ ସେ ଆଜି ହନ୍ତସନ୍ତ ହେଉଛି । ନରେଶର ମିଠାଳିଆ କଥାରେ ଭୁଲି ସେ ତାର ସର୍ବନାଶ କରିଛି । ତା ପେଟ ଭିତରେ ଯେଉଁ କଳଙ୍କର ଚିହ୍ନ ଉଙ୍କି ମାରିଲାଣି ସେ ତାକୁ ଲୁଚେଇବ କିପରି ???

ଶିହରି ଉଠିଲା ସରଳା । ଅଜଣା ଭୟରେ ତାର ଦେହ ମନ ଥରି ଉଠୁଛି । କଣ ସେ କରିବ ଆଜି ? ତେବେ···ତେବେ କଣ ସେ ଦୁନିଆ ଆଖିରେ କଳଙ୍କିନୀ ହେବ ? ···ତାକୁ କଣ ସମସ୍ତେ ଘୃଣା କରିବେ ?

ଅସହାୟଙ୍କ ପରି କାନ୍ଦି ଉଠିଲା ସରଳା ।

ବିଛଣାରୁ ଉଠି ବସିଲା । ମନକୁ ମନ ଦଣ୍ଡେ କଣ ଭାବି ଘରର କବାଟ ଖୋଲି ପଦାକୁ ବାହାରିଲା ସେ । ଚାରିଆଡ଼କୁ ନିରୀକ୍ଷଣ କରି ଦେଖିଲା ସମସ୍ତଙ୍କର ଘର ଦୁଆର ବନ୍ଦ ଅଛି ନିଘୋଡ଼ ନିଦରେ ସମସ୍ତେ ଶୋଇ ଯାଇଛନ୍ତି—।

ଧୀରେ ଧୀରେ ପାଦ ପକାଇ ଘରର ହତା ଭିତରୁ ରାସ୍ତା ଉପରକୁ ବାହାରି ଆସିଲା ।

କିଛି ବାଟ ଆଗକୁ ଯାଇ ଗୋଟିଏ ଘର ଦୁଆର ପାଖରେ ଠିଆ ହୋଇ କବାଟରେ ଆବାଜ ଦେଲା ଧୀରେ ଧୀରେ ।

ଅଳ୍ପ ସମୟ ମଧ୍ୟରେ କବାଟ ଖୋଲି ଜଣେ ପୁରୁଷ ବାହାରି ଆସିଲା ।

ଆଶ୍ଚର୍ଯ୍ୟରେ ସରଳାକୁ ଅନାଇଁ କହିଲା—

"ସର ! ତୁ ଏତେ ରାତିରେ କାହିଁକି ?"

ସରଳା ତୁନି ତୁନି କହିଲା—

"ଘର ଭିତରକୁ ଚାଲ—କଥା ଅଛି—।"

ପୁରୁଷ ଜଣକ କହିଲା—

"ଘରେ ବସି କଥା ବାର୍ତ୍ତା କଲେ ଘରେ ବାପା ବୋଉ ଶୁଣିବେ । ଚାଲେ ବଗିଚା ଆଡ଼କୁ ଯିବା ।

ଦୁହେଁ ବଗିଚା ଭିତରକୁ ଆସି ବସିଲେ !

"ଏତେ ରାତିରେ କାହିଁକି ଆସିଛୁ ସର ?"

"ବାପାଙ୍କୁ କହିଥିଲ ।"

"କେଉଁ କଥା ?"

"ଆମ ବିବାହ ବିଷୟରେ...।"

"ଏପରି ବ୍ୟସ୍ତ କାହିଁକି ? ସମୟ ସୁବିଧା ଦେଖି ମୁଁ କଥାଟା ପକାଇବି ।"

"କଣ କହୁଚ ତମେ ? ବିଳମ୍ବ ହେଲେ ଯେ ସବୁ କଥା ଜଣା ପଡ଼ିଯିବ, କଳଙ୍କିନୀ ବୋଲି ସାରା ଜଗତ ରଟିବ । ମତେ ବଞ୍ଚାଅ ନରେଶ ଭାଇ ! ନଚେତ ମୁଁ ଜହର ଖାଇବି—।"

ଆଶ୍ଚର୍ଯ୍ୟରେ ନରେଶ ସରଳାକୁ ଅନାଇଁ ରହିଲା ।

"କଣ ହୋଇଚି ତୋର ?"

ସରଳା ଆଖିରେ ଲୁହ । କହିଲା ସେ—

"ଯାହା ମନରେ ଆଶଙ୍କା କରିଥିଲି ଶେଷକୁ ସେହି କଥା ହେଲା । ମୁଁ ..............।"

ସରଳା ଆଉ କିଛି କହି ପାରିଲାନି । ମୁହଁରେ ଲୁଗା ଦେଇ ପିଲାଙ୍କ ପରି ଖାଲି କାନ୍ଦିବାକୁ ଲାଗିଲା ।

ସରଳାକୁ ନିଜ କୋଳକୁ ଆଉଜାଇ ଆଣି ନରେଶ କହିଲା—

"ପାଗିଳୀ ! ସେ ପାଇଁ ବ୍ୟସ୍ତ ହେବାର କଣ ଅଛି ? ତୁ ତ ମୋର, କଳଙ୍କିନୀ କାହିଁକି ହେବୁ ?"

"ମୋ ମନ କାହିଁକି ଅସ୍ଥିର ହେଉଚି । ରହି ରହି ଯେପରି ମୋ ଅନ୍ତର ଭିତରୁ କିଏ ଯେପରି କହି ଦେଉଚି—ଭଏ ତୁ କଣ କଲୁ ସରଳା ? କୁମାରୀ ଜୀବନକୁ ଏପରି ଜାଳେଇ ପୋଡେଇ ନଷ୍ଟ କଲୁ କାହିଁକି ?"

ହସି ହସି ନରେଶ କହିଲା—

"ଛି, ଏପରି ଅମଙ୍ଗଳ କଥା ମନରେ ଥାନ ଦଏନା—। କଣ ହେଇଚ ଅଗ କଥା ଖୋଲି କହିଲ ମତେ—।"

"କଣ ଅଉ କହିବ ? ଆମର ପ୍ରଣୟର ଚିହ୍ନ ମୋ ପେଟରେ। ମୁଁ ଏଇନେ ଦୁଇ ମାସ ଗର୍ଭବତୀ......!"

ଅଉ କିଛି କହିଲାନି ସରଳା। ଆଖିରେ ତାର ଲୁହ ଧାର ଛୁଟିଲା।

ଆଶ୍ଚର୍ଯ୍ୟରେ ନରେଶ ସରଳା ମୁହଁକୁ ଅନାଇ ଠିଆ ହେଲା। ଗଭୀର ଚିନ୍ତାରେ ସେ ଯେପରି ମଜି ଯାଇଛି।

ସରଳା କହିଲା—

"ଆଉ ବିଳମ୍ବ କରି ହେବ ନି। ଏଇ ମାସ ବିବାହ ଲଗ୍ନ ଅଛି। ବାପାଙ୍କୁ କହି ସବୁ ଠିକ୍ କର।"

"ଅଚ୍ଛା! ତୁ ଏଇନେ ଘରକୁ ଯା। ରାତି ଅନେକ ହେଲାଣି। କାଲି ସକାଳେ ବାପାଙ୍କୁ କହି ସବୁ କଥା ଠିକ୍ କରି ଦେବି—।"

ସରଳାକୁ ନରେଶ ଆଣି ଝଣ୍ଟେ ବାଟରେ ଛାଡ଼ି ଚାଲିଗଲା। ସରଳା ସେହି ଅନ୍ଧକାର ରାତିରେ ନିଜ ଘରକୁ ଫେରି ଆସି ବିଛଣାରେ ଶୋଇ ପଡ଼ିଲା।

ପରଦିନ ସକାଳେ ସରଳା ଶୁଣିଲା—ନରେଶ ଦୂର ଦେଶକୁ ଚାଲି ଗଲାଣି।

ଚମକି ଉଠିଲା ସରଳା। ଛାତି ତାର ଧକ୍ ଧକ୍ ହେଲା। ପେଟର ପାପକୁ ସେ ଲୁଚେଇବ କିପରି ???

କୌଣସି କାମରେ ମନ ଲାଗିଲାନି। ବାଟର୍ଣ୍ଣେ ଦେହ ମନ ତାର କାତରରେ ଆର୍ତ୍ତନାଦ କରି ଉଠିଲା। ଯେଉଁଠି ବସିଲା ସେ ସେଠି ଯେପରି ଗୋଟିଏ ମାଟିର ମୂର୍ତ୍ତିଟି ବସିଚ ବୋଲି ମନେ ହେଲା।

ଦୁଇ ଚାରିଦିନ ଏହିପରି ବିତିଲା । ସରଳାର ତନୁ ଦିନକୁ ଦିନ କ୍ଷୀଣ ହେବାକୁ ଲାଗିଲା ।

ସରଳାର ବୋଉ ଏକଥାକୁ ଭଲଭାବେ ଲକ୍ଷ୍ୟ କଲେ । ଝିଅକୁ ଏକାନ୍ତରେ ଡାକି ମଧୁର କଣ୍ଠରେ ପଚାରିଲେ—

"ସର ! ମା'-ମୋ ସୁଣୀ—ତୋର କଣ ହେଇଚି କହ ?"

ସରଳା କିଛି କହି ପାରିଲାନି । ବୋଉର କୋଳରେ ମୁଣ୍ଡ ଗୁଞ୍ଜି ଖାଲି କାନ୍ଦିବାହିଁ ତାର ସାର ହେଲା ।

ସରଳାର ବୋଉ ହତାଶ ହେଲେ । ମନରେ କେତେ କଥା । ସେ ନାରୀ । ଦୁନିଆର ଭଲ ମନ୍ଦ କଥା ବିଚାର କରିବାର କ୍ଷମତା ତାଙ୍କର ଅଛି । ମନେ ମନେ ସେ ଯେଉଁ କଥାକୁ ଆଶଙ୍କା କରୁଥିଲେ । ରହି ରହି ତାଙ୍କ ମନରେ ସେହି ଆଶଙ୍କାଟି ଦୃଢରୁ ଦୃଢତର ହେବାକୁ ଲାଗିଲା ।

ଧୀର ଗଳାରେ କହିଲେ ସେ—

"ଛି, କାନ୍ଦେନି । କଣ ହେଇଚି କହ ? ମୁଁ ପରା ତୋ ବୋଉ ? ତୋତେ ଦଶ ମାସ ଗର୍ଭରେ ଧରିଚି ? ମୋ ପାଖରେ ମନ କଥା କହିବୁନିତ ଆଉ କହିବୁ କାହାକୁ ?"

କାନ୍ଦ କାନ୍ଦ ହୋଇ ସରଳା କହିଲା—

"ବୋଉ ! ମୁଁ ଏ ମୁହଁ ଆଉ ଦେଖାଇ ପାରିବିନି, ମୋତେ ଟିକାଏ ଜହର ଆଣିଦିଏ—ଏ ଜୀବନ ହସିଇ ଦେବି ।"

ସରଳାକୁ ସାନ୍ତ୍ୱନା ଦେଲା ତାର ବୋଉ ।

ସାନ୍ତ୍ୱନା ପାଇ ସରଳା ସବୁ କଥା ତାର ବୋଉକୁ କହିଲା । କୌଣସି କଥା ଲୁଚାଇଲା ନାହିଁ ।

ସରଳାର ବାପା ଜାଣିଲେ । ଝିଅର ଏପରି କଥାରେ ସେ ଆଉ କ'ଣ କରିବେ ? ଦୁନିଆଁ ଆଗରେ ମୁଣ୍ଡ ଟେକି ସେ ଚାଲିବେ

କେମିତି ? ମୁଣ୍ଡ ତାର ପାଗଳ ପରି ହେଲା । କୌଣସି କାର୍ଯ୍ୟରେ ମନ ଲାଗିଲାନି ।

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପରାମର୍ଶ ହେଲା । ଶେଷରେ ସରଳାର ବିବାହ ସରୋଜ ସାଙ୍ଗରେ ହୋଇଗଲା ।

ସରଳାର ବାପା ବୋଉ ସିନା ଝିଅକୁ ସରୋଜର ହାତରେ ସମର୍ପି ଦେଇ ନିଶ୍ଚିନ୍ତ ମନରେ ବସି ରହିଲେ । କିନ୍ତୁ ସରଳା କିପରି ଏହା ସହ୍ୟ କରିବ ?

ସରଳା ମନ ସରୋଜକୁ ସେ ଜାଣୁ ଜାଣୁ ଠକେଇବ କିପରି ? ବିବେକ ତାର ବାଧା ଦେଲା । ଅନ୍ତର ତାର କାନ୍ଦି ଉଠିଲା ।

*

**

ବୋତଲ ପରେ ବୋତଲ ଖାଲି ହୋଇ ଯାଉଛି । ଟ୍ରେରେ ସିଗାରେଟ ଧୂଆଁ ଘର ଚଉଅଡ଼ି କୁଣ୍ଡଳୀ କାଟି ବୁଲୁଛି । ଅଧା ଜଳା ସିଗାରେଟରେ ଅଗ୍ନି ସଂଯୋଗ କରି ସରୋଜ ଏକ ଧ୍ୟାନରେ ଫାଇଲ ଖେଳାଇବାରେ ଲାଗିଛି ।

ଘରକୁ ପଶି ଆସିଲେ ରସିକ ମୋହନ । ସରୋଜର ଟେବୁଲ ପାଖରେ ଠିଆ ହୋଇ କହିଲା ସେ—

"ସାର ! କେତେ ଖଣ୍ଡ ଜରୁରୀ ଚିଠି ଅଛି । ସ୍ୱାକ୍ଷର କରି-ଦେଲେ ଆଜି ଡାକରେ ବାହାରି ଯିବ ।"

ସରୋଜ ରସିକ ମୋହନଙ୍କୁ ଅନାଇଁ ରହିଲା । ଅଧର ଫାଙ୍କ

...ଭରେ ସିଗାରେଟ । ଚକ୍ଷୁ ରକ୍ତ ବର୍ଣ୍ଣ । ମଦ ନିଶାରେ ଉପରେ ...ମ୍ ଗୁଲ୍ ରହୁଛନ୍ତି ସେ ।

ନିଜକୁ ସଂଯତ କରି ସରୋଜ କହିଲା—

"ତମେ ଅଫିସର ମେନେଜର । ସବୁ ଦାୟିତ୍ୱ ତମକୁ ଦେଇଛି । ...ାର ବାର ମୋତେ ବିରକ୍ତ କରିବା ପାଇଁ କାହିଁକି ଆସ କହିଲ ?"

"କିନ୍ତୁ ସାର୍ ! ଆପଣ ଅଫିସର ମାଲିକ । ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଆପଣଙ୍କ ପରାମର୍ଶ ନ ନେଇ ମୁଁ ମୋ ଇଚ୍ଛାରେ କିଛି କରି ପାରିବି ନାହିଁ ।"

"କ'ଣ ଯେ ତମେ କହ । ଆଚ୍ଛା, କ'ଣ ସବୁ ଚିଠି ଅଛି ଅଣ—।"

ରସିକ ମୋହନ ବାବୁ ଫାଇଲ୍ ବନ୍ଧା ଭିତରୁ କେତେ ଖଣ୍ଡି ଚିଠି ବାହାର କରି ସରୋଜର ସାମନାରେ ଥୋଇଦେଲା । ସରୋଜ ଚିଠି ଉପରେ ଆଖି ବୁଲାଇ ସ୍ୱାକ୍ଷର କରିବାରେ ଲାଗିଲା ।

ହଠାତ୍ ଘର ଭିତରକୁ ପଶି ଆସିଲା ଜଣେ ଯୁବକ । ମୁହଁରେ ନିଶ ଦାଢ଼ି । ଦାମୀ ପ୍ୟାଣ୍ଟ ଖଣ୍ଡିଏ ପିନ୍ଧିଥିଲେ ବି ପଇସା ଅଭାବରୁ କି ଅନ୍ୟ କିଛି କାରଣରୁ ହେଉ ମାସେ ହେବ ଧୁଆ ହୋଇନି । ଦେହରେ ପିନ୍ଧିଛି ଗଞ୍ଜେ ମଇଳା ଜାମା । ଯୁବକଟି ...ଭକାର ଥିଲା ପରି ମନେ ହେଉଛି ।

ଘର ଭିତରେ ନୀରବରେ ଯାଇ ଗୋଟିଏ ପାଖକୁ ଠିଆ ...ହୋଇ ରହିଲା । ଦୃଷ୍ଟି ତାର କରୁଣ ।

ସରୋଜ ଚିଠି ସବୁ ସ୍ୱାକ୍ଷର କରି ସାର ରସିକ ମୋହନଙ୍କୁ ...ଢ଼ାଇଦେଲା । ରସିକ ମୋହନ ଚିଠି ସବୁ ଧରି ଘର ଭିତରୁ ...ାହାରି ଗଲେ ।

ଅଶୋକ ସିଗାରେଟର ଶେଷ ଟାଣ ଦେଇ ଟ୍ରେରେ ବାକୀ ଅଂଶ ପକାଇ ଦେଇ ଯୁବକଟି ଆଡ଼େ କିଛି ସମୟ ଅନାଇ କହିଲା—

"କ'ଣ ମୋ ପ୍ରସ୍ତାବରେ ରାଜି ତ ?"

ଯୁବକ ଜଣକ ଧୀର ଗଳାରେ କହିଲା—

"ଆଜ୍ଞା ! ରାଜି ନହୋଇ ଆଉ ଉପାୟ କ'ଣ ? ମୋର ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିଦିଅନ୍ତୁ. ଆପଣ ଯାହା କହିବେ ସବୁ କରିବି !"

"ଆଚ୍ଛା, କାଲି ଠାରୁ ଆସି ତମେ କାମରେ ଯୋଗଦିଅ !"

ନମସ୍କାର ଜଣାଇ ଯୁବକଟି ଚାଲିଗଲା । ତା'ର ଯିବା ବାଟକୁ ଅଶୋକ ଏକ ଦୃଷ୍ଟିରେ କିଛି ସମୟ ଅନାଇଁଲା । ମୁହଁରେ ଝଟକେ ଫିକାଳିଆ ହସ ।

ଅଶୋକ ଉଠି ଠିଆ ହେଲା । ସିଗାରେଟ ଟିଣ ଟେବୁଲ ଉପରୁ ଉଠାଇ ଟିଣର ମୁହଁ ଖୋଲିଲା—ଟିଣ ଖାଲି । ଚବିଶଘଣ୍ଟା ମଧ୍ୟରେ ରେଡ଼ ଏଣ୍ଡ ହ୍ୱାଇଟର ଗୋଟାଏ ଟିଣ ସେ ଶେଷ କରି ଦେଇଛି ।

କଲିଂ ବେଲ୍ ଟିପିଲା ସେ । ପିଅନ ଆସି ଠିଆ ହେଲା । ପକେଟରୁ ଟଙ୍କା ବାହାର କରି ଦେଲା ଅଶୋକ । କହିଲା—

"ଶୀଘ୍ର ଗୋଟାଏ ଟିଣ ସିଗାରେଟ ନେଇଆ ।"

ପିଅନ ଚାଲିଗଲା । ଅଶୋକ ଆଲମିରା ପାଖକୁ ଗଲା । ଆଲମିରା ଖୋଲି ଆଉ ଗୋଟିଏ ହ୍ୱାଇଟ ଲେବୁଲ ବୋତଲ ଆଣି ଟେବୁଲ ଉପରେ ଥୋଇଲା ସେ—।

ଗ୍ଲେଟ କାଚ ଗିଲାସଟିରେ ସରାପ—ଲାଲ ରଙ୍ଗ । ତାକୁ ପିଇଲେ ସବୁ ଦୁଃଖ ଭୁଲି ଯିବାକୁ ହେବ । ଦେହ ମନରେ ରଙ୍ଗିନୀ ଖେଳିଯିବ, ଉତ୍‌ଫୁଲରେ ନାଚି ଉଠିବ ସାରା ଶରୀର !

ସରୋଜ ଢକ୍ ଢକ୍ କରି ପେଗଟିକ ପିଇଦେଲା । ପିଅନ ସିଗାରେଟ ଟିଣ ଖୋଲି ଟେବୁଲ ଉପରେ ଥୋଇ ଚାଲିଗଲା । ସରୋଜ ସିଗାରେଟରେ ଅଗ୍ନି ସଂଯୋଗ କଲା । ମନରୁ ସବୁ ଦୁଃଖ ଭୁଲିବା ପାଇଁ ପୁଣି ଫାଇଲ ବନ୍ଡାରେ ମନ ଦେଲା ସେ ।

ଫାଇଲ ବନ୍ଡା ପରେ ବନ୍ଡା ଫିଟାଇ ଦେଖିବାରେ ସରୋଜ ବ୍ୟସ୍ତ । କାମ ଆଉ ସରାପ ତାର ଏକମାତ୍ର ସାଥୀ । ସେ ଆଉ କିଛି ଜାଣେନି । ମନଦେଇ କାମ କରିବ, ଆଉ ସରାପ ପିଇବ । ସିଗାରେଟ ଟାଣିବ ।

ଫାଇଲ ଦେଖା ସରି ଆସୁଚି ସରୋଜର । ଆଉ ଗୋଟିଏ ମାତ୍ର ଫାଇଲ ଦେଖି ସାରିଲେ ଆଜିର ଅଫିସ କାମ ଶେଷ ହୋଇ-ଯିବ । ସନ୍ଧ୍ୟା ସାତଟାରେ ନାଇଟ କ୍ଲବକୁ ଯିବାକୁ ହେବ, ମିସ୍ ଦାସଗୁପ୍ତା ଅନୁରୋଧ କରିଚି । ସେ ସରୋଜକୁ ଅପେକ୍ଷା କରି ବସିଥିବ । ଠିକ୍ ସମୟରେ ନଗଲେ ମନରେ ଏକା ଭାରି କଷ୍ଟ ହେବ ମିସ୍ ଦାସଗୁପ୍ତାର ।

ଶେଷ ଫାଇଲ ବନ୍ଡାଟିର ଫିତା ଫିଟାଇଲା ସରୋଜ । ଅଳ୍ପ କେତେ ଖଣ୍ଡ ପୁରୁଣା ଚିଠି । ସାଙ୍ଗେ ସାଙ୍ଗେ ଶେଷ ହୋଇଯିବ ।

ଚିଠି ପରେ ଚିଠି ଓଲଟାଇ ଯାଉଚି ସରୋଜ । ଫାଇଲର ଚିଠି ଭିତରୁ ଗୋଟିଏ ଫଟୋ ମିଳିଲା । ସରୋଜ ଫଟୋଟିକୁ ଦେଖି ଏକ ଲୟରେ ଅନାଇଁ ରହିଲା ।

ଏଇ ଫଟୋଟିକୁ ସେ କେତେଥର ଖୋଜିଚି । ସରଳାକୁ ମଧ୍ୟ ସେ ପାଇଁ କେତେ କଥା କହିଚି ସେ । କେଉଁଠି ହଜି ଯାଇଚି ବୋଲି ମନରେ ଭାବିଥିଲା ସରୋଜ । କିନ୍ତୁ ସେହି ହଜିଲା ଧନଟି ଫାଇଲ ଗଦା ଭିତରୁ ପାଇ ମନେ ମନେ ହସି ଉଠିଲା ସରୋଜ । ସରଳାକୁ ଏହା ପାଇଁ ସେ କେତେଥର

ନ କହୁଚି ?  ସରଳା ଯଦି ଏ ଫଟୋ କଥା ଜାଣି ପାରନ୍ତ
ତେବେ—ତେବେ ସରୋଜକୁ ସେ କ'ଣ ବୋଲି ମନେ କରିବ ?

ମନେ ମନେ ଲଜ୍ଜିତ ହେଲା ସରୋଜ । ଫଟୋଟିକୁ ସାମନାରେ ଧରି ଦେଖିବାକୁ ଲାଗିଲା ସେ ।  ଅତୀତର ଗୋଟି ଗୋଟି କେତେ କଥା ସରୋଜର ମନରେ ଉଙ୍କି ମାରିବାକୁ ଲାଗିଲା ।

ସରୋଜ ବସି ଭାବୁଥିଲା—

ବୀଣା ଭଲ ପାଉଥିଲା ସରୋଜକୁ ।  ସେ ଦେବତା ମନ୍ଦିର ଯାଇ ଭଗବାନଙ୍କୁ ସାକ୍ଷୀ ରଖି ସରୋଜର ହାତ ଉପରେ ହାତ ଥୋଇ କହୁଥିଲା—'ଜନ୍ମ ଜନ୍ମାନ୍ତରେ ମୁଁ ତମର ହେବି, ଆ ତମେ ମୋର ହୋଇ ରହିବ— ।'

ମନେ ମନେ ହସି ଉଠିଲା ସରୋଜ ।  ବୀଣାର କଥା ଭାବୁଚି ।  ଆଉ ଭାବୁଚି ଦେବତାର ମଉନ ମୂର୍ତ୍ତି ଧାରଣ କରିଥି କଥା— ।

ଦୋ'ଟି ପ୍ରେମିକ ପ୍ରେମିକା ।

ଦୁନିଆଁର ବାଧା ବନ୍ଧନକୁ ଏଡ଼ି ସେମାନେ ଯଦି ଦେବତା ଶରଣାପନ୍ନ ହେଲେ, ତେବେ—ତେବେ ସେମାନଙ୍କର ମିଳ ନ ହୋଇ ବିଚ୍ଛେଦ କାହିଁକି ହେଲା ?  ଦେବତା ଆଉ କଣ କ ସେମାନଙ୍କ ପାଇଁ ?

ବିପଦ ପଡ଼ିଲେ ସମସ୍ତେ ଦେବତାକୁ ଡାକନ୍ତି । କିନ୍ତୁ ଦେବ କଣ ସେ ଡାକ ଶୁଣନ୍ତି ?  ଯଦିବା ଶୁଣୁଛନ୍ତି ତେବେ ପ୍ରତିକା କାହିଁକି ନ କରୁଛନ୍ତି ?

ନା-ନା-ଏ କାଠ ପାଷାଣର ମୂର୍ତ୍ତିକୁ ଭରସା କରିବା ନିତା ବୋକାମି ।  ସେ ଖାଲି କନ୍ଦାଇ ଜାଣନ୍ତି ।  ଲୋକଙ୍କୁ ହଇରା କରନ୍ତି ।

ଯେଉଁ ବୀଣା ଦେବତା ଆଗରେ ଠିଆ ହୋଇ ଶପଥ କରିଥିଲା—କଣ ହେଲା ତାର ପରିଣାମ ?

ସରୋଜର ମନ ଭିତରୁ କିଏ ଯେମିତି କହୁଥିବାର ସେ ଅନୁଭବ କଲା । ବୀଣା ଠକି ଦେଇଛି । ସେ ଅନ୍ତର ଦେଇ ଭଲ ପାଇନି—ତା ଭଲ ପାଇବା ଭିତରେ ଥିଲା ଅଭିନୟ ।

ଚମକି ଉଠିଲା ସରୋଜ । ବୀଣା ଅକପଟ ଅଭିନୟ କରିଛି ସରୋଜ ସାଙ୍ଗରେ ? ନା—ନା, ଏହା କଦାପି ନୁହେଁ । ବୀଣା ଅନ୍ତର ଦେଇ ଭଲ ପାଇଥିଲା ସରୋଜକୁ ଆଉ ସରୋଜ ମଧ୍ୟ ଭଲ ପାଇଥିଲା ବୀଣାକୁ ।

କିନ୍ତୁ ଏ ଭଲ ପାଇବାର ମୂଲ୍ୟ କଣ ହେଲା ? ଆଜି ବୀଣା କାହିଁ ?..........

ଅସହାୟଙ୍କ ପରି ସରୋଜ ଗୃହର ଅଡ଼କୁ ଅନାଇଁଲା । ମୁଣ୍ଡ ଉପରେ ବିଜୁଳି ପଙ୍ଖା ବୁଲୁଛି । ଘରର ଗୃହଅଡ଼େ ଖାଲି ଫାଇଲ ଗଦା—ଚିଆର ଟେବୁଲ । ମନକଥା ବୁଝିବ କିଏ ? ସରୋଜ ଆଜି ଅସହାୟ ।

ବୀଣାର ଫଟୋଟି ସରୋଜର ସାମନାରେ । ଅନାଇଁ ରହିଛି ସରୋଜ—ଆଉ ଭାବୁଛି ତାର ଅତୀତ ଜୀବନର କଥା ।

କ'ଣ ଥିଲା ଆଉ କ'ଣ ହେଲା ?

ସରୋଜ ଥିଲା କବି । କଲେଜରେ ପଢୁଥିବା ବେଳେ ସେ ଲେଖୁଥିଲା କବିତା । ପତ୍ର ପତ୍ରିକାରେ ସରୋଜର କବିତା ପ୍ରକାଶ ପାଏ । ବନ୍ଧୁ ମହଲରେ କବିତାର ଆଦର ବଢ଼ିଲା । ପତ୍ର ପତ୍ରିକା ମହଲରେ କବି ହିସାବରେ ପରିଚିତ ପାଇଲା ସରୋଜ । ବନ୍ଧୁ ଆସି ଯୋଟିଲେ, ବାନ୍ଧବୀ ବି ଯୋଟିଲେ ଅନେକ ।

ଛାତ୍ରୀମାନଙ୍କ ଭିତରୁ ବାଛି ବାଛି ସରୋଜ ପାଇଥିଲା ରାଣୀକୁ । ଚଞ୍ଚଳ ହୋଇ ଉଠିଥିଲା ରାଣୀର କମନୀୟ ସୌନ୍ଦର୍ଯ୍ୟ ଦେଖି । ବଲ୍ଗା ହରିଣ ପରି ଅସ୍ଥିର ନହେଲେ ବି ଆମର ଦେଶୀ ହରିଣ ପରି ତାର ଆଖି ଦୁଇଟିରେ ସରୋଜ ହୋଇଥିଲା ବନ୍ଦୀ । ଆଉ ସରୋଜର କବି ପ୍ରତିଭା ଦେଖି ରାଣୀ ମଧ୍ୟ ହୋଇଥିଲା ସରୋଜ ପାଖରେ ବନ୍ଦିନୀ ।

ନିର୍ଜନ ସ୍ଥାନରେ ଦୁହେଁ ବସି ଘଣ୍ଟା ଘଣ୍ଟା କଟାଇ ଦେଉଛନ୍ତି । ରାଣୀର ସୁକୋମଳ ବାହୁ ସରୋଜ ଗଳାରେ ଛନ୍ଦା ହୋଇଛି ଅସଂଖ୍ୟ ଥର । କିନ୍ତୁ କାହିଁ ? ରାଣୀକୁ କ'ଣ ନିଜର କରି ପାରିଲା ସରୋଜ ?

ରାଣୀର ବାପା, ଭାଇ ରାଣୀର ବିବାହ ଅନ୍ୟ ସ୍ଥାନରେ ଠିକ କଲେ । ରାଣୀ ପ୍ରତିବାଦ ଜଣାଇ କହିଲା—ସେ ସରୋଜ ଛଡ଼ା ଅନ୍ୟକୁ କଦାପି ବିବାହ କରିବନି ।

ରାଣୀର ବାପା ରାଣୀକୁ ତିରସ୍କାର କରି କେତେ କ'ଣ କହିଲେ । ପାଠ ପଢ଼ାଇ ଝିଅକୁ ଶିକ୍ଷିତା କରିଥିଲେ କ'ଣ ଏପରି ବାପର ମୁହଁରେ ଜବାବ ଦେବାକୁ ?

ରାଣୀ ବାପର ତିରସ୍କାର ସହ୍ୟ କରି ପାରିଲାନି । ଜହର ଖାଇ ଆତ୍ମହତ୍ୟା କରିବ ବୋଲି ବାପାଙ୍କ ପାଖକୁ ସେ ଚିଠି ଲେଖିଲା । ସଙ୍ଗେ ସଙ୍ଗେ ଘରୁ ସେ ବାହାରି ଆସିଲା ସବୁଦିନ ପାଇଁ ।

ସେଦିନ କଥା ସରୋଜର ବି ମନେ ଅଛି—ଭୁଲି ପାରିନି । ରାଣୀକୁ ହଠାତ୍ ଦେଖି ସରୋଜ ପଚାରିଲା—

"କି, ଅସମୟରେ କୁଆଡ଼େ ?"

ରାଣୀ କହିଲା—

"ଘର ସାଙ୍ଗରେ ସବୁଦିନ ପାଇଁ ସମ୍ପର୍କ ତୁଟାଇ ତମ ପାଖକୁ ଧାଇଁ ଆସିଛି—"

ବୀଣାର କଥାରେ ଚମକି ଉଠିଲା ସରୋଜ । କ'ଣ କରିବ ଆଉ କ'ଣ ନ କରିବ କିଛି ସ୍ଥିର କରି ପାରିଲାନି ସେ । ବହୁତ ଭାବିଚିନ୍ତି ସରୋଜ କହିଲା—

"ଆରେ କ'ଣ ହେଉଛି ଆଉ କହ ।"

ସେତେବେଳକୁ ସରୋଜର ଛାତି ଥରା ଥରା ହୋଇ ଯାଉଥିଲା । ମନରେ କେତେ ପ୍ରକାରର ଆଶା ଆଉ ଆଶଙ୍କା ।

କାନ୍ଦି କାନ୍ଦି ହୋଇ ବୀଣା କହିଲା—

"ସରୋଜ—ପ୍ରାଣର ସରୋଜ ! କ'ଣ ଆଉ ଭାବୁଚ ? ତମର ପାଇଁ ମୁଁ ବାପା, ଭାଇଙ୍କୁ ତ୍ୟାଗ କରିଚି । ପଦେ ପଦେ କଥାରେ ଘରୁ ବାହାରି ଆସିଚି । ଏ ବେଳରେ ଆଉ ଭାବିବାର କ'ଣ ଅଛି ?"

ଥରି ଥରି ଗଳାରେ ସରୋଜ କହିଲା—

"ତଥାପି ।"

"ତଥାପି ଆଉ କ'ଣ ସରୋଜ ?"

"ବାପା ବୋଉଙ୍କ ପରାମର୍ଶ ନିତାନ୍ତ ଦରକାର ।"

ଚମକି ଉଠିଲା ବୀଣା । ସରୋଜକୁ କହିଲା ସେ—

"ବାପା ବୋଉ ଯଦି ଅମଙ୍ଗ ହୁଅନ୍ତି ?"

ମନେ ମନେ ଗଭୀର ଚିନ୍ତା କଲା ସରୋଜ । ପ୍ରକୃତରେ ଯଦି ବାପା ବୋଉ ତାର ସଙ୍ଗ ନ ହୁଅନ୍ତି ତେବେ—ତେବେ ସେ କ'ଣ କହିବ ବୀଣାକୁ । ତାର ଜୀବନଟା ଯଦି ନଷ୍ଟ ହୁଏ, ତା ପାଇଁ ଦାୟୀ ହେବ କିଏ ?

ସରୋଜ ନୁହେଁକି ?

ନିଶ୍ଚୟ ସରୋଜ ଦାୟୀ । ପ୍ରେମ କରିବା ବା କାଣିକୁ ପ୍ରାଣ ଦେଇ ଭଲ ପାଇବା ଖେଳଘର କଥା ନୁହେଁ । ଜୀବନଟା ସାଙ୍ଗରେ

ଜୀବନ ଶୁଦ୍ଧି ହୋଇଯାଏ । ଜାତ ଅଜାତ—ଛୁଆଁ ଅଛୁଆଁ ର ଭେଦ ବିଚାର ରହେନା ।

ପ୍ରେମ ନିଷ୍କାମ ଓ ନିର୍ବିକାର ।

ସେଇଥି ପାଇଁ ତ ପିତୃ ସ୍ନେହର ମମତା ଛୁଡ଼ାଇ ବୀଣା ଧାଇଁ ଆସିଚି ଅଶୋକ ପାଖକୁ । ଅଶୋକ କ'ଣ ବୀଣାକୁ ହତାଦର କରିବ ? ନିଜ ପାଖରେ ସ୍ଥାନ ଦେବନି ?

ନା-ନା ଏହା କି କେବେ ସମ୍ଭବ ହୋଇପାରେ ?

ଅଶୋକ ବୀଣାକୁ ଭଲପାଏ—ପ୍ରାଣ ଦେଇ ଭଲ ପାଏ ସେ ବୀଣାକୁ ସେ ଆଶ୍ରୟ ଦେବ । ତା ପାଇଁ ଯେତେ ବାଧା-ପ୍ରତିବନ୍ଧକ ଆସିଲେ ବି ସେ ତାର ପ୍ରତିରୋଧ କରିବ ।

ପରମ୍ପର ଉକ୍ତିରେ କିଏ ଯେପରି ଅନ୍ତର ଭିତରୁ କହୁଥିବାର ଅନୁଭବ କଲା ଅଶୋକ ।

"ବାପା-ବୋଉ—ପ୍ରିୟ-ପ୍ରୀତି ସଭିଙ୍କ କଥା ଏଡ଼ି ଏପରି କହିବାର ସାହସ କ'ଣ ଅଛି ଅଶୋକ ?"

ଅସହାୟଙ୍କ ପରି ଅଶୋକ ଶୂନ୍ୟଆଡ଼କୁ ଅନାଇଲା । କ'ଣ କହିବ ସେ ବୀଣାକୁ ? ବୀଣା ଯେ ସମସ୍ତ ବନ୍ଧନ ଛୁଡ଼ାଇ ଧାଇଁ ଆସିଚି ତାର ପ୍ରାଣ ପ୍ରିୟ ଅଶୋକ ପାଖକୁ । ଅଶୋକ କ'ଣ ଆଶ୍ରୟ ନଦେଇ ରହି ପାରିବ ? ବୀଣାକୁ ସେ ଭଲପାଏ—ଜୀବନ ଦେଇ ଭଲପାଏ ।

ବୀଣା ଅଶୋକ କାନରେ ହାତ ଥୋଇ ଧୀର ଗଳାରେ କହିଲା—

"କ'ଣ ଭାବୁଚ ଅଶୋକ ?"

ଚମକି ହୋଇ ଅଶୋକ କହିଲା—

"ଭାବୁଚି ଆମ ଦୁ' ଜଣଙ୍କର ଭବିଷ୍ୟତ କଥା—!"

"ଭବିଷ୍ୟତ କଥା ଭାବିବାର ବେଳ ନୁହେଁ ଏ। ବର୍ତ୍ତମାନ ମୁଁ କ'ଣ କରିବି ସେଇକଥା କୁହ।"

ସରୋଜ କହିଲା—

"ଭବିଷ୍ୟତ କଥା ଚିନ୍ତା ନକରି ହଠାତ୍ ଘରୁ ଚାଲି ଆସିବା ଠିକ୍ ହୋଇନି ବୀଣା! ବାପା-ମାଆ, ଭାଇ ଏମାନେ ଗୁରୁଜନ। ଏମାନଙ୍କ ଉପଦେଶ ନମାନି—"

ବୀଣା ଅଧୀର ହୋଇ କହିଲା—

"ଏବେ ତମେ କ'ଣ କହୁଛ ସରୋଜ? ପ୍ରେମ ଅନ୍ଧ। ଜାତି ଅଜାତି—ଭଲ ମନ୍ଦ ନାହିଁ। ବାପା ଯେତେବେଳେ ମୋର ଅନ୍ୟଠି ବିବାହ ପ୍ରସ୍ତାବ କରୁଛନ୍ତି ଏପରି ଘୁଲେ ମୋର ମନ କଥା ବ୍ୟକ୍ତ ନକରିବି କିପରି?"

ଧୀର ଗଳାରେ ସରୋଜ କହିଲା—

"ବୁଝିଲି। କିନ୍ତୁ..."

"ପୁଣି କିନ୍ତୁ କ'ଣ?"

"ମୋତେ ତ ପୁଣି ବାପା ବୋଉଙ୍କର ଅନୁମତି ଦରକାର?"

ବୀଣା ମୁଣ୍ଡରେ ବଜ୍ର ପଡ଼ିଲା ସରୋଜ ମୁହଁରୁ ଏପରି କଥା ଶୁଣି। ନିଜକୁ ସଂଯତ କରୁ କରୁ କହିଲା ସେ—

"ତମର ବାପା ବୋଉ ଯଦି ଘରକୁ ବୋହୂ କରି ନେବାରେ ରାଜି ନ ହୁଅନ୍ତି?"

"......................"

ସରୋଜ ନୀରବ ରହିଲା। କ'ଣ ଉତ୍ତର ଦେବ ସେ ବୀଣାକୁ?

ବୀଣା ସରୋଜର ନୀରବତା ଲକ୍ଷ୍ୟ କରି ପୁଣି କହିବାକୁ ଆରମ୍ଭ କଲା—

"କାହିଁ କହିଲନି ଯେ, ନୀରବ କାହିଁକି ରହିଲ ? ବୁଝିଲି । ତମେ ଭାବୁଚ ତମର ବାପା ବୋଉ ଆଉ ବଂଶର ମର୍ଯ୍ୟାଦା କଥା—ନୁହେଁକି ? ବେଶ୍, ତୁମେ ତୁମର ବଂଶ ମର୍ଯ୍ୟାଦା ନେଇ ଥାଅ । ତମର ଦୁର୍ବଳତା ଅଛି ବୋଲି ଜାଣି ନଥିଲି । ତମକୁ ଭଲ ପାଇଚି ଯେତେବେଳେ ସେହି ଭଲ ପାଇବାକୁ ଅସମ୍ମାନ କରିବନି । ନାରୀ, ଥରେ ଜଣକୁ ଭଲପାଏ । ଥରେ ଯଦି ତାର କୁମାରୀତ୍ୱକୁ ଜଣକୁ ଦାନ କରିଦିଏ, ତେବେ ସେହି ଖେଳ ହେବନି ତାର ସର୍ବସ୍ୱ ।"

ଏତକ କହି ସାରି ନୀରବ ରହିଲା ବୀଣା । ସେ ସରୋଜର ମୁହଁକୁ ଅନାଇଁ ଥିଲା । ତଥାପି ସରୋଜ ନୀରବ—ତଳକୁ ମୁହଁ ପୋତି ବସିଛି ସେ । ପାଟିରେ କଥା ନାହିଁ ।

ଛଳଛଳ ଆଖିରେ ବୀଣା ସରୋଜକୁ କହିଲା—

"ତମେ ଦୁର୍ବଳ ସରୋଜ । କାହିଁକି ମୋତେ ଭଲ ପାଇଲ ! ବଂଶ ମର୍ଯ୍ୟାଦାର ପ୍ରଶ୍ନ ଯଦି ତମ ମନରେ ବସା ବାନ୍ଧିଥିଲା, କାହିଁକି ଗୋଟାଏ କୁମାରୀ ଜୀବନ ସାଙ୍ଗରେ ଖେଳ ଆରମ୍ଭ କରିଥିଲ ? ଥାଅ, ମୁଁ ଯାଉଚି ।"

ଭଙ୍ଗା ଗଳାରେ ସରୋଜ କହିଲା—

"କେଉଁଆଡ଼କୁ ଯିବୁ ବୀଣା ?"

ବୀଣାର ଅଧରରେ ଫିକାକିଆ ହସ ।

"ଯେଉଁଠାକୁ ଗୋଡ଼ ଦୁଇଟା ନେଇଯିବ, ସେଇ ଆଡ଼କୁ ଚାଲିଯିବି ।"

"ଏହା ଠିକ୍ ହେଉନି ବୀଣା । ମୋ କଥା ମାନ..."

"ବାପା ବୋଉଙ୍କ ପାଖକୁ ପୁଣି ଫେରି ଯିବାକୁ କହୁଚ ?"

ସରୋଜ ମୁଣ୍ଡ ଝୁଙ୍କାଇ ସମ୍ମତି ଜଣାଇଲା ।

ବୀଣା କହିଲା—

"ତା କଦାପି ହେବନି । ଯାହା ଜିଦ୍ କରିଛ ସେହି ଜିଦ୍‌ହିଁ ତୋର ଭୂଷଣ । ସେଥିରେ ଯଦି ମୋତେ ପ୍ରାଣପାତ କରିବାକୁ ହୁଏ ତଥାପି ହସି ହସି ବରଣ କରିବି—।"

ବୀଣା ଆଉ ବେଶି ସମୟ ସେଠାରେ ଠିଆ ହେଲାନି । କ୍ଷିପ୍ର ଗତିରେ ବାହାରି ଗଲା । ସରୋଜ ପଛରୁ ଡାକିଲା କିନ୍ତୁ ବୀଣା ଶୁଣିଲାନି କି ଫେରି ଚାହିଁଲାନି—।

ବୀଣା ଚାଲିଗଲା, ଘରକୁ ତାର ବାପା ବୋଉଙ୍କ ପାଖକୁ ଗଲାନି ।—

ମାତ୍ର ସେ ଅଛି କେଉଁଠି ?

ସରୋଜ କେତେ ଅନ୍ବେଷଣ କରିଛି । ଏଯାଏଁ ବି ଖୋଜୁଛି, ତଥାପି ବୀଣାର ସନ୍ଧାନ ପାଉନି ସେ ।

ଦୁଇବର୍ଷ ବିତିଲା ତଥାପି ବୀଣାର ସନ୍ଧାନ ପାଇଲାନି ସରୋଜ !

ବଡ଼ ବଡ଼ ଖବର କାଗଜରେ ବିଜ୍ଞାପନ ଦିଆଗଲା । ବୀଣା ଯଦି ଫେରିଆସେ ସରୋଜ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ।

ତଥାପି କିଛି ଖବର ମିଳିଲାନି । ଦିନକୁ ଦିନ ଅନୁତାପହିଁ ସାର ହେଲା ସରୋଜର । ବୀଣାକୁ ପତ୍ନୀ ରୂପରେ ସେ ଗ୍ରହଣ ନ କରି ତା ପ୍ରତି ଯେଉଁ ଅନ୍ୟାୟ ସେ କରିଛି, ସେ ପାଇଁ ସାରା ଜୀବନ ସରୋଜ ଅନୁତାପ କରୁଛି ଓ କରିବ—।

ଫଟୋଟିକୁ ଉଠାଇ ଯତ୍ନରେ ସାଇତି ରଖିଲା ସରୋଜ । ଆଖିରେ ତାର ଲୁହ ଧାର ।

ଦିଆଲ୍ ଘଡ଼ିକୁ ଅନାଇଲା ସେ—ସମୟ ହୋଇ ଗଲାଣି । ମିସ୍ ଦାସଗୁପ୍ତା ନାଇଟ୍ କ୍ଲବରେ ଅପେକ୍ଷା କରିଥିବେ ।

ସରୋଜ ବୀଣାର ଫଟୋଟି ପକେଟରେ ଥୋଇଲା । ତାପରେ ଧୀରେ ଧୀରେ ଅଫିସ ରୁମ ଭିତରୁ ବାହାରି ପଡ଼ିଲା ପଦାକୁ—

ଶେଷ—ହାରଜିତ

ସରଳା ଗାଲରେ ହାତ ଦେଇ ଭାବୁଥିଲା—ଅତୀତ ଜୀବନର ଇତିହାସ । କଣ ଥିଲା ସେ ଆଉ କଣ ହୋଇଛି ଆଜି ।

ସରୋଜକୁ ତାର ସମସ୍ତ ଘଟଣା ଖୋଲି କହି ଦେଇଛି । ପ୍ରାଣରେ ପାଇଛି ସେ ଶାନ୍ତି । କିନ୍ତୁ ସରୋଜ କଣ ପାଇଲା ?

କାହିଁକି ସରୋଜ ତ ତାର ଜୀବନର ଇତିହାସ କେବେ ସରଳା ପାଖରେ ଖୋଲି କହିନି ?

ହଁ, ସେହି ମଧୁଶଯ୍ୟା ରାତି । ସରଳା କାନ୍ଦି କାନ୍ଦି ହୋଇ ସମସ୍ତ ଘଟଣା ସରୋଜ ପାଖରେ କହି ଦେଲା । ସରୋଜ ସବୁ ଶୁଣିଲା । ତଥାପି ମନରେ ତାର କୌଣସି ପରିବର୍ତ୍ତନ ଆସିନି ସରଳା ପ୍ରତି । ଘୃଣା ବଦଳରେ ସେ ପାଇଛି ଅନାବିଲ ସ୍ନେହ ସରୋଜ ପାଖରୁ ।

ସମସ୍ତେ ଜାଣନ୍ତି ସରଳା ସରୋଜର ସ୍ତ୍ରୀ । କିନ୍ତୁ ସରଳା ଜାଣେ ସରୋଜ ତାର ବନ୍ଧୁ ଆଉ ସରୋଜ ଜାଣେ ସରଳା ତାର ବାନ୍ଧବୀ ।

ମଧୁଶଯ୍ୟାର ରାତି । ସକାଳୁ ସରୋଜ ଉଠି ସ୍ନାନ କରି ଲୁଗାପଟା ପିନ୍ଧିଲା । ଛୋଟିଆ ସୁଟ୍‌କେଶରେ ଆବଶ୍ୟକ ଜିନିଷପତ୍ର ସଜାଡ଼ି ବାହାରି ପଡ଼ିଲା ଘରୁ ।

ମା ପଚାରିଲେ—

"ସକାଳୁ ପୁଣି କୁଆଡ଼େ ବାହାରିଲୁ ସରୋଜ ?"

ହସ ହସ ମୁହଁରେ ସରୋଜ କହିଲା—

“ଯେଉଁ କମ୍ପାନୀକୁ ଦରଖାସ୍ତ କରିଥିଲି, ଚାକିରି ପାଇଛି । ଆଜି ନଗଲେ କାଲି ପୁଣି ଚାକିରିରେ ହାଜିରା ଦେବି କିପରି ?

ମା ମନେ ମନେ ଦୁଃଖିତ ହେଲେ । ମୁହଁ ଖୋଲି କିଛି ପୁଅକୁ କହି ପାରିଲେନି । ଘରକୁ ବୋହୂ ଆସିଛି । ମାତ୍ର ଗୋଟିଏ ରାତି ସ୍ୱାମୀ ସାଙ୍ଗରେ ମିଳନ । ଆଜି ପୁଣି ବାହାରି ଯାଉଛି ଚାକିରି ଥାନକୁ—।

ମାଙ୍କର ମନ କଥା ବୁଝି ପାରିଲା ସନ୍ତୋଷ । ଧୀର ଗଳାରେ କହିଲା—

ଦୁଃଖ କରନା ବୋଉ । ମୁଁ ଚାକିରିରେ ମୁକରର ହୋଇ ଯିବା ସଙ୍ଗେ ସଙ୍ଗେ ଚିଠି ପଠାଇବି—।

ଫିକାଳିଆ ହସ ଟିକିଏ ଅଧରରେ ଟାଣି ମା କହିଲେ—

“ଚାକିରି କଥା—ବାଧା ଅଉ ଦେବି କିମିତି ? ହେଲେ କଥାଟା ଭାରି ଅସୁନ୍ଦର ଦିଶୁଛି ଦାଣ୍ଡକୁ । ଲୋକେ କଣ କହିବେ ? ଘରକୁ ବୋହୂ ଆସିଲା କି ନାହିଁ ପୁଅ ପୁଣି ପଳାଉଛି ବିଦେଶ—।”

“ସେ ସବୁ କଥା ତୁ କାହିଁକି ଭାବୁଚୁ ବୋଉ ? ମୁଁ ଚାକିରି ଠିକ୍ କରି ସାରିଲେ ତୋ ବୋହୂକୁ ସେଠାକୁ ନେଇଗଲେ ହବନି ? ...ଠଦିନ ଅପେକ୍ଷା କର । ସବୁ ଠିକ୍ ହୋଇଯିବ ।”

“ହଁ ବାପ, ସେଇ କଥା କର । ତୁ ବୋହୂକୁ ଶୀଘ୍ର ନେଇ ପାଖରେ ରଖ । ନଚେତ ତୁ ନିଜେ ଖାଇବାରେ ହଇରାଣ ହେବୁ ।

ମୃଦୁ ହସି ସନ୍ତୋଷ କହିଲା—

“ବୋହୂକୁ ତ ସାଙ୍ଗରେ ନେଇ ଯିବାକୁ କହୁଚୁ । ତୁ ପୁଣି ଚଳିବୁ କିମିତି ? ତୋ ଖବର ବୁଝିବ କିଏ ?

“ମୋ କଥା ତୋତେ ଭାବିବାକୁ ହେବନି । ମୁଁ ଠିକ୍ ଚଳି-ଯିବି, ତମେ ଦୁହେଁ ସୁଖରେ ରହିଲେ ସେଇଥିରେ ମୋର ଆନନ୍ଦ ।”

ସରଳା କବାଟ କୋଣରେ ଠିଆ ହୋଇ ସବୁ କଥା ଶୁଣୁଥିଲା । ସରୋଜର ନିର୍ମଳ ମନ ଆଜି ମା'ଙ୍କର ବାତ୍ସଲ୍ୟ ମମତା ପାଖରେ ତାର ମୁଣ୍ଡ ନୋଇଁ ଆସୁଥିଲା ।

ସରୋଜ ମା'ଙ୍କ ଚରଣରେ ମୁଣ୍ଡ ନୂଆଇଁ ନମସ୍କାର ଜଣାଇଲା । ମା' ସ୍ନେହରେ ପୁଅ ମୁଣ୍ଡରେ ହାତ ବୁଲେଇ ମନେ ମନେ ଈଶ୍ୱରଙ୍କ ନିକଟରେ ମଙ୍ଗଳକାମନା ଜଣାଇଲେ ।

ସରୋଜ ଘର ଭିତରକୁ ଆସିଲା । ମା ଅନ୍ୟ ଘରକୁ ଚାଲି ଗଲେ । ସରଳା ସେହିପରି କବାଟ କୋଣରେ ଠିଆ ହୋଇ ରହିଛି ।

ସରୋଜ ଆସି ସରଳା ପାଖରେ ଠିଆ ହୋଇ କହିଲା—"ମ ଦୁଃଖ କରନାହିଁ ସର ! ମୋର କର୍ତ୍ତବ୍ୟ ମୁଁ କରିବି । ତୁମ ଆଖିରେ ତୋତେ କଳଙ୍କିନୀ କରିବି ନାହିଁ ।"

ସରଳାର ମନ କାନ୍ଦି ଉଠିଲା । ସରୋଜର ଶକ୍ତି ପାଖରେ ତାର ସମସ୍ତ ବୁଦ୍ଧି ହଜିଗଲା ।

ସରୋଜ ସରଳାକୁ ନିଜ ପାଖକୁ ଅଜାଣତରେ ଆଣି ମୃଦୁ କଣ୍ଠରେ ପୁଣି କହିଲା—

"ଛି, କାନ୍ଦେନି । ମନକୁ ଦମ୍ଭ କର । ଠିକ୍ ଗୋଟିଏ ସପ୍ତାହ ପରେ ଆସି ତୋତେ ଏଠୁ ନେଇଯିବି ।"

ସରୋଜ ସୁଟକେଶଟି ହାତରେ ଧରି ଚାଲିଗଲା । ସରଳା ସେହିପରି କାଠ ମିଞ୍ଜିଲାଟି ପରି କବାଟ କୋଣରେ ଠିଆ ହୋଇ ରହିଛି ।

ସରୋଜ ଚାଲିଯିବା ଘଣ୍ଟାଏ ପରେ ମା' ପଶି ଆସିଲେ ଘର ଭିତରକୁ । ସରଳା ମୁହଁଟି ଲୁଚେଇ ଦେଇ ବସିଥିଲା ।

କୋମଳ କଣ୍ଠରେ ମା' କହିଲେ—

"ପୁଅ ଚାଲିଗଲା ବୋଲି ଦୁଃଖ କରବୁନି ଝିଅ । ଚାକିରୀ
ଥା । କଣ କରବା ? ଏ ପେଟଟା ପୁଣି ପୋଷିବାକୁ ହେବ ?
ଅଠଦିନ ମଧ୍ୟରେ ଚିଠି ଲେଖି ତୋତେ ତାପାଖକୁ ପଠାଇ
ଦେବ, ମନରେ ମୋଟେ ଦୁଃଖ କର ନାହିଁ ।"

ସରଳାକୁ ଭାରି ଲାଜ ଲାଗିଲା ଏଇ କେଇ ପଦ କଥାରେ ।
ଳକୁ ମୁହଁ ପୋତି ବସି ରହିଲା ସେ ।

ସରଳାର ମନ କଥା ମା' କୁଆଡ଼ୁ ଜାଣିବେ ? ଆଜି ଯେ
ଶୋକ ତାହାଙ୍କ ଘର ଛାଡ଼ି ସହରକୁ ପଳାଇଲା ଏକଥା ଜାଣେ
ରଳା ଆଉ ଜାଣେ ଅଶୋକ—।

ମା' ଆସି ବୁଢ଼ୀ ହେଲେଣି । ପୁଅ ବୋହୂଙ୍କର ସୁଖ ଦେଖିଲେ
ଙ୍କର ଆତ୍ମା ପୁରି ଉଠିବ । ସେ ସରଳାର ଦେହ ମୁଣ୍ଡ
ରେ ଆଉଁସି ଦେଇ କୋମଳ କଣ୍ଠରେ କହିଲେ—

"ମୁଁ ପୁଅକୁ ମୋଟେ ଛାଡ଼ି ଦେଇ ନଥାନ୍ତି । ଆମର କ'ଣ
ମାଉ ନଥିଲା ? ପୁଅର ପଢ଼ାପଢ଼ିରେ ଟଙ୍କା ଖରଚ ହେଲା ।
ଟି କାନ୍ଥ ଭଙ୍ଗା ଯାଇ ଇଟା ଦିଆଲ ତିଆରି ହୋଇ କୋଠା ଘର
ହେଲା । ଅଶୋକର ବାପା ଅଶୋକକୁ ବିଲାତ ପଠାଇବାକୁ
ଛା କରିଥିଲେ, କିନ୍ତୁ ବିଧାତା ସହି ପାରିଲାନି । ସବୁ କଳ୍ପନା
ଲେଇ ଗଲା । ଅଶୋକର ବାପା ଆମ ମା ପୁଅକୁ ରଖି
ସେ ପୁରକୁ ଚାଲିଗଲେ । ମା ପୁଅ ବସି ଖାଇଲୁ । କଥାରେ
ଛି ବସି ଖାଇଲେ ନଈବାଲି ଶେଷ ହୁଏ । ହାତପାଣ୍ଠି କମଗଲା
ରେ ଆସୁଛି । ପୁଅର ଜିଦ୍ ସେ ଚାକିରୀ କରିବ—।"

ସରଳ ମନରେ ବୁଢ଼ୀ ସବୁ ଗାଇ ଯାଉଥିଲା ସରଳା ପାଖରେ ।
ଢ଼ୀର ସରଳତା ପାଖରେ ସରଳାର ସବୁ କଳ୍ପନା ହାର ମାନି
ଯାଉଛି । ବିବେକ ବାଧା ଦେଉଛି ।—

—ଭାସ୍କର୍

ଏପରି ଶାସ୍ତି ପାଉଛି ସେ । ଯେ କୌଣସି ବୋହୂ ଗର୍ବରେ ଫୁଲି ଉଠିବା କଥା । କିନ୍ତୁ ସରଳା କାହିଁକି ଖୁସି ହେଉନି—?

କିପରି ସେ ଖୁସି ହେବ ? ସେ ଯେ ପାପିନୀ—କଳଙ୍କିନୀ—ବିବେକ ତାକୁ ବାଧା ଦେଉଛି । ପବିତ୍ର ଆତ୍ମା ସାଙ୍ଗରେ ଗୋଟାଏ ପାପିନୀର ଆତ୍ମା ସେ କେଉଁ ସାହସରେ ମିଶାଇଦେବ ?

ଦୁନିଆଁ ହସୁ । ଏ ଘରେ ତାର ସ୍ଥାନ ନହେଉ ପଛେ—ସତ କଥାରେ ସେ କଦାପି ପଛେଇବନି । ସରୋଜଙ୍କୁ ତ କଥା ଖୋଲି କହୁଛି ଆଉ ଭୟ କଣ ସରଳାର ? ନିଶ୍ଚୟ ସରୋଜ କିଛୁ ପ୍ରତିକାର କରିବ ସରଳା ପାଇଁ—।

ଠିକ୍ ଆଠଦିନ ପରେ ସରୋଜ ପୁଣି ଫେରି ଆସିଲା ଘରକୁ ମାଙ୍କର ଆନନ୍ଦର ସୀମା ରହିଲେ ନସରେ ।

ସ୍ନେହରେ ମା ପଚାରିଲେ—

"ଚାକିରି କଥା କଣ ହେଲା ସରୋଜ ?"

ସରୋଜ କହିଲା—

"ଖୁବ୍ ଭଲ ଚାକିରି ପାଇଲି ବୋଉ । ହେଲେ ଛୁଟି ଅଦୌ ନାହିଁ । ଖାଇବା ପିଇବାରେ ଭାରି ଅସୁବିଧା । ସରଳାକୁ ଯଦି ମୋ ସାଙ୍ଗରେ ଯିବାକୁ ଅନୁମତି ଦିଅନ୍ତୁ ଭାରି ଭଲ ହୁଅନ୍ତା—।"

ହସି ହସି ମା ଉତ୍ତର କଲେ—

"ମୁଁ କଣ ମନାକଲି ? ତୁମେ ଏକା ସାଙ୍ଗରେ ରହିବ ମଝିରେ ମଝିରେ ଭଲ ମନ୍ଦ ଖବର ପାଇଲେ ସେଇଥିରେ ମୁଁ ସନ୍ତୁଷ୍ଟ ହେବି—। ପ୍ରତି ଆଠଦିନକେ ଚିଠି ଯେପରି ପାଏଁ ।"

ସରୋଜ କହିଲା—

"ତୁ ସେ ପାଇଁ ଭାବନା କରନି ବୋଉ । ପ୍ରତି ଆଠଦିନରେ ଥରେ ଆମ ଚିଠି ପାଇବୁ ।"

ଶ—ବାଉଳି

ମା ପୁଅଙ୍କ କଥା ସରଳା ଶୁଣୁଥିଲା ଆଉ ମନେ ମନେ ଭାବୁଥିଲା ଏଥର ସରୋଜ ତାକୁ ନେଇଯିବ । ଏଘର ସାଙ୍ଗରେ ସମ୍ପର୍କ ଆଉ ବୋଧେ ତାର ରହିବନି । ଜୀବନର ଗତି କଣ ଯେ ହେବ ସେ କଥା କିଏ କହିବ ?

ମନେ ମନେ ଶିହରି ଉଠିଲା ସରଳା...।

ମଧୁଶଯ୍ୟା ଗୋଟିଏ ରାତି ଏକ ସାଙ୍ଗରେ କଟି ଯାଇଛି ଦୁଇ ଜଣଙ୍କର । ସରଳା ଜୀବନର ଇତିହାସ ଶୁଣି ଶୁଣି ରାତି ପାହି ଯାଇଛି । ଆଠଦିନପରେ ପୁଣି ସରୋଜ ଆଜି ଫେରି ଆସିଛି ଘରକୁ । ଆଜି ବି ଦୁହେଁ ଏଇ ଘରେ ଏକାସାଙ୍ଗରେ ରହିବେ ।

ସେତେବେଳେ ସରଳା କଣ କହିବ ସରୋଜକୁ ? ସରୋଜ ସାଙ୍ଗରେ ସରଳା ଯିବତ ? ନା–ନା– ସେ ଯାଇ ପାରିବନି । ଦେବୀ ପ୍ରତିମା ପରି ମା'ଙ୍କୁ ସେ ଛାଡ଼ି ଯାଇ ପାରିବନି—।

କାହିଁକି ଯିବ ସେ ? ଏ ଘର ସାଙ୍ଗରେ ତା'ର ଆଉ ସମ୍ପର୍କ କ'ଣ ଅଛି ? ସବୁ କଥାତ ସରୋଜଙ୍କୁ ସେ କହି ଦେଇଛି । ସରୋଜ ସବୁ କଥା ସରଳାର ଶୁଣିଛି । ଆଉ କେଉଁ ଅଧିକାରରେ ସେ ଦାବୀ କରି ବସିବ ଏ ଘରେ ବୋହୂ ହୋଇ ରହିବାକୁ ? ସରୋଜ କଣ ରାଜି ହେବ ସରଳା କଥାରେ ?

ପରମୁହୂର୍ତ୍ତରେ କିଏ ଯେପରି ସରଳାର ଅନ୍ତର ଭିତରୁ କହୁଥାଏ ସେ ଅନୁଭବ କଲା—

ଏ ମାୟା ପୁଣି ମନ ଭିତରେ କାହିଁକି ସରଳା ? ସବୁ କଥା ସରୋଜଙ୍କୁ କହି ଦେଇ ନିଜର ଦୁର୍ବଳର ପରିଚୟ ଦେଇଛୁ ସେଥିରୁ ପୁଣି ଟଳି ପଡୁଛୁ କାହିଁକି ? ଏହାହିଁ କଣ ଜଣେ ନାରୀ ପକ୍ଷରେ ଉଚିତ ?"

ଚମକି ଉଠିଲା ସରଳା । ଚେତନା ତା'ର ଫେରି ଆସିଲା
ନିଜକୁ ସଂଯତ କରି ନେଲା ସେ । ପୃଥ୍ୱୀ ପ୍ରଳୟ ହେଲେ ବି ସେ
ଆଉ ଟଳିବନି । ନିଜର ଆତ୍ମା ଅପବିତ୍ର । ସେ କଳଙ୍କିନୀ, ଏ ଘରେ
ତାର ସ୍ଥାନ ନାହିଁ । ସେ ଅଶୋକ ସାଙ୍ଗରେ ନିଶ୍ଚୟ ଯିବ—।

କେଉଁଠିକି ?

ଯେଉଁଠାକୁ ଅଶୋକ ନେଇ ଯିବ ।—ନର୍କସ୍ଥାନକୁ—।

ସରଳାର ଭାବନାରେ ବାଧା ପଡ଼ିଲା । ମୁହଁ ଟେକି ଅନାଇଁ
ସେ । ଅଶୋକ ତାହାର ପାଖରେ ଆସି ଠିଆ ହୋଇଛି—।

ଲାଜୁଆ ଆଖିପତା ଦୁଇଟି ତଳକୁ ନଇଁ ଆସିଲା ସରଳାର
ହସିହସି ଅଶୋକ କହିଲା—

"ସବୁ ଠିକ୍ ହୋଇ ଗଲା ସରଳା । ତୁ ଆଉ ମନ
କରିବୁନି । ସ୍ୱାମୀ-ସ୍ତ୍ରୀର ଅଭିନୟ ସବୁ ସମୟରେ ଆଉ ସ
ଲୋକଙ୍କ ପାଖରେ କରିବାକୁ ହେବ । ନହେଲେ ଲୋ
ସନ୍ଦେହ କରିବେ । କିନ୍ତୁ ବିଶ୍ୱାସ କର ମୁଁ ତୋର କୌଣସି କ୍ଷ
କରିବି ନାହିଁ । ତୋତେ ଖୁସୀ କରିବା ପାଇଁ ସଦା ସର୍ବ
ଚେଷ୍ଟା କରିବି—।

ସରଳା କହିଲା—

"ଅଶୋକ ଭାଇ ! ତମେ ଦେବତା । ମୋ ପରି କଳଙ୍କିନୀ
ତେ ଆଶ୍ରୟ ଦେଇଛ ଏହି ଯଥେଷ୍ଟ । ଆଉ କିଛି ଆଶା କରୁନି
ଦାସୀ ପରି ପାଖେ ପାଖେ ରହି ତମର ସେବାରେ ଯଦି ଏ ଜୀବନ
ଚାଲିଯାଏ ତେବେ ମୋର ଏ ପାପ ଜୀବନଟା ମୁକ୍ତ—।"

"ଛି, ଏପରି କଥା ମୁହଁରେ ଧରନ୍ତୁ ? ପେଟ ଭିତରେ ଚେ
ସେଇଁ ସବୁ ପ୍ରେମର ଚିହ୍ନ ରହି ଯାଇଛି ନରେଶ୍ ସେହିଥିରେ
ତୋର ଆନନ୍ଦ—।"

"ପବିତ୍ର ସ୍ତ୍ରୀ କାହାକୁ କହୁଛ ତମେ ? ଯାହାକୁ ପବିତ୍ର ବୋଲି କହୁଛ ସେ ଯେ ଦୁନିଆଁ ଆଖିରେ କଳଙ୍କ ହେବ । ଜାରଜ ଛୁଆ ନାହିଁ ସମସ୍ତେ ହତାଦର କରିବେ । ସେହି କଳଙ୍କର ଚିହ୍ନ ଦୁନିଆଁର ଦରବାରକୁ ଆସିବା ଆଗରୁ ଯଦି ମୁଁ ଆତ୍ମ ହତ୍ୟା କରେ—ଏହା ଏତା ଆଉ ଅନନ୍ଦ କଣ ଥାଇ ପାରେ ?"

"ଭୁଲ ।—ମହାଭୁଲ ଏଇ ସରଳା । କଳଙ୍କିନୀ କହି ନିଜକୁ ଏତେ ଛୋଟ କରିବା ଠିକ୍ ନୁହେଁ । ତୁ ଆଦର୍ଶ ରମଣୀ । ଯେଉଁ ଏଡ଼ ସାହସ ତୋଠି ଅଛି ଏହିପରି ଯଦି ପ୍ରତ୍ୟେକ ନାରୀମାନଙ୍କ ପାଖରେ ଥାଆନ୍ତା ତେବେ ଆମର ଏହି ଭାରତ ଭୂଇଁ ମହାନ ଆଦର୍ଶ ହୋଇ ରହନ୍ତା ଚିରକାଳପାଇଁ ।"

"ମୋର ଯେ ଦିନକୁ ଦିନ ସାହସ କମିଯାଉଛି ସରୋଜ ବାବୁ । ଦୁନିଆଁ ଆଗରେ ମୁଁ ଯେ ଅପରାଧିନୀ । ତମକୁ ସ୍ୱାମୀ ବୋଲି ସ୍ୱୀକାର କରିବା ପୂର୍ବରୁ ତ ମୋଠି ଏପରି ସତ ସାହସର ଶକ୍ତି ନ ଥିଲା —। ତମକୁ ବିବାହ କରି ତମ ଜୀବନକୁ ଯେ ମୁଁ ହନ୍ତସନ୍ତ କରୁଛି । ଏହା ପାଇଁ ଦାୟୀ କିଏ ?"

"ତୋପାଇଁ କେହି ଦାୟୀ ନୁହଁ ସରଳା । ଦୁନିଆ ଆଗରେ ଧର୍ମକୁ ସାକ୍ଷୀ ରଖି ଆମେ ଯେଉଁ ସ୍ୱାମୀ ସ୍ତ୍ରୀର ବନ୍ଧନରେ ବାନ୍ଧି ହୋଇଛନ୍ତି ଏହା କେବଳ ଗୋଟାଏ ଲୋକ ଦେଖାଣିଆ ପ୍ରଥା । ପ୍ରକୃତ ମନର ପରିଚୟ ଏଥିରେ ନାହିଁ । ଯେଉଁ ଅନ୍ଧ ପୁଟୁଳି ଆଜି ମୋ ଆଖିରୁ ଖୋଲି ଦେଲୁ । ତୋତେ ଓ ତୋର କୋଳକୁ ଆସୁଥିବା ସେହି ଜୀବନ ଚିହ୍ନକୁ ରକ୍ଷା କରିବି ମୁଁ ।"

ସରଳାର ଆଖିରୁ ଲୁହ ଧାର ବୋହି ଆସିଲା । ସରୋଜ ସାଙ୍ଗରେ ଅଜାଡ଼େ କଣ କଥା କହିବ ଭାଷା ଖୋଜି ପାଇଲାନି ସେ ।

× × × × ×

କହୁଁ କହୁଁ ଦୋ'ଟି ବର୍ଷ ବିତି ଗଲଣି । ସରୋଜ ପାଖରେ ଏହି ସହରରେ ରହୁଛ ସେ । କୌଣସି କଥାରେ ଅଭାବ ନାହିଁ ତାର । ଖୁସୀ ପର ସମୟ ତାର କଟିଯାଉଛି । ଯେଉଁ ସ୍ମୃତି ଚି... ସରଳାର ପେଟ ଭିତରେ ଉଙ୍କି ମାରୁଥିଲା ସେ ଦୁନିଆକୁ ଆସି... ତାର ବୟସ ଦେଢ଼ ବର୍ଷ ।

ଦେଖିବାକୁ ବେଶ୍ ସୁନ୍ଦର । ମୁହଁଟି ଦେଖିବାକୁ ଠିକ୍ ନରେଶ... ପରି । ସରୋଜ ଅଫିସରୁ ଫେରି ସେହି କଅଁଳ ଶିଶୁଟିକୁ କୋଳରେ ଧରି ଚଗଲା କରେ । ଗୁଲୁରୁ ଗୁଲୁରୁ କଥା କହି ଖେଳେ । ଦୂରରୁ ସରଳା ଦେଖି ମନେ ମନେ ବେଶ୍ ଆନନ୍ଦ ପାଏ—।

ସରଳା ଚମକି ଉଠିଲା । ଆର ଘରେ ପୁଅ ନିଦରୁ ଉଠି... କାନ୍ଦୁଛି । ବସିଲା ଥାନରୁ ଦୌଡ଼ିଗଲା ପୁଅ ପାଖକୁ ।

ପଲଙ୍କ ଉପରୁ ପୁଅକୁ ଉଠାଇ ଆଣି କାନ୍ଧ କଲା ସରଳା । ମାଆର କୋଳ ପାଇ ଚୁପ ହୋଇଗଲା କଅଁଳ ଶିଶୁଟି । ସରଳା ଗୁଣୁ ଗୁଣୁ ହୋଇ ଗୀତ ଗାଇ ଗାଇ କଅଁଳ ଶିଶୁଟି ପିଠିରେ ଥାପୁଡ଼ି ମାରୁଥିଲା । ଶିଶୁଟି ମାଆର କାନ୍ଧ ଉପରେ ମୁଣ୍ଡ ଥୋଇ ପୁଣି ଆଖି ବୁଜି ଶୋଇଲା ।

ସରଳା ପଲଙ୍କ ଉପରେ ବସି ପୁଅକୁ କୋଳରେ ଆଉଜାଇ... ମୁହଁଟିକୁ ଅନାଇ ରହିଛି ।

ଠିକ୍ ନରେଶର ନାକମୁହଁ ଛଡ଼ାଇ ଆଣିଛି । ଆଜି ନରେଶ ଯଦି ଥାନ୍ତା, ପୁଅକୁ ଦେଖି କେତେ ଖୁସି ନ ହେଉ ଥାନ୍ତା । ଆଉ କେ... ନରେଶ ସଙ୍ଗରେ କେତେଦିନ ଦେଖା ହେବନି ସରଳାର ?

ସରଳା ନରେଶ କଥା ଭାବି ଭାବି ମନେ ମନେ ନିଜକୁ ଧିକ୍କା... କରୁଥିଲା । ସେ ଚେଷ୍ଟା କରୁଛି ଯେ—ଆଉ ନରେଶ କଥା ଭାବି- ବନି ବୋଲି । କିନ୍ତୁ କାହିଁ ? ନରେଶକୁ ଭୁଲିବାକୁ ଚେଷ୍ଟା...

...ରେ ବି ସରଳା ଭୁଲି ପାରୁନି । ନିରୋଳାରେ ବସିଲେ ନରେଶ ...ଥା ତାର ମନେ ପଡୁଛି । ପ୍ରାଣ ଅସ୍ଥିର ହେଉଛି ।

ନା-ନା ସେ ଆଉ ମୋଟେ ନରେଶ କଥା ଭାବିବନି । କାହିଁକି ...ଭାବିବ ସେ ? ସେଇ ସରଳାକୁ ପାଦରେ ଠେଲି ଦେଇଛି । ...ର କୁମାରୀତ୍ୱକୁ ଅପମାନ କରିଛି । ସେ କାହିଁକି ଏତେ ଭାବିବ ...ନରେଶ କଥା ? ମୋଟେ ଭାବିବନି ସେ ।

ଶିଶୁର ମୁହଁଟିକୁ ଆଉ ଥରେ ଅନାଇଁଲା । କଅଁଳ ଛୁନୁ ... ମୁହଁଟି—ସୁନ୍ଦର ଦେଖା ଯାଉଛି ।

ଏହି ଶିଶୁ ବଡ଼ ମଣିଷ ହେବ । ସରୋଜ ତାକୁ ବଡ଼ ମଣିଷ ...ବ । ପାଠ ପଢ଼ିବ ସେ ।

ସେତେବେଳେ ଯାଇ ସରଳାର ଦୁଃଖ କୁଆଡେ ମିଳେଇ ...ବ । ପୁଅର ସୁଖରେ ସେ ହେବ ସୁଖିନୀ ।

ସରୋଜ ତାର ବନ୍ଧୁ । ସେ କଳଙ୍କିନୀକୁ ଘରେ ସ୍ଥାନ ...ଦେଇଛି । ଏଘରେ ସରଳା ମାଲିକ । ବାକ୍ସରେ ଲକ୍ଷ ଲକ୍ଷ ଟଙ୍କା ...ହୋଇଛି । ଦରକାର ହେଲେ ସରୋଜ ହାତ ପତେଇ ମାଗି ...ନେଉଛି ସରଳା ପାଖୁ । ସେ ସରୋଜକୁ କଦାପି ଭୁଲି ପାରିବନି —କି ତା ଠାରୁ ଅଲଗା ହୋଇ ପାରିବନି ।

ସରୋଜ ଯଦି ତାକୁ ପାଦରେ ଠେଲି ବାହାର କରି ଦିଏ ...ପାଖି ସେ ଏଠୁ ଯିବନି । ଗୋଡ଼ ଧରି ପଡ଼ି ରହିବ ।

ସରଳାର ମନ ଭିତରେ କିଏ ଯେପରି କହି ଉଠିଲା—

ଯଦି ନରେଶ ଆସି ତୋ ପାଖରେ କ୍ଷମା ମାଗି ନେଇ ଯିବାକୁ ...ହେ— । ସରୋଜକୁ ଛାଡ଼ି ଯାଇ ପାରିବୁ ତ ?

ଚମକି ଉଠିଲା ସରଳା । ନରେଶର ଛାୟା ଯେପରି ଏହି ...ରେ ବୁଲୁ ଥିବାର ସେ ଅନୁଭବ କଲା ।

ଦୀର୍ଘ ନିଶ୍ୱାସ ପକାଇଲା ସରଳା । ମନକୁ ମନ କହିଲା—ଭଗବାନ ! ଶକ୍ତି ଦିଅ ମତେ । ଯାହାକୁ ଭୁଲିବାକୁ ଚେଷ୍ଟା କରୁ ତାଆର କଥା ଥରକୁ ଥର ମନେ ପକାଇ, ଜଳାଇ ପୋଡ଼ାଇ ଅନ୍ତ ଟାକୁ ଜଳିବଳି କରି ଲାଭ କଣ ?

ନରେଶ ଆସିବ ?

ଆସୁ ? କ୍ଷତି କଣ ? ତା ଠାରୁ ପ୍ରତିଶୋଧ କଣ ନେ ପାରିବନି ?

ଯେ ପୁରୁଷ ହୋଇ ଯଦି ଗୋଟିଏ ଅବଳାର ସର୍ବନାଶ କ ପାରେ ମୁଁ ନାରୀ ହୋଇ ମୋର କଣ କିଛି କରିବାର ନାହିଁ ?

ସରଳା ଏଘର ଛାଡ଼ି ଯାଇ ପାରିବନି । ଏଇ କଅଁଳ ଶିଶୁ ତାର ସବୁ । ଏଇଠି ତାକୁ ମଣିଷ କରିବ । ସତ୍ୟେନ ତା ଭଲ ପାଇଛ । ପ୍ରାଣ ଦେଇ ଭଲପାଏ ସେ । ସ୍ନେହରେ ଶିଶୁଟି ନାଆଁ ଦେଇଛ ଟିକନ ।

ସତ୍ୟେନର ଭଲ ପାଇବାରେ ନାହିଁ ଅବିଳତା । କି ସତ୍ୟେନର ଗମ୍ଭୀର ଭାବ ଦେଖିଲେ ସରଳାର ମନ ଚେଳେ ବେଳେ କାହିଁକି ଦୋହଲି ଯାଏ । ମନ କଥା ଜାଣିବା ପାଇଁ ଚେ ଭରେ କିନ୍ତୁ ସାହସ କରି ପଚାରି ପାରେନା ସରଳା ।

କେତେ ଭଲ ପ୍ରେମ ସତ୍ୟେନ କଥା ଭାବେ ସରଳା ।

ନରେଶକୁ ସେ ଗ୍ରହଣ କଲା, କିନ୍ତୁ ନରେଶ ତାକୁ ଗ୍ରହଣ କଲା ତା ତାରେ କଳଙ୍କର ଟିକା ଦେଇ ତାକୁ ପରିତ୍ୟାଗ କଲା । ସତ୍ୟେ ତାକୁ ସ୍ଥାନ ଦେଇଛ । କଳଙ୍କରୁ ମୁକ୍ତ କରିଛ ସରଳାକୁ ।

କିନ୍ତୁ କାହିଁକି ?

କଣ ପାଇଁ ସରଳା ଉପରେ ସତ୍ୟେନର ଏତେ ମମତା । ପ୍ରା ଦେଇ ସେ ଭଲ ପାଇଛ ଟିକନକୁ । କି ସ୍ୱାର୍ଥ ଅଛି ସତ୍ୟେନର ?

ପ୍ରକୃତରେ କଣ ସରଳା କଳଙ୍କରୁ ମୁକ୍ତ ହୋଇ ପାରୁଛି ?

ସରୋଜକୁ ସେ ସତକଥା କହି ଦେଇଚି । ସରୋଜ ସିନା ସରଳାକୁ ଚିହ୍ନିଲା ମାତ୍ର ଦୁନିଆଁ ତ ଜାଣିଚି ସରଳା ସରୋଜର ସ୍ତ୍ରୀ ବୋଲି । ଆଉ ଝିକମ ସରୋଜର ପୁଅ— ।

ସରୋଜ ସାଙ୍ଗରେ ଯେତେବେଳେ ସରଳା ଚାଲି ଆସିଲା, ସେତେବେଳେ ସେ ଭାବିଥିଲା, ଆଉ ସରୋଜର ଘରକୁ ଫେରି ଆସିବନି । କିନ୍ତୁ ଘରକୁ ସେ ଫେରିବାକୁ ବାଧ୍ୟ ହୋଇଥିଲା ।

ସରୋଜ ଯେତେବେଳେ ସହରରେ ରହି ଚାକିରି କଲା ସେତେବେଳେ ଦୁଇଟି ବଖରା ଘର ଭଡ଼ା ନେଇ ରହିଲା ସେ । ଅସୁବିଧା କିଛି ହେଲାନି । ସରଳା ଆଉ ସରୋଜର ଦିନ ବେଶ ଆନନ୍ଦରେ କଟିଲା ।

ଠିକ୍, ଛ'ମାସ ପରେ ଘରୁ ଚିଠି ଆସିଲା । ସରୋଜର ମା [illegible]ଙ୍କର ବେମାର । ପୁଅ ବୋହୂଙ୍କୁ ବୁଢ଼ୀ ଦେଖିବାକୁ ଚାହୁଁଛି ।

ସରୋଜ ସାଙ୍ଗରେ ସରଳା ପୁଣି ଫେରି ଆସିଲା ଗାଆଁକୁ । ରୋଗ ଶଯ୍ୟାରେ ଥାଇ ପୁଅ ବୋହୂଙ୍କୁ ଅନାଇଁ ଆଖିରୁ ଲୁହ ଗଡ଼ାଇଲେ ।

ବୋହୂର ଗର୍ଭ ହେବାର ଲକ୍ଷଣ ଦେଖି ମୁହଁରେ ତାଙ୍କର ହସ ଫୁଟି ଉଠିଲା । ମନେ ମନେ ଠାକୁରଙ୍କୁ ଡାକୁଥିଲେ ବୁଢ଼ୀ । ନବଜାତ ଶିଶୁଟିର ମଙ୍ଗଳ କାମନା କରି ।

ଡାକ୍ତର ଆସିଲା । ମା'ଙ୍କର ଔଷଧର ବ୍ୟବସ୍ଥା କରାଗଲା ମାତ୍ର କିଛି ଫଳ ହେଲାନି । ପୁଅ ବୋହୂଙ୍କୁ ଛାଡ଼ି ମା' ଚିରଦିନ ପାଇଁ ଆଖି ବୁଜିଲେ ।

ଆଗରୁ ବାପା ଯାଇଥିଲେ । ବୋଉ ବି ଛାଡ଼ି ଚାଲିଗଲା । ସରୋଜ ଏକା ।

ଯୁଆଡ଼େ ଅନାଇଲା ସେଣେ ଅନ୍ଧାର । ସରୋଜ ସରଳାକୁ ଡାକି କହିଲା—

"ମୋର ଦୁନିଆଁରେ ଆଉ କେହି ରହିଲେନି ସରଳା— ବାପା ବୋଉ ଚାଲିଗଲେ । ମୁଁ ଜାଣେ—ତୁ ମୋର ନୋହୁ ନଟରେଶର । କିନ୍ତୁ—।"

ସରଳା ସରୋଜ ପାଖକୁ ଆସି ଧୀର ଗଳାରେ କହିଲା—

"ଭଉଣୀ ମୁଁ ତମର । ଦେହଟା ସିନା ଦେଇ ପାରୁନି କିନ୍ତୁ ମନଟାତ ଆଉ ମୋ ଆୟତରେ ନାହିଁ—।"

ସରୋଜର ମନ ଆନନ୍ଦରେ ନାଚି ଉଠିଲା । ସେହି ଦିନଠୁ ସରଳା ଉପରେ ସମସ୍ତ ଦାୟିତ୍ୱ ଦେଇ ସରୋଜ ନିଜ ଇଚ୍ଛାରେ ଚାଲିଛି । ସବୁ କଥାରେ ସରଳାର ବିନା ପରାମର୍ଶରେ କିଛି କରି ପାରେନି ସରୋଜ—।

ସରଳା ଘରକୁ ଆସିଲା ଦିନୁ ସରୋଜର ଭାଗ୍ୟ ଫେରିଛି । ଯେଉଁଠି ଚାକିରୀ ସେ କରୁଥିଲା କିଏ ଜାଣିଥିଲା ସେହି କମ୍ପାନୀରେ ସରୋଜ ଦିନେ ଭାଗ୍ୟ ବିଧାତା ହେବ ।

କମ୍ପାନୀର ମାଲିକ ହରମୋହନ ଲାଲର ସ୍ତ୍ରୀ ପୁତ୍ର କେହି ନାହିଁ । ବିରାଟ କମ୍ପାନୀ । କୋଇଲା ଖଣୀରେ ଅସଂଖ୍ୟ ଲୋକ କାମ କରନ୍ତି ଲକ୍ଷ ଲକ୍ଷ ଟଙ୍କାର ଆୟ ।

ସରୋଜର ପରିଚାଳନାରେ ହରମୋହନଲାଲ ଖୁସୀ । ପୁଅଠୁ ବଳି ସ୍ନେହ କରିବାକୁ ଲାଗିଲେ ସେ ସରୋଜକୁ ।

ହରମୋହନ ବାବୁଙ୍କର ବୟସ ହେଲାଣି । କେଉଁଠାକୁ ଯାଇ ଆସି ପାରୁନାହାନ୍ତି । ସବୁ କାମ ସରୋଜ କରେ ।

ଦିନକର ଘଟଣା । ଯାହା ସରଳା ଆଉ ସରୋଜ ମନରେ ଚିର ସ୍ମରଣୀୟ ହୋଇ ରହିଛି ।

ରବିବାର ସକାଳ । ଅଫିସ୍ ବନ୍ଦ । ସରଳା ଶିଶୁଟିଏ ଜନ୍ମ
ଦେଇ ସାରି ସେହି ଦିନ ହସପିଟାଲରୁ ଫେରିଛି । ଦୁଆର ମୁହଁରେ
ମଟରକାର ଆସି ଠିଆ ହେଲା । କାର ଭିତରୁ ନିଜେ ବୁଢା ହରି
ମୋହନଲାଲ ବାହାରି ସିଧା ସରୋଜର ଘରକୁ ପଶିଲେ ।

ସରଳା କଅଁଳ ଶିଶୁଟିକୁ କୋଳରେ ଧରି ସରୋଜ ପାଖରେ
ଠିଆ ହୋଇଥିଲା । ହରମୋହନ ବାବୁଙ୍କୁ ଦେଖି ସରୋଜ ଚମକି
ଉଠିଲା । ସରଳା ମୁଣ୍ଡରେ ବେଣୀ ଟାଣି ସେଠୁ ଚାଲି ଯାଉଥିଲା ।
ହରମୋହନ ବାବୁ କହିଲେ ।

"ମା' ସରଳା ! ବୁଢା ବାପାଟାକୁ ନାଜ କରନ୍ତନି । ତୁ
ମୋର ଝିଅ ଆଉ ଆଜିଠୁ ସରୋଜ ମୋର ପୁଅ । ମୋର ସଂସାରରେ
ଆଉ କେହି ନାହିଁ । ତୁମେ ଦୁଇଜଣ ମୋର ସବୁ । ମୋର ସବୁ
ସମ୍ପତ୍ତିର ମାଲିକ ସରୋଜ । ଏଠାରେ ଆଉ ତମକୁ ମୁଁ ରଖେଇ
ଦେବିନି । ମୋ ସାଙ୍ଗରେ ଦୁହେଁ ଆସ — ।

ସେହି ଦିନଠୁ ଆସି ହରମୋହନ ବାବୁଙ୍କ ବିଶାଳ କୋଠାଘରେ
ରହିଲା ସରୋଜ—ସରଳା—ଆଉ ଟିକମ—।

କିଛିଦିନ ପରେ ହରମୋହନବାବୁ ମରିଗଲେ । ସମସ୍ତ
ସମ୍ପତ୍ତିର ମାଲିକ ସରୋଜ ହେଲା । ବୁଢା ମରିବା ପୂର୍ବରୁ କାଗଜ
ପତ୍ରରେ ସରୋଜକୁ ସମସ୍ତ ବିଷୟ ସମ୍ପତ୍ତିର ମାଲିକ କରି ଯାଇ
ଥିଲେ — ।

ଏତେ ସୌଭାଗ୍ୟ ମଧ୍ୟରେ ରହି ବି ସରଳା ମନରେ ଆନନ୍ଦ
ନାହିଁ । ନରେଶକୁ ଭୁଲିବାକୁ ଚେଷ୍ଟାକରି ମଧ୍ୟ ଭୁଲି ପାରୁନି ସେ ।

ସରୋଜ କଥା ଭାବିଲେ ସରଳାକୁ ବେଶି ଦୁଃଖ ହୁଏ ।
ବହୁବାର ସରୋଜକୁ ବିବାହ କରିବା ପାଇଁ ସରଳା କହୁଛି । ମାତ୍ର
ସରୋଜର ସେହି ଗୋଟାଏ କଥା — ଏକଜିଦ୍ — ଯଦି ସେ କେବେ

ଘାଣୀକୁ ଖୋଜି ବାହାର କରେ ତେବେ ତାଆରି ସାଙ୍ଗରେ ବିବାହ କରିବ । ନଚେତ ସରଳା ଯେପରି ନରେଶ ପାଇଁ ହନ୍ତସନ୍ତ ହେଉଛି ସରୋଜ ମଧ୍ୟ ଘାଣୀ ପାଇଁ ସେହିପରି ହନ୍ତସନ୍ତ ହେଉଥିବ ।

ମଝିରେ ଗାଡ଼ିର ହର୍ଣ୍ଣରେ ସରଳାର ଧ୍ୟାନ ଭାଙ୍ଗିଗଲା । ଠିକ ପଲଙ୍କ ଉପରେ ଶୋଇଛି । ସରଳା ଆସି ବାରନ୍ଦାରେ ଠିଆ ହୋଇ ସଦର ଫାଟକ ପାଖକୁ ଅନାଇଁଲା । ସରୋଜ କାରରେ ହତ ଭିତରକୁ ପଶି ଆସୁଛି ।

ସରଳା ସନ୍ଧ୍ୟାନ ପରି ଅଜାଣତ ତଳକୁ ଓହ୍ଲେଇ ଗଲା । କାର ଆସି କୋଠା ଦୁଆର ମୁହଁରେ ଠିଆ ହୋଇଛି । ସରଳା ଯାଇ କାରର ଦରଜା ଖୋଲି ଦେଲା । ସରୋଜ ଅଧା ଶୟନ ଅବସ୍ଥାରେ କାରର ପଛ ପଟରେ ରହିଛି ।

ସରଳା ଧୀରେ ଧୀରେ ସରୋଜର ହାତ ଧରି କାର ଭିତରୁ ଉଠାଇ ଆଣିଲା । ସରୋଜ କାର ଭିତରୁ ଓହ୍ଲେଇ ଆସିଲା ସରଳା ସରୋଜର କମରରେ ଗୋଟିଏ ହାତ ଆଉ ଗୋଟିଏ ହାତରେ ସରୋଜର ହାତ ଧରି ଚାଲିଲା । ସରୋଜ ସରଳା କାନ୍ଧ ଉପରେ ମୁଣ୍ଡଟି ଥୋଇ ଧୀରେଧୀରେ ସିଡ଼ିର ପାହାଚ ଉପରକୁ ଉଠିଲା ନିଶା ଖିଆଲରେ ଗୋଡ ଦୁଇଟା ଠିକ୍ ଭାବରେ ପଡ଼ୁ ପାରୁନି ।

ସରଳା ସରୋଜକୁ ନେଇ ଶୋଇବା ଘରେ ପହଞ୍ଚିଲା । ସରୋଜ ପଲଙ୍କ ଉପରେ ଯାଇ ଢଳି ପଡ଼ିଲା ।

ସରଳା ସରୋଜ ଗୋଡରୁ ଯୋତା ମୋଜା ଖୋଲି ଦେଲା ଓଦା ଟାୱାଲରେ ଗୋଡ ଦୁଇଟି ଯତ୍ନରେ ପୋଛି ପାଛି ଦେଲା । ଦେହରୁ କମିଜ ଇତ୍ୟାଦି ଖୋଲିବା ସମୟରେ ସରୋଜ ବିରକ୍ତ ହେଲା ନିଶା ଖିଆଲରେ କଣ କହି ଏକର ସେକର ହେଉ ଥାଏ ।

କମିଜ ଇତ୍ୟାଦି ଖୋଲି ଶରିର ପୋଷାକ ପିନ୍ଧାଇ ଦେଲା ଲୋକଙ୍କୁ ସରଳା । ସରୋଜ ଦେହକୁ ଆଉଁସି ଦେଇ ଧୀର ସ୍ୱରେ ସରଳା ପଚାରିଲା—

"ଉଠିପଡ଼ ଦ'ଟା ଖାଇ ଦେବ ଚାଲ ।"

ସରୋଜ କହିଲା—

"ନା, ମୁଁ ବାହାରୁ ଖାଇ ଆସିଛି । ମିସ୍ ଦାସଗୁପ୍ତା ଭାରି ଭଲଲୋକ । ନଛୁଆଇ ଛାଡ଼ିଲାନି, ତୁ ଯା ଶୋଇବୁ ସରଳା—।

ସରଳା ଆଉ କିଛି କହିଲାନି କି ଖାଇବାକୁ ବାଧ୍ୟ କଲାନି । ଏପରି ଘଟଣା ସରୋଜର ସବୁ ଦିନଆଁ ।—

ସରଳା ସରୋଜ ଦେହରେ ଚାଦର ଖଣ୍ଡେ ଘୋଡ଼ାଇ ଦେଇ ବତୀ ଲିଭାଇ ନିଜଘରକୁ ଚାଲିଗଲା । ଟିକମ ନିଘୋଡ ନିଦରେ ଶୋଇଛି । ଘର କବାଟ ବନ୍ଦ କରି ଟିକମ ପାଖରେ ଶୋଇ ପଡ଼ିଲା ସରଳା । ମନ ଖଣ୍ଡିକ ତାର ଭାରି ଭାରି ଜଣା ପଡୁଥିଲା । ଆଜି କେତେ ମନେ ଭାବୁଥିଲା ସେ—

"କିଏ ସେ ଏହି ମିସ୍ ଦାସଗୁପ୍ତା ? ସରୋଜ ତ ବହୁବାର ତା କଥା ମୁହଁରେ ଧରୁଥିବାର ଶୁଣିଛି ସେ । ଅନ୍ୟ ସମୟରେ ଦାସଗୁପ୍ତା କଥା ପଚାରିଲେ ସରୋଜ ଜାଣେ ନାହିଁ ବୋଲି ମନାକରି ଦିଏ କିନ୍ତୁ ନିଶା ଖିଆଲରେ ସେ ନାମ ମୁହଁରେ ଜପାମାଳି ହୁଏ—।

କିଏ ଏହି ମିସ୍ ଦାସଗୁପ୍ତା ?

କିଛି ଠିକ୍‌କରି ପାରିଲାନି ସରଳା । ସରୋଜ ପ୍ରତି ତାର ମମତା ଅସୀମ । ମିସ୍ ଦାସଗୁପ୍ତା କଥା ଶୁଣିଲେ ସରଳା ମନରେ ଉଠୁଛି ଝଡ଼ ।

ମିସ୍ ଦାସଗୁପ୍ତା ଅଶୋକର ଫଟୋଟି ଛାତି ଉପରେ ଥୋଇ
ଭାବୁଥିଲା ।—

ତାର ଯୌବନର ପହିଲି ବସନ୍ତରେ ସେ ପାଇଥିଲା ଅଶୋକକୁ
ସେ ଧନୀ, ସୁପୁରୁଷ, ତାର ମଧୁର ସ୍ପର୍ଶରେ ମିସ୍ ଦାସଗୁପ୍ତା ମୁଗ୍ଧ
ହୋଇ ଯାଇଥିଲା । ଆଖି ଆଗରୁ ଅଶୋକକୁ ଅନ୍ତର କରିବାକୁ ସେ
ଚାହେଁନି । ରୂପର ମୋହରେ ସେ ଚାହେଁ ଅଶୋକକୁ ଭୁଲେଇ
ରଖିବାକୁ । କିନ୍ତୁ ଅଶୋକକୁ ସେ ପାଇଥିଲା ସତ ମାତ୍ର ତାର ସ୍ପର୍ଶ
ପାଇନି । ତାର ନିବିଡ ବାହୁ ବନ୍ଧନରେ ବନ୍ଦୀ ହେବାକୁ
କୁମାରୀ ପ୍ରାଣ ଭିତରଟା ତାର ଛଟପଟ କରି ଉଠେ ମାତ୍ର ମୁହଁ
ଖୋଲି ସେ କିଛି କହି ପାରେନି । ଇଙ୍ଗିତରେ ଅଶୋକକୁ ବୁଝାଏ
ମାତ୍ର ଅଶୋକ କିଛି ବୁଝିପାରେନି—। ଅଶୋକ ପାଖରେ ସେ
ହାରିଯାଏ ।

ବେଳେବେଳେ ମିସ୍ ଦାସଗୁପ୍ତା ମନରେ ବିଦ୍ରୋହ ଜାଗେ
ଅଶୋକ ପ୍ରତି । ବୋକା ବୋଲି ମନ ମଧ୍ୟରେ କହେ । ଅଶୋକ
କୋଳରେ ନିଜକୁ ଧରା ଦେବାପାଇଁ ତା ପାଖକୁ ଧାଇଁ ଯାଏ । କିନ୍ତୁ
ଅଶୋକ ଧରା ଦିଏନି । ଦୂରେଇ ଯାଏ ।

ମନେ ମନେ ହସି ଉଠେ ମିସ୍ ଦାସଗୁପ୍ତା । ଅଶୋକର ଅରୂ
ମନକୁ ସେ ମନକଷଟିରେ କଷିବାକୁ ଚେଷ୍ଟା କରେ କିନ୍ତୁ କିଛି
ବୁଝିପାରେନି—।

ଲୁଚି ଘରେ ସେ ଅଶୋକ ସାଙ୍ଗରେ ବସିଛି । ଘଣ୍ଟା ଘଣ୍ଟା ତା
ସାଙ୍ଗରେ କେତେ ଆଳାପ ଆଲୋଚନା କରିଛି । ମାତ୍ର କୌଣସି

କଥାରେ ବେଖାପ ଥିଲାପର ଜାଣି ପାରେନା ସେ । ମିଳା ମିଶାରେ କେବେ ସରୋଜ ତ୍ରୁଟି କରେନା । ମିସ୍ ଦାସଗୁପ୍ତା ଯେତେବେଳେ ସରୋଜକୁ ଗୃହ ଓ ଯେଉଁଠାକୁ ଯିବାକୁ ଡାକଚ ବିନା ଆପତ୍ତିରେ ସେ ତା ସାଙ୍ଗରେ ଯାଇଚ ।

ନିର୍ଜନ ସନ୍ଧରେ ପାର୍କରେ ବୁଲିଚ ହାତରେ ହାତଛନ୍ଦ । କିନ୍ତୁ ନାହିଁ ?

ନାରୀର ସ୍ପର୍ଶରେ ପୁରୁଷର ଯେଉଁ ଦୁର୍ବଳତା, ସେତକ ତ ସରୋଜ ପାଖରେ ନାହିଁ ? ତେବେ ସେ କଣ ଅଜ ମିସ୍ ଦାସଗୁପ୍ତାକୁ ଭଲ ପାଏନା ?

କିଏ କହିଲା ଭଲ ପାଏନା ବୋଲି ?

ତେବେ ସରୋଜ ବେଳେବେଳେ ଅନ୍ୟମନସ୍କ କାହିଁକି ହୋଇଉଚ ?

ସେଦିନ କଥା ମିସ୍ ଦାସଗୁପ୍ତାର ମନେ ପଡ଼ିଲା ।

ପାର୍କରେ ଗୋଟିଏ ପାଖରେ ବେଞ୍ଚ ଖଣ୍ଡିକ ଉପରେ ଦୁହେଁ ବସିଥିଲେ । ମିସ୍ ଦାସଗୁପ୍ତାର ଇତିହାସ ସରୋଜ ଜାଣିବାକୁ ଚାହିଁଥିଲା । ଅଙ୍ଗେଇ ଅଙ୍ଗେଇ ସେ ତାର ଇତିହାସ ସରୋଜକୁ ଶୁଣାଇ ଦେଇଥିଲା । ସରୋଜର ପ୍ରାଣ ତରଳ । ସେ ମିସ୍ ଦାସଗୁପ୍ତାର ଜୀବନ କାହାଣୀ ଶୁଣି ସହାନୁଭୂତିରେ ତାକୁ ସାନ୍ତ୍ୱନା ଦେଇଥିଲା । ସେ ସାନ୍ତ୍ୱନାରେ ଥିଲା ସରୋଜର ସରଳ ମନର ପରିଚୟ—।

ସରୋଜ ପଚାରିଲା—

"ତମର ବାପା-ବୋଉ କେଉଁଠି ରହନ୍ତି ମିସ୍ ଦାସଗୁପ୍ତା ?"

ମିସ୍ ଦାସଗୁପ୍ତା କହିଲା—

"ତେବେ ଦୁଃଖର କଥା ଆଉ କଣ କହିବ ? କହିଲେ କଣ ତମେ ବିଶ୍ୱାସ କରିବ ସବ୍ରୋଜବାବୁ ?

"ନିଶ୍ଚୟ ବିଶ୍ୱାସ କରିବି । ତମେ କହିଯାଅ । ମୁଁ ଶୁଣିବି—।

"ମନଗଢ଼ା କଥା ଇଏ ନୁହେଁ ସବ୍ରୋଜବାବୁ । ଯାହା ଅ... ନିଭେଇଛି ସେଇ କଥା କହୁଛି—।"

ମିସ୍ ଦାସଗୁପ୍ତା କିଛି ସମୟ ନୀରବ ରହି କଥା ଆରମ୍ଭ କଲା-

ବ୍ରିଟିଶ୍ ଜାତିର କୁଟିଳ ଚକ୍ରାନ୍ତରେ ହିନ୍ଦୁ ମୁସଲମାନଙ୍କର ହ... କଟା ଲାଗିଲା ବେଳେ ବାପା ବୋଉଙ୍କ ସାଙ୍ଗରେ ବଣି ଜଙ୍ଗଲ ... ଦେଇ ପଳାଇ ଆସିଲି କଲିକତା । ଅଖଣ୍ଡ ଭାରତ ଦ୍ୱିଖଣ୍ଡ ହେଲା ପାକିସ୍ଥାନରେ ଆମ ଘର । ସମ୍ପତ୍ତିବାଡ଼ି ସବୁ ଛାଡ଼ି ଆମେ ପଳା... ଆସିଲୁ କଲିକତାକୁ । ଆମପରି ବହୁ ହିନ୍ଦୁ ମଧ୍ୟ ପାକିସ୍ଥାନ ... ପଳାଇ ଆସିଲେ । ସହରର ଫୁଟ୍‌ପାଥରେ ପଳାମାରି ବଡ଼ କଷ୍ଟ... ରହିଲେ ସେମାନେ । ଯାହା ସରକାର ସାହାଯ୍ୟ ମିଳିଲା ସେ... ପରେ ଦୁଃଖ କଷ୍ଟେ ଚଳିଲେ । ଭାରତର ବିଭିନ୍ନ ପ୍ରଦେଶମା... ଥାଇଥାନ ପାଇଁ ବାସ୍ତୁହରାମାନଙ୍କୁ ପଠାଗଲା ।

ଆମେ ପଳାଇ ଆସିଲୁ ଓଡ଼ିଶାକୁ । ବାପା ମଧ୍ୟ ଚାକିରୀ ପା... ଗଲେ ଏଠାକାର କଲେଜରେ । ପ୍ରଫେସର ଚାକିରୀଅମାନ... ଦରମା ଚାରିଶହ ଟଙ୍କା ।

ସରକାରୀ ସାହାଯ୍ୟରେ ଆମେ ଏଠି ଘର ତୋଳି ରହିଲ... ଧୀରେ ଧୀରେ ଆମ ଅବସ୍ଥା ବଦଳିଗଲା । ହାତରେ ବି କିଛି ଟ... ଜମିଗଲା ।

ଗୋଟିଏ ଝିଅ ବୋଲି ବାପା ବୋଉ ଅତି ସ୍ନେହରେ ମୋ... ପାଳିଥାନ୍ତି । ମୋର ସବୁ ଅଳିଝିଲ ସେମାନେ ହସି ହସି ପୁ... କରନ୍ତି । ମୋଟ ଉପରେ ମୋର କିଛି ଅଭାବ ନଥାଏ-

ଯେତବେଳେ ଯାହା ଲୋଡ଼ା ସେମାନେ ଠିକ୍ ସମୟରେ ଆଣି ଯୋଗାଇ ଦିଅନ୍ତି ।

ବୋଉର ସ୍ନେହ ଆଉ ବାପାର ଆଦର ପାଇ ଧୀରୁ ସଞ୍ଜମଣି ଡ଼ି ଗୁଲୁଥାଏ···। ଦିନଗୁଡ଼ିକ ବେଶ୍ ଅନନ୍ଦରେ କଟି ଯାଉଥାଏ ।

କ୍ରମଶ ବଡ଼ ହେଲି । ପ୍ରାଇମେରୀ ଶିକ୍ଷା ଶେଷକରି ହାଇ-ସ୍କୁଲରେ ପଢ଼ିଲି । ଦେହ ମନରେ ଯୌବନ ଉଙ୍କିମାରି ଉଠିଲା । ସଜଫୁଟା ଗୋଲାପ ପରି ହସିଉଠିଲା ମୁହଁ ଆଉ ଆଖି ।

"ସେହି ସମୟରେ ମୁଁ ଜଣକୁ ଭଲ ପାଇଲି···।"

ସରୋଜ ଗମ୍ଭୀର ଗଳାରେ ପଚାରିଲା···

"କାହାକୁ ?"

"ତମରି ପରି ଜଣେ ପୁରୁଷକୁ···।"

"ମୋ ପରି ?"

"ହଁ ଗୋ···ତମରି ପରି···।"

"ମୁଁ ନୁହେଁତ ?"

"ହସି ଉଠିଲା ମିସ୍ ଦାସଗୁପ୍ତା ! ତା ସାଙ୍ଗରେ ବି ସରୋଜ ହସିଲା ।

ମିସ୍ ଦାସଗୁପ୍ତା କଥା ଆରମ୍ଭ କଲା···

"ଯୁବକଟିକୁ ଦେହ ମନ ଦେଇ ଭଲ ପାଇଲି । ଯୁବକ ମଧ୍ୟ ପ୍ରାଣରୁ ଭଲ ସ୍ନେହକଲା···।

ନିର୍ଜନ ରାତିରେ ନୀଳ ଆକାଶକୁ ଅନାଇଁ ଦୁହିଁଜଣଙ୍କର ଶପଥ ହେଲା··· କେହି କାହାରିକୁ ଅନ୍ତର କରିବେନି । ଝଡ଼ ଝଞ୍ଜା ଆସିଲେବି ପ୍ରତିଜ୍ଞା ଅଟଳ ରହିବ ।

ବେଶ୍ ଅନନ୍ଦରେ ଦିନଗଡ଼ି ଚାଲିଲା ଠିକ୍ ନଈ ସୁଅପରି ।

କ୍ରମଶ—ହାରଜିତ

ଉଭୟଙ୍କ ମୁରବୀଙ୍କ କାନକୁ କଥାଟା ଗଲା । ଦୁହେଁ ଦୁହିଁ
ଙ୍କୁ ଭଲ ପାଆନ୍ତି । ପରସ୍ପର ମଧ୍ୟରେ ପ୍ରେମ ଅଛି । ଦୁହେଁ ଦୁହିଁ
ବିବାହ କରିବେ ବୋଲି ଦେବତାଙ୍କ ପାଖରେ ଶପଥ ନେଇଛନ୍ତି

ପୁଅର ବାପା ଅମତ ହେଲା । ବଂଶ ମର୍ଯ୍ୟାଦା ଉପରେ ଗୋଟା
କଳଙ୍କର ଚିହ୍ନ ହେବ ବୋଲି ଏ ବିବାହରେ କେହି ଅଗ୍ରଣୀ ହ
ହେଲେନି ।

ଝିଅର ବାପା ବି ଅନେକ କଥା ଝିଅକୁ ବୁଝାଇଲା । ସେ
ପୁଅ ସାଙ୍ଗରେ ଝିଅର ଆଉ କେବେ ଭେଟ ନହୁଏ ସେପାଇଁ ଝିଅ
ଗୋପନରେ ନେଇ ଅଜି ସହରରେ ଗୋଟିଏ ଯାଗାରେ ରଖ
ଦିଆଗଲା ।

ଉତିମାନ ଝିଅର ବାପା ନାହାନ୍ତି କି ପୁଅରବି ବାପା ନାହିଁ
ସଂସାରରେ ସେମାନେ ଏକା । ତଥାପି ଏଯାଏଁ ଦୁଇଜଣଙ୍କ
ବିବାହ ହୋଇ ପାରୁନି ।

ଶୁଣାଯାଏ ପୁଅ ଅନ୍ୟ ଏକ ଝିଅକୁ ବିବାହ କରିଛି । ମ
ଝିଅଟି ସେହି ପୁଅକୁ ଅପେକ୍ଷା କରି ବସି ରହିଛି ଏଯାଏଁ ।

ଚମକି ଉଠିଲା ସଚେତ । ମୁହଁ ତାର ଗମ୍ଭୀର ହୋଇଗଲା
ନିଜ ଜୀବନର ଇତିହାସ ସାଙ୍ଗରେ ମିସ୍ ଦାସଗୁପ୍ତାଙ୍କର ଜୀବ
ଇତିହାସ ଠିକ୍ ଖାପ ଖାଇ ଯାଉଛି ।

ସେହି ଦିନଠୁ ଦୁଇଜଣଙ୍କର ବନ୍ଧୁତା ହୋଇଛି । ଦୁହେଁ
ଦୁହିଁଙ୍କୁ ପ୍ରାଣଠୁ ବଳି ଭଲ ପାଉଥିଲେ ବି କେହି କାହାରି
ମୁହଁ ଖୋଲି କୌଣସି କଥା କହୁ ନାହାନ୍ତି···।

ମିସ୍ ଦାସଗୁପ୍ତା ବେଳେ ବେଳେ ଭାବେ···ସେ ସଚେତ
କହନ୍ତା···ସେ ତାକୁ ଭଲପାଏ··· ଖୁବ ଭଲପାଏ । କିନ୍ତୁ ମୁ

ଖାଲି କିଛି କହିପାରେନି । ସେଠି କିଏ ବାହାର ଅସି ପାଖ
ଖରେ ଅଟକି ଯାଏ ।

ମିସ୍ ଦାସଗୁପ୍ତା ବେଳେବେଳେ ମନକୁ ମନ କହି ହୁଏ...
ସିକ, ଦାସୀକୁ କଣ ଶ୍ରୀଚରଣରେ ଆଶ୍ରୟ ଦେବନି ? ମୁଁ ଯେ
ଗ ଯୁଗ ଧରି ଅପେକ୍ଷା କରି ବସିଛି ? ଅଭାଗିନୀର ପ୍ରାର୍ଥନା କଣ
ଣ ହେବନି ପ୍ରିୟତମ ?

ମନ ଭିତରୁ କିଏ ଯେପରି ଉତ୍ତର ଦେଲାପରି ଅନୁଭବ କରେ
ସ୍ ଦାସଗୁପ୍ତା—

ଚରଣ ତଳେ ନିଶ୍ଚୟ ସ୍ଥାନ ପାଇବୁ ଲୋ ପାଇବୁ । ଅଧୀର
'ନି । ପ୍ରେମର ପଥ ବଡ଼ ଦୁର୍ଗମ । ସ୍ଥିତ ଦମ୍ଭ କରି ଆଗେଇ
ଲ ଜୟ ସୁନିଶ୍ଚିତ ।

ଚମକି ଉଠେ ମିସ୍ ଦାସ ଗୁପ୍ତା । ଚାରିଆଡ଼କୁ ଅନାଇଁ ଦେଖେ
କହି କୁଆଡ଼େ ନାହିଁ । ନିଜକୁ ସଂଯତ କରି ବହି ପତାରେ ମନ
ଏ । ତଥାପି ସନ୍ତୋଷର ହସ ହସ ମୁହଁ ଆଖି ଆଗରେ ନାଚ
ଠେ । ଆଖି ତାର ଛଳ ଛଳ ହୋଇ ଆସେ ।

ଘର ଭିତରକୁ ଅଧାବୟସୀ ଜଣେ ସ୍ତ୍ରୀ ଲୋକ ପଶି ଆସି
ରି ଗଳାରେ କହିଲା—

"ଦିଦି, ବାହାରେ କିଏ ଜଣେ ଯୁବକ ଅପେକ୍ଷା କରି ଠିଆ
ହୋଇଛି ।"

ମିସ୍ ଦାସଗୁପ୍ତାର ସବୁ ଭାବନା ଭାଙ୍ଗିଗଲା । ସେ ନିଜକୁ
ଯତ କରି କହିଲା—

"ତାକୁ ଆସିବାକୁ କହ ।"

ଅଧାବୟସୀ ସ୍ତ୍ରୀ ଲୋକ ଜଣେ ଚାଲିଗଲା । ଅଳ୍ପ ସମ
ମଧ୍ୟରେ ଯୁବକ ଜଣେ ଆସି ମିସ୍ ଦାସଗୁପ୍ତାଙ୍କ ପାଖରେ ଠିଆହୋ
ନମସ୍କାର ଜଣାଇ ଖଣ୍ଡେ ଚିଠି ବଢ଼ାଇ ଦେଲା ।

ମିସ୍ ଦାସଗୁପ୍ତା ଚିଠି ଖଣ୍ଡିକ ପଢ଼ିସାରି ଯୁବକଟି ଆଡ଼କୁ ଏ
ଦୃଷ୍ଟିରେ ଅନାଇଁ ରହିଲେ ।

ଯୁବକଟି ମଧ୍ୟ ମିସ୍ ଦାସଗୁପ୍ତାଙ୍କୁ ଅନାଇଁ ଅଳ୍ପ ସମୟ ମଧ୍ୟ
ଅନ୍ୟ ଆଡ଼କୁ ଦୃଷ୍ଟି ଫେରାଇ ଠିଆହୋଇ ରହିଲା ।

କିଛି ସମୟ ପରେ ମିସ୍ ଦାସଗୁପ୍ତା କହିଲା –

"ସରୋଜ ବାବୁ ଆପଣଙ୍କୁ ପଠାଇଛନ୍ତି ଯେତେବେଳେ, ମେ
ଆଉ କିଛି ପଚାରିବାର ନାହିଁ ! ଆପଣ କାଲି ଠାରୁ ଆସି ଏଠା
ରହନ୍ତୁ ।"

ଧୀର ଗଳାରେ ଯୁବକଟି କହିଲା—

"କାଲି ଠାରୁ କାହିଁକି ? ଦଶ ପନ୍ଦର ଦିନ ପରେ ଆ
ରହିବ ।"

"କାରଣ ?"

"କାରଣ କିଛି ନୁହେଁ । ହଠାତ୍ ବିଶ୍ୱାସ କରି ଘରେ ଥା
ଦେବା ଉଚିତ ନୁହେଁ ।"

ମିସ୍ ଦାସଗୁପ୍ତା କିଛି ସମୟ ଯୁବକଟିର ଆପାଦ ମସ୍ତକ ନିରୀକ୍ଷ
କରି ପୁଣି କହିଲା –

"ଆପଣଙ୍କ ଉପରେ ଅବିଶ୍ୱାସ କରିବାର କ'ଣ ଅଛି ? ଆପଣ
ଶିକ୍ଷିତ ! ମୋର ସମସ୍ତ ଦାୟିତ୍ୱ ନେବେ । ଜଣେ ସୁଦ
ମେନେଜରର ଆବଶ୍ୟକ ଥିଲା । ମୁଁ ସରୋଜ ବାବୁଙ୍କୁ କହିଥିଲି
ସେ ଖବର କାଗଜରେ ବିଜ୍ଞାପନ ଦେଇଥିଲେ । ଅସଂଖ୍ୟ ଦରଖାସ୍ତ
ଭିତରୁ ଆପଣଙ୍କୁ ସେ ଯେତେବେଳେ ମନୋନୀତ କରି ପଠାଇଛନ୍ତି

ଥିରେ ଅନ୍ୟ ଅବସ୍ଥାପର ପ୍ରଶ୍ନ ଉଠୁଚି କାହିଁକି ? ଆପଣ ରହନ୍ତୁ— ମୁଁ ସବୁ ବ୍ୟବସ୍ଥା କରିଦେବି ।

ଯୁବକ ଜଣକ ଆଉ କିଛି ନକହି ସେଥିପରି ନୀରବରେ ଠିଆ ହୋଇ ରହିଲା ।

ମିସ୍ ଦାସଗୁପ୍ତା ପଚାରିଲା—

“ଆପଣଙ୍କ ଘର କେଉଁଠି ?”

“ଘର ?”

ଛଳ ଛଳ ହୋଇ ଆସିଲା ଯୁବକର ଆଖି ଦୁଇଟି । ଓଠ ଥରି ଉଠୁଥିଲା ।

ମିସ ଦାସଗୁପ୍ତା ମନକୁ ମନ କଣ ଦଣ୍ଡେ ଭାବି ନେଇ, ପୁଣି କହିଲା—

“ଏପରି ପ୍ରଶ୍ନ ପଚାରି ଆପଣଙ୍କ ମନରେ ଦୁଃଖ ଦେଇଚି—କ୍ଷମା କରିବେ । ଆଜିଠାରୁ ଆପଣ ଏଇଠି ରହିବେ । ଆସନ୍ତୁ, ଆପଣଙ୍କୁ ଆପଣଙ୍କର ଘର ଦେଖାଇ ଦେବି ।

ମିସ ଦାସଗୁପ୍ତା ଆଗେ ଆଗେ ଚାଲିଲେ । ଯୁବକ ଜଣକ ନୀରବରେ ମିସ ଦାସଗୁପ୍ତାଙ୍କ ପଛେ ପଛେ ଚାଲିଲା— ।

ଗୋଟିଏ ଘରର ଦୁଆର ଖୋଲି ଭିତରକୁ ଦୁହେଁ ପଶିଗଲେ । ସୁନ୍ଦର ଘର । କୌଣସି ଜିନିଷର ଅଭାବ ନାହିଁ । ଯେତେବେଳେ ଯାହା ଦରକାର, ସବୁ ଯତ୍ନରେ ଥୁଆ ହୋଇ ରହିଛି ।

ମିସ ଦାସଗୁପ୍ତା ଧୀର ଗଳାରେ କହିଲା—“ଆଜିଠୁ ଆପଣ ଏଇଠି ରହିବେ । ଯେତେବେଳେ ଯେଉଁ କଥା ଦରକାର ହେବ ଚାକରକୁ କହିବେ ସେ ଆଣି ଯୋଗାଇ ଦେବ । ଯେଉଁଠାକୁ ଯିବାର କଥା—କାର ଅଛି ଡ୍ରାଇଭରକୁ କହିଲେ ସେ ନେଇ

ପହୁଞ୍ଚାଇ ଦେବ । ନିଜର ଘର ମନେକରି ଏଠାରେ ରହନ୍ତୁ
କୌଣସି କଥାରେ ସଂକୋଚ କରିବେ ନାହିଁ—।”

ଯୁବକ ଜଣକ ଧୀର ଗଳାରେ କହିଲା—

“ଆଜିଠାରୁ ମୁଁ ଆପଣଙ୍କ ପାଖରେ ରହିବି । ଦୁନିଆରେ ମୋର କେହି ନାହିଁ । ମୋତେ ଆଶ୍ରୟ ଦେଇ ଯେଉଁ ଉପକାର କରିଛ ଜୀବନରେ ଭୁଲି ପାରିବିନି—।”

“ଅଚ୍ଛା, ଦରମା କଥାତ କହିଲେନି ଆପଣ ?”

“ଦରମା ? ଦରମା ମୋର କଣ ହେବ ? କାହା ପାଇଁ ପଇସା ସଞ୍ଚୟ କରିବି ? ମୋର କେହି ନାହିଁ । ଆପଣ ମୋତେ ଆଶ୍ରୟ ଦେଇଛନ୍ତି । ମୋର ସମସ୍ତ ଦାୟିତ୍ୱ ଆପଣ ଯେତେବେଳେ ବହନ କରି ସାରିଲେଣି, ଆଉ ଦରମା ନେବାର ପ୍ରଶ୍ନ ଉଠୁନି ।”

ମିସ ଦାସଗୁପ୍ତା ଧୀର ଗଳାରେ କହିଲା—

“ଦେଖନ୍ତୁ ! ମତେ ଆଉ ଆପଣ ବୋଲି କହିବେନି, ମୁଁ ବୟସରେ ଆପଣଙ୍କଠୁ ସାନ । ଆପଣ ମୋର ବଡ଼ଭାଇ, ମୁଁ ଆପଣଙ୍କର ଛୋଟ ଭଉଣୀ । ମୋର ବି କେହିନାହିଁ । ବିଶାଳ ସମ୍ପତ୍ତିର ମାଲିକ ହୋଇ ବି ମୋର ଆତ୍ମୀୟ ହୋଇ ଜଣେ ବୁଝି ନାହିଁ । ଆଜିଠୁ ମୋର ଭଲ ମନ୍ଦର ଦାୟିତ୍ୱ ସବୁ ଆପଣଙ୍କ ହାତରେ ଛାଡ଼ିଦେଲି—।”

କହିବା ସଙ୍ଗେ ସଙ୍ଗେ ମିସ ଦାଶଗୁପ୍ତା ବସିଥିବା ସ୍ଥାନରୁ ଉଠି ଯାଇ ଯୁବକଟିର ପାଦରୁ ଧୂଳି ନେଇ ମୁଣ୍ଡରେ ମାରିଲା । ଯୁବକଟି ଦୁଇ ହାତ ବଢ଼ାଇ ମିସ ଦାସଗୁପ୍ତାଙ୍କୁ ଉଠାଇ ଆଣି ଛାତିରେ ଯାକି ଧରି ସ୍ନେହରେ ତାର ମୁଣ୍ଡରେ ହାତ ବୁଲେଇବାକୁ ଲାଗିଲା । ଉଭୟଙ୍କ ଆଖିରେ ଆନନ୍ଦର ଅଶ୍ରୁ ବହି ଆସୁଥିଲା ।

ନାଇଟ୍ କ୍ଲବଟରେ ଆଜି ଭାରି ଭିଡ଼ । ଭାରତର ପ୍ରସିଦ୍ଧ ନୃତ୍ୟ
ାରିକା କୁମାରୀ ମୋହନା ଆଜି ନୃତ୍ୟ ପ୍ରଦର୍ଶନ କରିବେ ।
ାଗରୁ ପ୍ରୋଗ୍ରାମ ଠିକ ହୋଇଛି । କ୍ଲବର ମେନେଜର ଖବର
ାଗଜରେ ବିଜ୍ଞାପନ ଦେଇଛନ୍ତି ।

ଦଳ ଦଳ ହୋଇ ସ୍ତ୍ରୀ ପୁରୁଷ ହାତରେ ହାତ ଛନ୍ଦି ହସ ଖୁସି
ନରେ କ୍ଲବ ଘର ଭିତରକୁ ପଶି ଆସୁଛନ୍ତି । ସଭିଙ୍କ ଦେହ
ରେ ଜାଗି ଉଠିଛି ରଙ୍ଗିନ ନିଶା ।

କ୍ଲବଘରଟି ସୁନ୍ଦରଭାବେ ସଜା ହୋଇଛି । ପ୍ରକାଣ୍ଡ ଘର । ଗୋଟିଏ
ାମାଏଁ ଟେବୁଲ । ତା' ଚାରିପଟେ ଚେୟାର ଥୁଆ ହୋଇଛି ।
ଧ୍ୟକ ଚେୟାରକୁ ଘେରି ଦଳ ଦଳ ହୋଇ ସ୍ତ୍ରୀ ପୁରୁଷ
ିଛନ୍ତି । ଟେବୁଲ୍ ଉପରେ ଧଳା କନା ବିଛା ହୋଇଛି । ତା
ରେ ଫୁଲ୍ ଦାନୀ, କାଚ ଗିଲାସ, ଦାମୀ ସିଗାରେଟ ପ—।

ିଆ ପିଆ ଚାଲିଛି । କ୍ଲବର କର୍ମଚାରୀମାନେ ବ୍ୟସ୍ତ ।
ବୁଲ୍ ପାଖରେ ଠିଆ ହୋଇ ଆଜ୍ଞାକୁ ଅପେକ୍ଷା କରି ରହିଛନ୍ତି ।
ଆଦେଶ ପାଇବା ମାତ୍ରେ ଯାହାର ଯାହା ଦରକାର ଆଣି ପହଞ୍ଚାଇ
ଦେଉଛନ୍ତି ।

କ୍ଲବଘରର ଶେଷ ଆଡ଼କୁ ମସ୍ତବଡ଼ ଗୋଟିଏ ପେଣ୍ଡାଲ୍ ।
େଶମୀ ସ୍କ୍ରିନ ପଡ଼ିଛି । ଦର୍ଶକମାନେ ହାତ ଘଡ଼ିକୁ ବାରମ୍ବାର
ଅନାଉ ଅଛନ୍ତି । ଆଉ ଅଧଘଣ୍ଟା ପରେ ନାଚ ଆରମ୍ଭ ହେବ ।

ସଭିଙ୍କ ମନ ଉଦ୍‌ବିଗ୍ନ—ନାଚ ଦେଖିବା ପାଇଁ ଅପଲକ
ନୟନରେ ପେଣ୍ଡାଲ ଆଡ଼କୁ ଚାହିଁ ରହିଛନ୍ତି—ସମସ୍ତେ ।

କ୍ଲବ ଘରେ ଇଲେକ୍‌ଟ୍ରିକ ଘଣ୍ଟା ବାଜି ଉଠିଲା । ସଭି
ମନରେ ଆନନ୍ଦର ହସ । ଅନାଇ ରହିଲେ ପେଣ୍ଡାଲ ଆଡ଼କୁ
ଧୀରେ ଧୀରେ ସ୍କ୍ରିନ ଖୋଲି ଯାଉଥିଲା ।

ନାଲି ନେଳୀ ଆଲୁଅରେ ଜରି ଦିଆ ନାଲି ପୋଷାକ ଝିଲମି
ଳି କରୁଛି । ନବୀନ ଠାଣିରେ ଛିଡ଼ା ହୋଇଛି ନର୍ତ୍ତକୀ ମୋହନା
ମୁହଁରେ ମୃଦୁ ହସ । ଆଖିରେ ମନ ହରଣ କରିବାର ଇଶାରା

ଅନ୍ତରାଳରୁ ବାଦ୍ୟଯନ୍ତ୍ର ବାଜି ଉଠିଲା । ତହିଁ ସଙ୍ଗେ ସଙ୍ଗେ
ତାଳ ମିଳାଇ ମିଳାଇ ପାଦ ପକାଇ ନାଚିବାକୁ ଆରମ୍ଭ କଲି
ନର୍ତ୍ତକୀ ମୋହନା । ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦରେ ପ୍ରତି ପ୍ରାଣ
ଦୋହଲାଇ ପକାଇଲା । ଆନନ୍ଦ ଅଧୀର ମନକୁ ।

ସମସ୍ତେ ନୃତ୍ୟ ଦେଖିବାରେ ବ୍ୟସ୍ତ । ଘର ଭିତରକୁ ପଶି
ଆସିଲେ ତିନିଜଣ । ଜଣେ ସ୍ତ୍ରୀ—ଅନ୍ୟ ଦୁଇଜଣ ପୁରୁଷ ।

ସ୍ତ୍ରୀ ଲୋକଟିର ନାଆଁ ହେଉଛି ମିସ୍ ଦାସଗୁପ୍ତା । ପୁରୁଷ
ଦୁଇଜଣଙ୍କ ମଧ୍ୟରୁ ଜଣେ ସଶ୍ୱେର ଓ ଅନ୍ୟଜଣଙ୍କ ବେକାର ଯୁବକ
ନାଆଁ ତାଙ୍କର ଶିବପ୍ରସାଦ ।

ତିନି ଜଣଯାକ କ୍ଲବଘରକୁ ପଶି ଆସୁଥିବାର ଦେଖି ମେନେଜର
ପାଖେଇ ନେବାକୁ ଛୁଟି ଆସିଲେ । କ୍ଲବଘରର ଗୋଟିଏ ପାଖକୁ
ଟେବୁଲ ସଜା ହୋଇଥିଲା । ମେନେଜରର ନିର୍ଦ୍ଦେଶ ଅନୁସାରେ
ସମସ୍ତେ ଯାଇ ସେଇଠି ବସି ନୃତ୍ୟ ଦେଖିବାରେ ତନ୍ମୟ ରହିଲେ

ଲାସ୍ୟମୟୀ ମିସ୍ ମୋହନା—ଅଙ୍ଗ ଭଙ୍ଗୀ ଦେଖାଇ ନୃତ୍ୟର
ତାଳେ ତାଳେ ନାଚୁଯାଉଛି । ମୁହଁର କମନୀୟତାରେ ଯେ
କୌଣସି ଦର୍ଶକ ମୁଗ୍ଧ ହୋଇଯିବ । ସଶ୍ୱେଜ ଏକଲୟରେ
ଚାହିଁଛି ମିସ୍ ମୋହନାକୁ । ପ୍ରାଣ ଭିତରେ ଅଧୀର ଆବେଗ ।

ମୋହନା ବେଳେ ବେଳେ ତେରନ୍ତୁ ନଜର ହାଣିଦେଇ ଅଧର ଫାଙ୍କରୁ ମନମତାଣିଆ ହସରୁ ଝଣ୍ଡିଏ ଟୁ ଭୁସ୍ ଫିଙ୍ଗି ଦେଉଛି ସରୋଜ ଅଡ଼କୁ । ମନେମନେ ଶିହରି ଉଠୁଛି ସରୋଜ ।

ଏ ଦୃଶ୍ୟ ମିସ୍ ଦାସଗୁପ୍ତାଙ୍କୁ ଭଲ ଲାଗୁନି । ବେଳେ ବେଳେ ମୁହଁଟି ଝାଙ୍କିଲେଇ ଗୁମାନ ଭାବରେ ବସି ରହୁଛି ସେ ।

ସରୋଜ ଏକଲୟରେ ଚାହୁଁଛି ନର୍ତ୍ତକୀ ମୋହନା ଅଡ଼କୁ ।

ମିସ୍ ଦାସଗୁପ୍ତା ସରୋଜ କାନ୍ଧରେ ହାତ ଥୋଇ ଧୀର ଗଳାରେ କହିଲା—

“କ’ଣ ରୂପର ଯାଦୁ ଲାଗି ଗଲାକି, ଏପରି ଅନାଇଁ ରହୁଛ ଯେ ?”

ସରୋଜର ଚମକ ଭାଙ୍ଗିଲା । ଅନାଇଁଲା ସେ ମିସ୍ ଦାସଗୁପ୍ତାଙ୍କୁ ।

ମୃଦୁହସି ଦାସଗୁପ୍ତା କହିଲା—

“ରୂପର ମାଧୁରୀ ଦେଖି ଜାଲରେ ବନ୍ଦ ହୋଇ ଯାଇଚ ନା’ କ’ଣ ?”

ସରୋଜ କହିଲା—

“ଏପରି ଭୁଲ ବୁଝନି ମିସ୍ ଦାସଗୁପ୍ତା । ନୃତ୍ୟକଳାର ପୂଜାରୀ ଯେଉଁମାନେ, ସେମାନଙ୍କ ଆଖିରେ କେବଳ କଳାର ମାଧୁରୀ ଶ୍ରେଷ୍ଠ ଦେଖାଯାଏ । ନର୍ତ୍ତକୀ ନାଚି ଯାଉଛନ୍ତି—ଅଙ୍ଗଭଙ୍ଗୀରେ ତାର ଭାବନା ସେ ବ୍ୟକ୍ତ କରୁଛି । କିନ୍ତୁ—”

ଆଗକୁ ଆଉ କିଛି କହି ପାରିଲାନି ସରୋଜ । ମନରେ ତାର ପୂର୍ବ ସ୍ମୃତି ଜାଗି ଉଠିଲା । ବାଣୀର ହସ ହସ ମୁହଁଟି ଆଖି ଆଗରେ ନାଚିବାକୁ ଲାଗିଲା । ସେ ଏକଲୟରେ ଅନାଇଁ ରହିଲା ମିସ୍ ଦାସଗୁପ୍ତା ଅଡ଼େ ।

ମିସ୍ ଦାସଗୁପ୍ତା ମୁହଁରେ ହସର ଛଟା ଝଲକି ମାରି ଉଠିଲା । ଉଜ୍ଜ୍ୱଳ ଆଖିପତା ମେଲି ଅନାଇଁ ରହିଛି ସରୋଜକୁ ।

ଅଶୋକ ଭାବୁଥିଲା ବୀଣା କଥା—

ସତେ କ'ଣ ବୀଣାକୁ ସେ ଆଉ ପାଇବନି ? ତା କଥା ଯେତେ ଭୁଲିବାକୁ ଚେଷ୍ଟା କରୁଛି କିନ୍ତୁ ଭୁଲି ପାରୁନି । ସବୁ ସମୟରେ ଯେପରି ବୀଣାର ସ୍ପର୍ଶ ସେ ଅନୁଭବ କରୁଛି ।

କିଏ ଏଇ ମିସ୍ ଦାସଗୁପ୍ତା ? ଅନ୍ତର ଦେଇ ଭଲ ପାଇବାର ଉଦ୍ଦେଶ୍ୟ କ'ଣ ? ପ୍ରକୃତରେ କ'ଣ ସେ......"

ଆଗକୁ ଆଉ ଭାବି ପାରିଲାନି । କୋମଳ କର ସ୍ପର୍ଶରେ ଯେପରି ଚେତନା ଫେରି ଆସିଲା ପରି ଅନୁଭବ କଲା ଅଶୋକ ।

ହସ ହସ ମୁହଁରେ ମିସ୍ ଦାସଗୁପ୍ତା କହୁଚି—

"କ'ଣ ଏତେ ଭାବୁଚ ମ ? କ୍ଲବଘରକୁ କ'ଣ ଭାବନା କରିବାକୁ ଆସନ୍ତି ?"

ଅଶୋକ ଉତ୍ତର ଦେଲା—

"ଆନନ୍ଦ ଉପାର୍ଜନ ପାଇଁ କ୍ଲବଘର ଗଢ଼ା ହୋଇଥାଏ । ମଣିଷ ସବୁ ଦୁଃଖ କଷ୍ଟକୁ ଲାଘବ କରିବା ପାଇଁ କ୍ଲବଘରକୁ ଧାଇଁଆସେ । କିନ୍ତୁ..."

"ପୁଣି କିନ୍ତୁ କ'ଣ ?"

"ସେହି କିନ୍ତୁର ଅର୍ଥ ମୁଁ ବି ଖୋଜି ପାଉନି ମିସ୍ ଦାସଗୁପ୍ତା । ମନରେ ମୋର ଯେଉଁ ପିପାସା, ତାକୁ ମେଣ୍ଟାଇ ପାରୁନି । ସବୁ ସମୟରେ ଅନ୍ତରଟା ଯେପରି ଚକଟି ମନ୍ଥି ହେଉଚି । ବୀଣାଙ୍କ ବିଚ୍ଛେଦରେ ମୁଁ ଯେପରି ଦିନକୁ ଦିନ ହତାଶ ହୋଇ ପଡୁଛି ।"

ମୃଦୁ ହସି ମିସ୍ ଦାସଗୁପ୍ତା କହିଲା—

"ଆଶା ଆଉ ନିରାଶା ଭିତରେ ମଣିଷ ଆନନ୍ଦ ପାଏ । ହତାଶାରେ ଭାଙ୍ଗି ପଡ଼ିଲେ ଆଶାହିଁ ପୁଣି ବଳ ଦିଏ ମଣିଷ ପ୍ରାଣରେ । ହତାଶ ହୁଅନି ଅଶୋକ ବାବୁ !"

ଦୀର୍ଘନିଶ୍ୱାସ ପକାଇଲା ସରୋଜ । କ'ଣ ଆଉ ସେ ଏକଥାର ଉତ୍ତର ଦେବ ? ମୁହଁରେ ଫିକାଳିଆ ହସଟିକିଏ ଛାଣି ନୀରବରେ ବସି ରହିଲା ।

କ୍ଲବଘରେ ଘନ ଘନ କରତାଳି ଉଚ୍ଛୁଳି ପଡ଼ିଲା । ସମସ୍ତଙ୍କ ମୁହଁରେ ଆନନ୍ଦର ଲହରୀ । ନର୍ତ୍ତକୀ ମୋହନାର ପ୍ରଶଂସା ।

ନୃତ୍ୟ ଶେଷ ହୋଇଗଲା, ସ୍କ୍ରିନ ପଡ଼ି ଯାଇଛି । କ୍ଲବଘରେ ହଲ ଚହଲ ଉଚ୍ଛୁଳି ଉଠୁଛି ।

ପିଆଲା ଓ ଡ଼ିସ୍‌ର ଠନ୍ ଠନ୍ ଆୱାଜ । ସଭିଙ୍କ ହାତରେ କଣ୍ଟା ଚାମଚ । ଖୁଆପିଆର ଆନନ୍ଦ ଉଚ୍ଛୁଳା କୋଳାହଳ !

ମିସ୍ ଦାସଗୁପ୍ତା ପୁଣି ପଚାରିଲା —

"ଆପଣ ବିବାହ କରିଛନ୍ତି ସରୋଜ ବାବୁ ?"

ମନେ ମନେ ଶିହରି ଉଠିଲା ସରୋଜ । କ'ଣ ସେ କହିବ ମିସ୍ ଦାସଗୁପ୍ତାକୁ ?

"ନୀରବ ରହିଲେ ଯେ ?"

ଦୀର୍ଘନିଶ୍ୱାସ ପକାଇ ସରୋଜ କହିଲା—

"ସମାଜର ଛାତି ଉପରେ ଠିଆ ହୋଇ ଯାହାକୁ ସ୍ତ୍ରୀ ବୋଲି ଗ୍ରହଣ କରିଚି କିନ୍ତୁ ପ୍ରକୃତରେ କଣ ସ୍ୱାମୀ ସ୍ତ୍ରୀ ଆମେ ହୋଇ ପାରିଲୁ ? ଗୋଟିଏ ନଦୀର ଦୁଇଟି ଧାର ପରି ଆମର କେବେ ମିଳନ ହୁଏନି—। ସମାଜ ଆଗରେ ଆମର ଦାମ୍ପତ୍ୟ ଜୀବନର କପଟ ଅଭିନୟ ଖାଲି ସାର ହେଉଚି—।

ଦୁଇଜଣଙ୍କ ହୃଦୟରେ ସମାନ ପୀଡ଼ା—ହାହୁତାଶ । ଏହିପରି ଚାଲିଚି ଆଉ ମଧ୍ୟ ଚାଲିଥିବ ଅନନ୍ତ କାଳ ପର୍ଯ୍ୟନ୍ତ—।"

କିଛି ବୁଝି ପାରିଲାନି ମିସ୍ ଦାସଗୁପ୍ତା । ଖାଲି ସରୋଜର ମୁହଁକୁ ଅନାଇଁ ରହିଲା ସେ—।

ସଙ୍କେତ କହୁଥିଲା—

"ସେ ପ୍ରେମରେ ପାଇଛି ବାଧା । ଆଉ ମୁଁ ବି ସେହିପରି ପାଇଛି ଶାସ୍ତି ।

ଆମ ପରସ୍ପର ମଧ୍ୟରେ ଜଣେ ଅନ୍ୟ ଜଣଙ୍କ ପାଖରେ ରହୁଛି ଖାଲି ସହାନୁଭୂତି କିନ୍ତୁ ପ୍ରେମ ନୁହେଁ ।

ଆମ ଦୁଇଜଣଙ୍କ ଭଲ ପାଇବା ଭିତରେ ଅଛି ନିର୍ମଳ ପ୍ରେମ ଅକପଟ ଭଲପାଇବାର ଆକର୍ଷଣ ।"

ଆଗ୍ରହ କଣ୍ଠରେ ମିସ୍ ଦାସଗୁପ୍ତା ପଚାରିଲା—

"ମୁଁ କିଛି ବୁଝି ପାରୁନି । ପରିଷ୍କାର ଭାବେ ବୁଝାଇ ଦିଅନ୍ତୁ ସଙ୍କେତବାବୁ ।"

ଯେଉଁ ଯୁବକ ଜଣକ ମିସ୍ ଦାସଗୁପ୍ତା ପାଖରେ ବସିଥିଲା । ସଙ୍କେତ ସେ ଆଡ଼କୁ ଅନାଇଲା । ଯୁବକ ଜଣକ ନୀରବରେ ତଳକୁ ମୁହଁ ପୋତି ବସି ରହିଥିଲା ।

ମିସ୍ ଦାସଗୁପ୍ତା ବୁଝିପାରିଲା ସଙ୍କେତର ଇଙ୍ଗିତ । ଆଉ କିଛି ପଚାରିବାକୁ ସାହସ କଲାନି ସେ । କିନ୍ତୁ ମନରେ ତାର ସନ୍ଦେହ ରହିଗଲା । ସଙ୍କେତ ଜୀବନର ଇତିହାସ ଜାଣିବା ପାଇଁ ସେ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠୁଥିଲା ମନେ ମନେ ।

ଧୀର ଗଳାରେ ସଙ୍କେତ କହିଲା—

"ଏ ଲୋକଟି ତମର ପସନ୍ଦକୁ ଆସିଛନ୍ତି ମିସ୍ ଦାସଗୁପ୍ତା ?—"

"ବାଃ ! ଆପଣ ପସନ୍ଦ କରି ପଠାଇଛନ୍ତି ଯେତେବେଳେ ନିଶ୍ଚୟ ମୋର ପସନ୍ଦକୁ ଆସିବ । ଆମ ଦୁ' ଜଣଙ୍କର ସମ୍ପର୍କ ଖୁବ୍, ନିବିଡ଼ ଭାବରେ ଆସି ଗଲାଣି—।"

"ନାଁ କଣ ଯୁବକର ?"

ଯୁବକଟି ମୁହଁ ଟେକି ଅନାଇଁଲା ସନ୍ତୋଷ ଆଡକୁ । ମୁହଁରେ ଥଙ୍ଗ ଥଙ୍ଗ ଭାବ ଆଖିରେ ଥିଲା କରୁଣର ସୂହାଣୀ ।

ମିସ୍ ଦାସଗୁପ୍ତା କହିଲା—

"ତାଙ୍କନାମ ହେଉଚି ଶିବ ପ୍ରସାଦ ।"—

ସନ୍ତୋଷ ଆଉ ଥରେ ଅନାଇଁଲା ଶିବ ପ୍ରସାଦ ଆଡକୁ । କାହିଁକି ଗୋଟିଏ ନୂଆ ଆକର୍ଷଣ ଅନୁଭବ କରୁଥିଲା ମନେ ମନେ ସେ । ଯୁବକଟିକୁ ସବୁକଥା ପଚାରିବାକୁ ତାର ଇଚ୍ଛା ହେଉଥିଲେବି ଭଦ୍ରତା ଖାତିରରେ କିଛି ପଚାରିଲାନି ସନ୍ତୋଷ ।

ଯୁବକଟିକୁ ଲକ୍ଷ୍ୟ କରି କହିଲା ସେ—

"ଯେତେବେଳେ ସମୟ ପାଉଥିବ ମଝିରେ ମଝିରେ ଆମ ଅଫିସ ଆଡ଼େ ଟିକିଏ ବୁଲି ଆସୁଥିବ ଶିବ ପ୍ରସାଦ—।

ଶିବ ପ୍ରସାଦ ନୀରବରେ ସମ୍ମତି ଜଣାଇଲା । ତାର ଏପରି ଭାବରେ ମିସ୍ ଦାସଗୁପ୍ତା ହସି ହସି କହିଲା—

"ଛି'—। ଏପରି ଲାଜକୁଳା ହେଲେ କଣ ଚଳିବ ଭାଇ ? ସନ୍ତୋଷବାବୁ ଆମରି ଅତି ନିଜର ଲୋକ । ଖୋଲା ମନ ନେଇ ତାଙ୍କ ସାଙ୍ଗରେ ମିଳାମିଶା କର—।"

ସନ୍ତୋଷ ହସିଲା—

"ଆଉ ତମର ଘରେ କିଏ ଅଛି ?"

"କେହି ନାହିଁ । ବାପା ମା' ପିଲାଟି ଦିନୁ ଯାଇଛନ୍ତି । ନିଜର ବୋଲିଲେ ମୁଁ ଏକା—।"

ସନ୍ତୋଷ ନୀରବ ରହିଲା । ଆଉ କିଛି ପଚାରିବାକୁ ଇଚ୍ଛା ଥିଲେବି ପଚାରି ପାରିଲାନି ସେ ।

ମିସ୍ ଦାସଗୁପ୍ତା କହିଲା—

"ଏଥର ପିବା ଚାଲନ୍ତୁ ସନ୍ତୋଷବାବୁ !

"ଯିବାତ ! ଏତେ ତରତର କାହିଁକି ?"

"ସମୟ କେତେ ହେଲାଣି ଜାଣନ୍ତି ?"

ହାତ ବନ୍ଧା ଘଡ଼ିକୁ ଅନାଇଁ ଅଶୋକ କହିଲା—

"ମାତ୍ର ନଅଟା ।"—

"ମୁଁ କିନ୍ତୁ ବେଶୀ ସମୟ ରହି ପାରିବନି । ଘରେ ତେଣେ କାମ ଅଛି—।"

"ତା ହେଲେ ତମେ ଯାଅ । ମୁଁ ପଛରେ ଯିବି । ଦଶଟାରେ ଜଣେ ବନ୍ଧୁଙ୍କୁ ଦେଖା କରିବାର କଥା—। ବ୍ୟବସାୟ ସମ୍ବନ୍ଧରେ ଆଲୋଚନା ଅଛି—।"

ମିସ୍ ଦାସଗୁପ୍ତା ଉଠୁ ଉଠୁ କହିଲା—

"ଯିବାକୁ ମୋରବି ଇଚ୍ଛା ନଥିଲା । ବାଧ୍ୟ ହୋଇ ଯିବାକୁ ହେଉଛି । କାରଣ ଘରେ ତେଣେ କେତେ କାମ ପଡ଼ି ରହିଛି । ମୋର ଜଣେ ସହି ନଅଟା ଭିତରେ ଆସିବ ।"

ହସି ହସି ଅଶୋକ କହିଲା—

"ତମକୁ ପାଖରୁ ଛାଡ଼ି ନିଶ୍ଚିନ୍ତରେ ସମୟ କଟାଇବା ମୋରବି ଇଚ୍ଛା ନୁହେଁ । କାର୍ଯ୍ୟ ଥିବାରୁ ବାଧ୍ୟ ହୋଇ ମୋତେ ଏଠାରେ ଏକା ବସି ରହିବାକୁ ପଡୁଛି । ନଚେତ ମୁଁ ବି ଯାଇ ଥାନ୍ତି—।"

ମୁରୁକି ହସା ଦେଇ ମିସ୍ ଦାସଗୁପ୍ତା କହିଲା—

"ତେବେ କାଲି ସନ୍ଧ୍ୟାକୁ ନିଶ୍ଚୟ ଆମ ଘରକୁ ଆସିବେ ?"

"ଚେଷ୍ଟା କରିବି—।"

"ନା—ନା—ଚେଷ୍ଟା ନୁହେଁ ନିଶ୍ଚୟ ଆସିବେ, ଠିକ୍ ଅଫିସ୍ ପରେ । ମୁଁ ଶିବ ଭାଇଙ୍କୁ ପଠାଇବି—।"

"କାହାରିକୁ ପଠାଇବାକୁ ହେବନି । ମୁଁ ନିଶ୍ଚୟ ଆସିବି ।"—

"ତେବେ ଆମେ ଯାଉଚୁ—।"

"ନମସ୍କାର—।"

"—ନମସ୍କାର—।"

ମିସ୍ ଦାସଗୁପ୍ତା କ୍ଲବ ଘରୁ ପଦାକୁ ଚାଲିଗଲା । ତାଙ୍କ ସାଙ୍ଗରେ ଶିବ ପ୍ରସାଦ ମଧ୍ୟ ଗଲା ॥ ମୁଣ୍ଡରେ ହାତ ଦେଇ ବସି ରହିଲା ଏକା ସରୋଜ—।

ମନେ ମନେ ଚିନ୍ତା କରିବାକୁ ଲାଗିଲା ସେ ।

କିଏ ଏହି ଯୁବକ ଜଣକ ? ତାକୁ ଦେଖିବା ମାତ୍ରେ ମନଖଣ୍ଡକ ତା' ଆଡ଼କୁ ଟାଣି ହୋଇ ଯାଉଛି । ତାର ନମ୍ରସ୍ୱଭାବ ଦେଖିଲେ କିପରି ଗୋଟାଏ ଦୟାର ଆକର୍ଷଣ ଆସୁଛି ତା' ପ୍ରତି ।

ଏଇ ଯୁବକ ବେକାର ଭାବେ ଦିନେ ଆସି ଠିଆ ହୋଇଥିଲା ସରୋଜ ପାଖରେ । ସରୋଜ ରାଜି ହୋଇଥିଲା ତାକୁ କେଉଁଠି ଚାକିରି ଲଗାଇ ଦେବ ବୋଲି । କିନ୍ତୁ ଏପର୍ଯ୍ୟନ୍ତ ତାର କୌଣସି ବ୍ୟବସ୍ଥା କରି ପାରିନି ।

ମନେ ମନେ ଲଜ୍ଜିତ ହେଲା ସରୋଜ । ପର ମୁହୂର୍ତ୍ତରେ ମନକୁ ମନ ସାନ୍ତ୍ୱନା ଦେଇ କହିଲା—ମିସ୍ ଦାସଗୁପ୍ତା ପାଖରେ ବେଶ୍ ଆରାମରେ ଅଛି । ଭାଇ ଭଉଣୀର ସମ୍ପର୍କ । ମିସ୍ ଦାସଗୁପ୍ତା ପାଖରେ ପଇସା ଅଛି । ଦୁଇଜଣ ଯାକ ବେଶ୍ ଆନନ୍ଦରେ ଚଳି ଯାଉଥିବେ । ଚାକିରିର ଆଉ ଦରକାର କଣ ଅଛି ?

ସରୋଜର ମନ ଭିତରୁ କିଏ କହୁ ଥିବାର ସେ ଅନୁଭବ କଲା—ନା-ନା—ଚାକିରି ନିଶ୍ଚୟ ଦେବାକୁ ହେବ—ଯୁବକର କଥାରୁ ଜଣା ପଡୁଥିଲା ସେ ଅସହାୟ । ଶିକ୍ଷିତ ମଧ୍ୟ—। ସରୋଜ ଅଫିସରେ କେତେ ଲୋକ ଚାକିରି କରୁଛନ୍ତି । ଏ ଯୁବକଟି ପାଇଁ ଚାକିରି ନାହିଁ ?

ନା—ନା—ସେ କଦାପି ଯୁବକଟି ପ୍ରତି ଅନ୍ୟାୟ କରିବନି ନିଶ୍ଚୟ ତାଙ୍କୁ ଅଫିସରେ ଆଣି ଚାକିରି ଦେବ ।

ଯୁବକଟିକୁ ଚାକିରି କରିବା ପାଇଁ ଯଦି ମିସ୍ ଦାସଗୁପ୍ତା ଅନୁମତି ନ ଦିଏ ?

ଆରେ, ଅନୁମତି କାହିଁକିବା ସେ ନଦେବ ? ଭଗି ଝାଇଲେ ନଇବାଲ ସରଯାଏ । ଶିକ୍ଷିତ ଯୁବକ ଘରେ ପଙ୍ଗୁ ହୋଇ ବସିରହିବ କଣ ସୁନ୍ଦର ଦେଖା ଯିବ ମିସ ଦାସଗୁପ୍ତାଙ୍କୁ ?

ମିସ୍ ଦାସଗୁପ୍ତା ।—

ଲାସ୍ୟମୟୀ ସେ । ପ୍ରତି କଥାରେ ଯେପରି ଗୋଟାଏ କମ- ନୀୟତା ଅଛି—ଶୁଣିବା ଲୋକ ତନ୍ମୟ ହୋଇଯାଏ ।

ସତ୍ୟେନ୍ଦ୍ର ମିସ୍ ଦାସଗୁପ୍ତାଙ୍କୁ ଭଲପାଏ ?

ଏଁ !

ଚମକି ଉଠିଲା ସତ୍ୟେନ୍ଦ୍ର । ବୀଣାର ହସ ହସ ମୁହଁଟି ଆଖି ଆଗରେ ନାଚି ଉଠିଲା । ବୀଣାର ସ୍ପର୍ଶ ଯେପରି ସେ ଅନୁଭବ କରୁଛି । କାହିଁ ବୀଣା ?

ସ୍ୱପ୍ନ ସଙ୍ଗିନୀ ପରି ପାଖେ ପାଖେ ରହି ଥିବାପରି ଅନୁମାନ କରୁଛି ସତ୍ୟେନ୍ଦ୍ର—।

ମିସ୍ ଦାସଗୁପ୍ତାଙ୍କୁ ଦେଖିବା ମାତ୍ରେ ବୀଣା କଥା ସତ୍ୟେନ୍ଦ୍ରଙ୍କ ମନେ ପଡୁଛି । ତେବେ—ତେବେ କଣ ମିସ୍ ଦାସଗୁପ୍ତା, ବୀଣା ହେବକି ?

ନା—ନା ସେ କାହିଁକି ବୀଣା ହେବ ? ମିସ୍ ଦାସଗୁପ୍ତା ଓଡ଼ିଆ ନୁହେଁ । ତାର ଜୀବନର ଇତିହାସ ସେ ଶୁଣିଛି । ଏଇ ଓଡ଼ିଶାକୁ ସେ ଘର ବାନ୍ଧିବାକୁ ଆସିଛି ।

୭—ତାରକର

କିନ୍ତୁ ଏ ଯାଏ ସେ ବିବାହ କରିନି । ରୂପ ଅଛି, ଗୁଣ ଅଛି, ବିବାହ କରୁନି କାହିଁକି ?

ଆଉ କଣ ସତ୍ୟେଜକୁ ସେ ଭଲ ପାଏ ?

ସତ୍ୟେଜ ମୁହଁରେ ଫିକାଳିଆ ହସ ଉଙ୍କି ମାରିଲା । ମିସ୍ ଦାସଗୁପ୍ତାକୁ ତାର ବିବାହ କଥା ଦିନେ ନିଶ୍ଚୟରେ ପଚାରିବା ପାଇଁ ମନେ ମନେ ସ୍ଥିରକଲା ସେ—

ଯଦି ମିସ୍ ଦାସଗୁପ୍ତା କହେ ମୁଁ ସତ୍ୟେଜକୁ ବିବାହ କରିବି । ତାକୁ ଅନ୍ତର ଦେଇ ଭଲ ପାଇଛି ।—

କେଉଁଣି ହେବ ସେତେବେଳେ ? ସତ୍ୟେଜ ଏକଥାର ଉତ୍ତର କଣ ଦେବ ମିସ୍ ଦାସଗୁପ୍ତାକୁ ?

ମୁହଁ ଖୋଲି କ'ଣ କହିପାରିବ ଯେ—ମୁଁ ବୀଣାକୁ ଭଲପାଏଁ ବୋଲି ?

ଯୁଗ ଯୁଗ ଧରି ଯାହାର ପ୍ରତୀକ୍ଷା କରି ବସିଛି, ସେ କ'ଣ ଆସିବନି ? ଅନ୍ତରର ବ୍ୟଥା କ'ଣ ବୁଝିବନି ସେ ?

ପାଷାଣି—

କିଏ ପାଷାଣି ?

ମିସ୍ ଦାସଗୁପ୍ତା ନା - ବୀଣା ?

ସେହି ବୀଣାର କଥାହିଁ ଭାବୁଛି ସତ୍ୟେଜ, ପ୍ରଥମ ଯୌବନରେ ଯେ ତାର ହୃଦୟ ଅଧିକାର କରିଛି । ପୁଣି ଦ୍ୱିତୀୟ ଥର ପାଇଁ ଅନ୍ୟ କଣକୁ ସେ କିପରି ଅନୁମତି ଦେଇ ପାରିବ ?

କିନ୍ତୁ ସରଳା କେଉଁ ଅଧିକାରରେ ଅଛି ସତ୍ୟେଜର ସ୍ତ୍ରୀ ରୂପରେ ?

ନିଃଶ୍ୱାସ ଛାଡିଲା ସତ୍ୟେଜ । ହତାଶ ଦୃଷ୍ଟିରେ କ୍ଲବଘରର ଗ୍ରୁପ ଆଡ଼କୁ ଅନାଇଲା । ଅନ୍ୟମାନେ ବେଶ୍ ଖୁସି ଗପ କରୁଛନ୍ତି ।

ଜୀବନରେ କାହାର ଅବସାଦ ନାହିଁ । ସମସ୍ତେ ଯେପରି ଆନନ୍ଦରେ ମସଗୁଲ୍ ।

ଏତେ ଆନନ୍ଦ କୋଳାହଳ ମଧ୍ୟରେ ଅଶୋକ ଏକା ଏକା ବସିଛି । ପ୍ରାଣରେ ଶାନ୍ତି ନାହିଁ—ବୁଦ୍ଧିରେ ପ୍ରଫୁଲ୍ଲତା ମିଳାଇ ଯାଇଛି । ଖାଲି ଭାବନାହିଁ ସାର । ସତ ଦିନ ସେ ଭାବନାରେ ବୁଡ଼ି ରହିବାକୁ ଚାହେଁ । ସନ୍ତାପ ତାର ସାଥୀ—ସେ ସନ୍ତାପ ଚିରକା ସବୁ ସମୟରେ ସେ ଏସବୁ କଥା ଭୁଲିଯିବାକୁ ଚାହେଁ । ସେ ସନ୍ତାପହିଁ ତାର ଜୀବନରେ ଶାନ୍ତିଦେବ—ଆନନ୍ଦ ଦେବ ।

କଲିଙ୍ଗ୍ ବେଲ୍ ଟିପିଲା ଅଶୋକ । କ୍ଲବର ବୟ୍ ଆ: ହେଲା ଅଶୋକ ପାଖରେ ।

ଅଶୋକ ଉଦାସ ଗଳାରେ କହିଲା—

"ହ୍ୱାଇଟ୍ ଲେବଲ୍ ଗୋଟିଏ ବୋତଲ ।"

କିଛି ସମୟରେ ହ୍ୱାଇଟ ଲେବଲ୍ ମସ୍ତ ଗୋଟିଏ ବିଲାତି ମଦ ବୋତଲ, ଟିକେ କାଚ ଗିଲାସ ଗୋଟିଏ ଟେବୁଲ ଉପରେ ଥୁଆ ହେଲା । ଗୋଟିଏ ଟିଣ ସିଗାରେଟ ।

ବୋତଲ ଠିପି ଖୋଲି ମଦ ଢାଳିଲା ଅଶୋକ । ସିଗାରେଟରେ ଅଗ୍ନି ସଂଯୋଗ କରି ଟାଣିଲା । ଗିଲାସଟି ହାତରେ ଧରି ମୁହଁ ପାଖକୁ ନେଲା—ଚୁମ୍ବନ ଦେଲା ।

ଅଧଘଣ୍ଟା ଭିତରେ ଗୋଟିଏ ହ୍ୱାଇଟ ଲେବଲ୍ ବୋତଲ ଶେଷ ହୋଇଗଲା । ନିଶାରେ ଦୁନିଆଟା ଯେପରି ଘୂର୍ଣ୍ଣିନୀ ଜଣା ପଡୁଛି ଅଶୋକକୁ । ମୁହଁରେ ଅଧାଜଳା ସିଗାରେଟ ।

କ୍ଲବ ଘରର ଚାରି ଆଡ଼କୁ ଅନାଇ ପକାଇଲା ଅଶୋକ । ଅଳ୍ପ ସଂଖ୍ୟାରେ ଲୋକ କ୍ଲବ ଘରେ ବସିଛନ୍ତି । ଆଉ ଅଧଘଣ୍ଟା ପରେ ସମସ୍ତେ ଚାଲିଯିବେ । ସତ ବାରଟା । କ୍ଲବ ଶୂନ୍ୟ ହୋଇଯିବ—।

ଅନ୍ତରାଳରୁ ବେଲ୍ ବାଜି ଉଠିଲା । କ୍ଲବ ଘରେ ଯେଉଁ ମାନେ ଗଳ୍ପ କରିବାରେ ମଜ୍‌ଗୁଲ୍ ଥିଲେ ସେମାନଙ୍କୁ ସତର୍କ କରାଇ ଦିଆଗଲା ଚାଲିଯିବାକୁ ।

ଧିରେ ଧିରେ ସମସ୍ତେ ଉଠିଲେ । ସରୋଜ ମଧ୍ୟ ଉଠିଲା ।

ବାହାରେ କେତେ ଖଣ୍ଡି ମଟର କାର ଥୁଆ ହେଇଥିଲା । ନିଜ ନିଜ କାରରେ ଯାଇ ସମସ୍ତେ ବସି ଗଲେ । ସରୋଜ ନିଜ କାର ଆଡ଼କୁ ଚାଲି ଚାଲି ଯାଉଥିବା ସମୟରେ ନାରୀ କଣ୍ଠର ଆହ୍ୱାନ ଶୁଣିବାକୁ ପାଇଲା ।

"ସରୋଜ ବାବୁ ! ଅପେକ୍ଷା କର—।"

ପଛକୁ ମୁହଁ ବୁଲାଇ ଅନାଇଁଲା ସରୋଜ । ମିସ୍ ଦାସଗୁପ୍ତା ସରୋଜ ଆଡ଼କୁ ହସ ହସ ମୁହଁରେ ଧାଇଁ ଅସୁଚି ।

ଆଶ୍ଚର୍ଯ୍ୟରେ ସରୋଜ ପଚାରିଲା—

"ମିସ୍ ଦାସଗୁପ୍ତା ! ଏତେବେଳେ ଯାଏ କେଉଁଠି ଥିଲ ?"

"କାହିଁକି ? ଆପଣଙ୍କର ପଛେ ପଛେ ତ ମୁଁ ରହୁଚି ।"

"ଆରେ ! ମୋ ପଛେ ପଛେ ତମେ ରହୁଚ । ଅଉ ମୁଁ ଜାଣି ପାରୁନି ?"

"କଣ ଆଶ୍ଚର୍ଯ୍ୟ ଲାଗୁଚି ?"

"ବାସ୍ତବିକ୍ ଆଶ୍ଚର୍ଯ୍ୟ ହେବାର କଥା ।"

"ତେବେ ହୋସ ନଷ୍ଟ ହୁଅଛି ଆପଣଙ୍କର ?"

"ବେହୋସ ଥିବାର କେବେ ଲକ୍ଷ୍ୟ କରିଚ ମୋତେ ମିସ୍ ଦାସଗୁପ୍ତା ?"

"ନାଇଁ ଲକ୍ଷ୍ୟ ଅବଶ୍ୟ କରିନି, କିନ୍ତୁ ଆଜି ବିଶେଷ ଲକ୍ଷ୍ୟ କରି ଦେଖୁଥିଲି ।"

ହୋ—ହୋ—ହୋଇ ହସି ଉଠିଲା ସରୋଜ ।

କହିଲା ସେ—

"ମୁଁ ମଦ ପିଏଁ ମନର ଦୁଃଖ ଭୁଲିଯିବାକୁ । କିନ୍ତୁ ହୋ
ଠିକ୍ ଥାଏ । ଅଚ୍ଛା କହିଲ, ତମେ ଓ ଶିବପ୍ରସାଦ ମୋ ପାଖରେ
ବସିଥିଲ । ପରେ ଜରୁରୀ କାମର ବାହାନା କରି ଚାଲିଗଲ
ନୁହେଁ କି ?

ମୃଦୁ ହସି ହସି ଦାସଗୁପ୍ତା କହିଲା—

"ଠିକ କହୁଛନ୍ତି ଆପଣ । ମୋ ଯିବାର ବିଶେଷ କାରଣ
ଥିଲା ।"

"ସେ କାରଣଟା କଣ ଶୁଣି ପାରେକି ?"

"ଆରେ ! ରାସ୍ତା ମଝିଟାରେ କଣ ଏ ସବୁକଥା କୁହା ଯାଏ ?
କାର୍ ଭିତରକୁ ଚାଲ ?"

ସରୋଜର ହାତଧରି ଟାଣିଲା ମିସ୍ ଦାସଗୁପ୍ତା ।

ସରୋଜ କହିଲା—

"କାର ଅଚିନା ଅଣିନି । ଡ୍ରାଇଭର ନାହିଁ । ଟେକ୍ସିରେ
ଆସିଥିଲି ।

"ତେବେ ଟେକ୍ସିରେ ଚାଲିଯିବା ।"

ଅଳ୍ପ ହସି ସରୋଜ କହିଲା—

"କାହିଁକି ? ଚାଲି ଚାଲି ଗଲେ କଣ ଅସୁବିଧା ହେବ ?"

"ନା !"

"ତେବେ ଚାଲ ଚାଲିଯିବା ।"

"କିନ୍ତୁ ।"...

"ପୁଣି କିନ୍ତୁ କଣ ?

ଏତେ ରାତି ହେଲାଣି । ଟେକ୍ସିରେ ଯିବା ନିରାପଦ ।"...

ଜିଵ ଘର ପାଖରୁ କିଛି ଦୂରରେ ଟେକ୍ସି ଷ୍ଟାଣ୍ଡ । ଦୁହେଁ

...କ୍ସି ପାଖକୁ ଗଲେ । ଟେକ୍ସି ଡ୍ରାଇଭର ଦୁଆର ଖୋଲି ...ଲା । ଅଶୋକ ପଛ ସିଟ୍‌ରେ ବସିଲା । ତା ପାଖକୁ ଲାଗି ...ବସିଲା ମିସ୍ ଦାସଗୁପ୍ତା ।

ଟେକ୍ସି ଚାଲିଲା । ଦୁହେଁ ନୀରବ ଭାବେ ଟେକ୍ସିରେ ବସି-...ନ୍ତି ।

କିଛି ସମୟ ପରେ ମିସ୍ ଦାସଗୁପ୍ତା କଥା କହିଲା—

"ଯିବା କୁଆଡ଼େ ?"

କାହିଁକି ? ତମକୁ ଆଗ ତମ ଘରେ ପହଞ୍ଚାଇ ମୁଁ ମୋ ଘରକୁ ...ଲି ଯିବି ।"

ଅଶୋକର ଏପରି କଥାରେ ମିସ୍ ଦାସଗୁପ୍ତାର ମନର ସରସତା ...ଳିଗଲା । ଗୁମାନ ହୋଇ ମନକୁ ମନ ଭାବିବାକୁ ଲାଗିଲା ସେ ।

ମିସ ଦାସଗୁପ୍ତା ମନେ ମନେ କେତେ କଥା ଭାବିଥିଲା । ...ଶୋକକୁ ଆଜି ଏକାନ୍ତରେ ପାଇ ମନକଥା ଖୋଲି କହିବ । ସେ ...ଉଁ କଥା ଇଙ୍ଗିତ ଦେଇ କ୍ଲବ ଘରେ କହିଥିଲା, ସେହି କଥାକୁ ...ସ୍କାର ଭାବେ ବୁଝିବ ।

କିନ୍ତୁ ଏବେ କଣ ହେଲା ?

ଅଶୋକ କହେ ଘରେ ମିସ୍ ଦାସଗୁପ୍ତାକୁ ଆଗ ପହଞ୍ଚାଇ ସେ ନିଜ ଘରକୁ ଚାଲିଯିବ ।

ସେ ଶିବପ୍ରସାଦକୁ କୌଶଳ କରି ଘରକୁ ବିଦାକରି ଦେଇ-ଥିଲା । ଆଜି ଅପେକ୍ଷା କରିଥିଲା ଅଶୋକ କେତେବେଳେ କ୍ଲବ ...ରୁ ବାହାରିବ ।

ଅଶୋକର ବିଳମ୍ବ ଦେଖି ମିସ୍ ଦାସଗୁପ୍ତା ବି କ୍ଲବ ଘରେ ଗୋଟିଏ କଣକୁ ଯାଗା ବାନ୍ଧିନେଇ ବସି ରହିଥିଲା । ଆଜି ଦେଖିଲା କପାଳ ଅଶୋକ ସଙ୍ଗ ପିଜିତ ।

ମନ ଭିତରେ ଅଶାର ସୌଧ ତୋଳୁ ଥିଲା ବସି ମିସ୍ ଦା
ଗୁପ୍ତା ।

ନିଶା ଖିଆଲରେ ସତ୍ୟେଜ ନିଶ୍ଚୟ ମିସ୍ ଦାସଗୁପ୍ତାଙ୍କୁ ପ
ଖୁସୀ ହେବ ।

ମାନ କାହିଁ ?

ଗୋଟିଏ ଟେକ୍ସିରେ ପାଖା ପାଖି ବସି ଥିଲେ ବି ଦୁ
ନୀରବ ।

ବେଳେ ବେଳେ ମିସ ଦାସଗୁପ୍ତା ସତ୍ୟେଜର ମୁହଁକୁ ଅନାଉ ଥା
ଟେକ୍ସି ଭିତରଟା ଅନ୍ଧକାର । ମୁହଁର ଭାବ ଠିକ ଭାବେ ଲ
ହେଉ ନଥାଏ । ମନ ଭିତରେ ସେ ଗୁନ୍ଥୁ ଥିଲା ସତ୍ୟେଜେ ୦
କହୁ ଶୁଣିବ—ଆଉ ତାର ନିବଡ ସ୍ପର୍ଶରେ ନିଜକୁ ପୁଲକ୍ତ
କରିବ ।

ଟେକ୍ସି ଚାଲିଚ । ଆଉ ଦଶ ମିନିଟ ପରେ ମିସ୍ ଦାସଗୁପ୍ତା
ଘର ।

ମିସ୍ ଦାସଗୁପ୍ତାର ମନ ଚଞ୍ଚଳ ହୋଇ ଉଠିଲା । ସେ ସତ୍ୟେଜ
ହାତକୁ ନିଜ ହାତ ମୁଠା ଭିତରେ ପୁରେଇ ଧୀରେ ଆଉ ଅ
କଣ୍ଠରେ କହିଲା—

"ସତ୍ୟେଜ ବାବୁ ! ଏତେଦିନ ଧରି ଯେ ତମ ପଛେ ପ
ଧାଉଁଛ । ଏସବୁ କଣ ବ୍ୟର୍ଥ ହେବ ?"

"କଣ ଯେ କହୁଚ ତମ କଥାର ଅର୍ଥ ମୁଁ କିଛୁ ବୁଝି ପାରୁ
ମିସ୍ ଦାସଗୁପ୍ତା ?

"ଏକଥା କଣ ବୁଝେଇ ଦେବାକୁ ହେବ ?"

"ଯିଏ ନ ବୁଝି ପାରେ ?"

"ଭଲ ପାଇବାଟାକୁ କେହି ଶିଖେଇ ଦଅନ୍ତିନି ? ମନକୁ ଆସିଯାଏ ।"

"ଖାଲି ଉଡୁଥିଲେ ହୋଇଗଲା ?"

"ପରସ୍ପର ଆକର୍ଷଣହିଁ ଭଲ ପାଇବାର ମୂଳକାରଣ ।"

"ବୁଝିଲି ।"

"କଣ ?"

"ଏଇ ତମେ ଯାହା କହିଲ ।"

"କଣ ମୁଁ କହିଲି ?"

"ଭାଷାରେ ତା' କହି ହୁଏନା ।"

ମିସ୍ ଦାସଗୁପ୍ତା ସଶ୍ୱେଜର ପାଖକୁ ଆହୁରି ଲାଗି କରି ବସି ଧୀର ...ରେ କହିଲା—

"ସତ କହିଲ—ତମେ ମତେ ଭଲ ପାଅ ?"

ସଶ୍ୱେଜର ଯେପରି ହୋସ ଫେରି ଆସିଲା । ସେ ବ୍ୟଗ୍ର ଭାବରେ ...ଲା—

"ଏଥର ଓହ୍ଲାଇ ଯାଅ । ତମଘର ଆସି ଗଲଣି । ଏ, ...ସି ବାଲା ଟେକ୍ସି ବନ୍ଦକର ।"

ଟେକ୍ସି ବନ୍ଦ ହେଲା ।

ମିସ୍ ଦାସଗୁପ୍ତା କେତେ ଆଶା କରିଥିଲା । ଆଜି ସଶ୍ୱେଜ...ଙ୍କରେ କିଛି ଗୋଟାଏ ଶେଷ ନିଷ୍ପତ୍ତି କରିବ । କିନ୍ତୁ ହୋଇ ...ଲାନି । ମନରେ ତାର ହତାଶାର ଭାବ । ଧୀରେ ଧୀରେ ...କ୍ସି ଭିତରୁ ବାହାରି ଆସି ତଳେ ଠିଆ ହେଲା । ଏ ପର୍ଯ୍ୟନ୍ତ ...ଟି କିନ୍ତୁ ସଶ୍ୱେଜର ହାତ ମୁଠା ଭିତରେ ବନ୍ଦୀ ।

ଅଳ୍ପ ସମୟ ମଧ୍ୟରେ ସଶ୍ୱେଜ ଠାରୁ ସେ ଅନେକ ପାଇଁ ବିଦାୟ ...ବ । ରାତି ଅନେକ ହେଲାଣି ।

ଦୁଇଜଣଙ୍କ ହାତ ମୁଠାରେ ଦୁଇ ଜଣଙ୍କର ହାତ ବନ୍ଦୀ । ...ସ୍ ଦାସଗୁପ୍ତାର କଥା ଶେଷ ହେବାକୁ ନାହିଁ । କୁଆଡୁ କୁଆଡ଼ ...ଆ ଯେପରି ଚୋଳା ଆଣି ଦେଉଛି ସେ ।

ଧୀର ଗଳାରେ ସନ୍ତୋଷ କହିଲା—

"ଏଥର ବିଦାୟ ଦିଅ। ପୁଣି ଦିନେ ଏକାନ୍ତରେ ସ
କଥା।"...

"ସତେ କଣ ଆପଣ ମୋପାଇଁ ନିରୋଳାରେ ସମୟ ଦେ
ପାରିବେ ?"—

"ନିଶ୍ଚୟ ପାରିବି। ଆଜି ଥାଉ।"...

ନାଟକର ପ୍ରେମିକ ପ୍ରେମିକା ପରି ଦୁଇ ଜଣଙ୍କର ବିଦା
ହେଲା।

ମିସ ଦାସଗୁପ୍ତା ନିଜଘରକୁ ଚାଲିଗଲା।

ସନ୍ତୋଷ ଫେରି ଆସିଲା ନିଜ ଘରକୁ।

ସରଳା ସନ୍ତୋଷର ଅପେକ୍ଷା କରି ବସିଥିଲା। ସେ
ଆସିବାରୁ ତା ଗୋଡରୁ ଜୋତାର ଫିତା ଫିଟାଇ ବାହାର କ
ଦେଲା ସରଳା। ଦେହରୁ କାମିଜ ଖୋଲି ଦେଲା। ଯତ୍ନେ
ଦିହ ହାତ ଓଦା ଟାଓ୍ୱେଲରେ ପୋଛି ଦେଇ କୋମଳ କଣ୍ଠେ
କହିଲା—

"ଭାତ ବଢା ହେଇଛି ଖାଇବ ଚାଲ।"

ସନ୍ତୋଷ କହିଲା—

"ନା ଖାଇବିନି। ନିଦ ମାଡୁଛି ଶୋଇବି।—"

ସରଳା ଆଉ ବାଧ କଲାନି। ଏହାପରି ଅଧିକାଂଶ ସମୟେ
ହୁଏ। ସରଳା ସନ୍ତୋଷ ଦେହରେ ଚାଦର ଘୋଡାଇ ଦେଲ
ସନ୍ତୋଷ ଶୋଇଲା। ସରଳା ନିଜ ଘରକୁ ଚାଲି ଆସିଲା। ଦ
ନିଶ୍ୱାସଟିଏ ପକାଇ ଟିକିମକୁ କୋଳରେ ଯାକି ଶୋଇଲା ସରଳ

ମନରେ ତାର କେତେ କଥା କେତେ ଭାବନା।

ଏଭାବନାର ଶେଷ ନାହିଁ—ସୀମା ମଧ୍ୟ ନାହିଁ।

●●

କଲିଙ୍ଗ୍ ବେଲ୍ ବାଜିଉଠିଲା । ଚମକି ଉଠିଲା ସରଳା ଉପନ୍ୟାସ ବହିର ପୃଷ୍ଠାରେ ଚିହ୍ନ ଦେଇ ଧାଇଁ ଗଲା ଦୁଆର ପାଖକୁ । କବାଟ ଖୋଲିଦେଲା । ଆଶ୍ଚର୍ଯ୍ୟ ଦୃଷ୍ଟିରେ ଅନାଇଁ ରହିଲା ଅପରିଚିତ ଯୁବକଟି ଆଡ଼କୁ । ମୁହଁରେ ପ୍ରଶ୍ନବାଚୀର ଭଂଗୀ

ଯୁବକଟି ମଧ୍ୟ ସରଳାର ଆପାଦମସ୍ତକ ଅନାଇଁ ଦେଖୁଥିଲା । ଅଜଣା ଶିହରଣ କିପରି ଅନ୍ତର ଭିତରୁ ଅନୁଭବ କରୁଥିଲା ସେ ।

ଧୀର ଗଳାରେ ସରଳା କହିଲା—

"କାହାକୁ ଖୋଜୁଛନ୍ତି ଆପଣ ?"

"ଅଶୋକ ବାବୁ ଘରେ ଅଛନ୍ତି ?"

"ବାହାରକୁ ଯାଇଛନ୍ତି ଅଧଘଣ୍ଟା ଭିତରେ ଫେରିଆସିବେ ।"

ପକେଟରୁ ଖଣ୍ଡେ ଚିଠି ବାହାର କରି ସରଳା ହାତକୁ ବଢ଼ାଇ ଯୁବକଟି କହିଲା—

"ମୁଁ ଆଉ ବେଶି ସମୟ ଅପେକ୍ଷା କରି ପାରିବିନି । ଦୟା କରି ଆପଣ ଏ ଚିଠି ଖଣ୍ଡିକ ଅଶୋକ ବାବୁଙ୍କୁ ଦେଇ ଦେବେ—।"

"ଆପଣ କେଉଁଠୁ ଆସିଛନ୍ତି ? ନା' ଟା ଆପଣଙ୍କର ?"

"ମୋ ନାଆଁ ? ମୋ ନାଆଁ ହେଉଚି ଶିବପ୍ରସାଦ । ମିସ୍ ଦାସଗୁପ୍ତାଙ୍କ ପାଖରୁ ଆସିଚି ।"

ଶିବପ୍ରସାଦ ଚାଲିଗଲା । ସରଳା ଚିଠି ଖଣ୍ଡିକ ହାତରେ ଧରି ଦୁଆର ମୁହଁରେ ଠିଆ ହୋଇ ତାର ଯିବା ବାଟକୁ ଏକ ଲୟରେ ଚାହିଁଲା । ମନରେ ତାର କେତେ କଥା—କେତେ ଭାବନା ।

ଏ ଲୋକଟି କିଏ ? ଦେଖିବା ମାତ୍ରେ ମନରେ ଏପରି ଆକର୍ଷଣ ଆସିବାର ହେତୁ କଣ ?

ଶିବପ୍ରସାଦ !

କାହିଁ ? ଏପରି ନାମରେ କୌଣସି ବ୍ୟକ୍ତିଙ୍କୁ ଆଜି କେବେ ଶୁଣିବାର କି ଏଠି ଦେଖିବାର ସୁଯୋଗତ ହୋଇନି ?

ଦେଖିବା ମାତ୍ରେ ଏହାଙ୍କ ପ୍ରତି ଏପରି ମମତା କାହିଁକି ?

ଦୀର୍ଘ ସମୟ ଧରିତ ତାଙ୍କ ସାଙ୍ଗରେ ଆଳାପ ଆଲୋଚନା ହୋଇନି । ପଦେ ପଦେ କଥା । ତଥାପି ଯେପରି ଅତି ଆପଣାର ଲୋକପରି ମନେ ହେଉଛି ।

କିଏ ଏହି ଶିବପ୍ରସାଦ ?

ସେଦିନ ସରୋଜ ମୁହଁରୁ ଶୁଣିଥିଲା ସରଳା ।

ସରୋଜ କହୁଥିଲା—କିଏ ଜଣେ ବେକାର ଯୁବକ ତାଙ୍କ ପାଖକୁ ଚାକିରି କରିବା ପାଇଁ ଅଫିସକୁ ଆସିଥିଲା ।

ତେବେ କଣ ସେହି ଯୁବକ ଇଏ ?

ଅହା ବେଚାରା ! କ୍ଷୁଧାର ଜ୍ୱାଳା ସହି ନ ପାରି ଚାକିରି ଖୋଜି ଆସିଛି ।

ଚିଠି ଖଣ୍ଡିକ ହାତରେ ଧରି ସରଳା ଏପଟ ସେପଟ ଦେଖୁଥିଲା । ଖାମ ଉପରେ ସୁନ୍ଦର ଇଂରାଜୀ ଅକ୍ଷରରେ ଲେଖା ଅଛି ସରୋଜର ନାମ ।

ଭଙ୍ଗା ଭଙ୍ଗା ଢଙ୍ଗରେ ଇଂରାଜୀ ଅକ୍ଷର ଗୁଡ଼ିକ ପଢୁଥିଲା ସରଳା । ଅକ୍ଷର ଗୁଡ଼ିକ ପ୍ରତି ତାର କିପରି ମମତା ଯେପରି ଆସିଗଲା । ଖାମଟିକୁ ଛାତି ଭିତରେ ଯାକି ଧରିବାକୁ ଇଚ୍ଛା ହେଉଥିଲା । ଏ ଅକ୍ଷର ଯେପରି ଗଢ଼ା ଗଢ଼ା ପରି ମନେ ହେଉଥିଲା ସରଳାର । ଖାମ ଭିତରୁ ଯେପରି ନବେଶର ହସ ହସ ମୁହଁଟି ଦେଖାଯାଉଥିଲା ତାକୁ ।

ଚମକି ଉଠିଲା ସରଳା ।

ଏଏ ପୁଣି କଣ ? ନରେଶ କଥା ଆଉ ଭାବିବନି ବୋଲି ମନେ ମନେ ସ୍ଥିର କରିଥିଲା ସେ ।

ପୁଣି କାହିଁକି ତା କଥା ମନେପଡ଼ୁଛି ? ଅପରିଚିତ ଜଣେ ଯୁବକ ଚିଠି ଦେଇ ଯାଇଛି—ବେକାର ସେ । ଚାକିରି ଖଣ୍ଡେ ପାଇବା ପାଇଁ କେତେ ଆଶା କରିଛି । ତା ଚିଠି ଖଣ୍ଡିକ ସରଳା ହାତରେ । ସେହି ଚିଠିଟି ହାତରେ ଧରି ପୁଣି ନରେଶ କଥା କାହିଁକି ସେ ଭାବୁଛି ?

ଏ ଚିଠି ସାଙ୍ଗରେ ନରେଶର ବା କି ସମ୍ପର୍କ ରହିଛି ?

ଛି' ଆଉ ଏପରି ସେ କେବେ ହେଲେ ଭାବିବନି ।

ଦୁଆର କବାଟ ବନ୍ଦ କରି ଘର ଭିତରକୁ ଗଳିଗଲା ସରଳା । ଅଶୋକର ଟେବୁଲ ଉପରେ ଚିଠି ଖଣ୍ଡିକ ଥୋଇ ଦେଇ ଘର କାମରେ ମନ ଲଗାଇଲା ସେ ।

ଅଧଘଣ୍ଟା ପରେ ଅଶୋକ ଫେରି ଆସିଲା ଘରକୁ । ସରଳା ଦେଖିଲା—ଅଶୋକ ସାଙ୍ଗରେ ସେହି ଯୁବକଟି ପୁଣି ଫେରି ଆସିଛି । ଅଜଣା ଆଶଙ୍କାରେ ଛାତି ତାର ଥରି ଉଠିଲା—

ଅଶୋକ କହିଲା—

"ଶୀଘ୍ର ଦୁଇ କପ୍ ଚା'ର ବ୍ୟବସ୍ଥା କର—"

ଅଶୋକ ଶିବପ୍ରସାଦକୁ ସଙ୍ଗରେ ଧରି ବୈଠକଖାନା ଭିତରକୁ ଗଲା । ନିଜେ ଚୌକିରେ ବସି ଶିବପ୍ରସାଦକୁ ବସିବାକୁ କହିଲା । ଅଶୋକ ଦେଖିଲା ଟେବୁଲ ଉପରେ ଖଣ୍ଡେ ଚିଠି ଥୁଆ ହୋଇଛି । କହିଲା ସେ—

"ଏଇ ଚିଠି ତମେ ଦେଇଛ ?

"ଆଜ୍ଞା ହଁ !"

ସତ୍ୟେଶ ଚିଠି ଖୋଲି ପଢ଼ିଲା । ଗୃହକର୍ତ୍ତ୍ର ପାଇଁ ନିବେଦନ ଭେତେ ଭାକୁତି ମିନତି ।

ସତ୍ୟେଶ କହିଲା—

"ଦରଖାସ୍ତ କରିବାରେ କ'ଣ ଦରକାର ଥିଲା ? ଏଣ୍ଟ ପୂର୍ବରୁ ତ ଥରେ ଆସି ଗୃହକର୍ତ୍ତ୍ର ପାଇଁ କହି ଯାଇଥିଲି—ମିସ୍ ଦାସ ଗୁପ୍ତାଙ୍କ ପାଖରେ । ସେ ମୋର ଅତି ନିଜର । ଆ ଭିତରେ କିଛି ଭେଦ ବିଚାର ନାହିଁ । ସେହି ହିସାବରେ ତମକୁ ମଧ୍ୟ ନିଜର ମନେ କରେ । କାଲିଠୁ ଅଫିସକୁ ଆସ ।"

ଶିବପ୍ରସାଦରେ ମନ ଆନନ୍ଦରେ ଭରି ଉଠିଲା । କ'ଣ କହି ସତ୍ୟେଶକୁ ଧନ୍ୟବାଦ ଜଣାଇବ ଭାଷା ଖୋଜି ପାଇଲାନି ସେ

ସତ୍ୟେଶ ଲକ୍ଷ୍ୟ କରି ଶିବପ୍ରସାଦର ମୁହଁର ଭାବ ଦେଖୁଥିଲା ମୃଦୁହସି କହିଲା ସେ—

"ଏପରି ଭାବିବା ସୁନ୍ଦର ନୁହେଁ ଶିବପ୍ରସାଦ । ତମେ ଭାବୁଥିବ ଗୃହକର୍ତ୍ତ୍ର ଖଞ୍ଜେ ଦେଲି ବୋଲି ମୋ ଠାରେ କୃତଜ୍ଞତା ପ୍ରକାଶ କରିବ ! ଏହା ଭୁଲ—ସମ୍ପୂର୍ଣ୍ଣ ଭୁଲ ଧାରଣା ଇଏ··· । ତୁମେ ମୋ ସ୍ନେହ ଭାଇ ପରି । ଆଜିଠୁ ମୋ ପାଖରେ ତମର କିଛିକଥା ଗୋପନ କରିବନି । ତୁମେ ମୋର ଅନ୍ତରଙ୍ଗ ପରି ରହିବ । ଏତେ ବଡ଼ ଦୁନିଆ ଭିତରେ ମୁଁ ଏକା ସାଥୀଟିଏ ପାଇଲି ।

ସତ୍ୟେଶର ଆଖି ଛଳ ଛଳ ହୋଇ ଆସିଲା । ଶିବପ୍ରସାଦ ଭାବୁଥିଲା—

ଇଏ କଣ କହୁଛନ୍ତି ସତ୍ୟେଶ ବାବୁ ? ଘରେ ସ୍ତ୍ରୀ-ପୁଅ ଅଛନ୍ତି । ଅଗାଧ ସମ୍ପତ୍ତିର ମାଲିକ । ତଥାପି ନିଜକୁ ଏକା ବୋଲି କାହିଁକି ଭାବୁଛନ୍ତି ସେ ?

ଶିବପ୍ରସାଦ ମନରେ କେତେ କଥା — କେତେ ଭାବନା, ଅଜାଣ ଯାଗାର କେତେଜଣ ଚିନ୍ତା କରୁ ଯାଉଛି ସେ ? ।

ସରଳା ଚା' ଦୁଇ କପ୍ ଆଣି ଟେବୁଲ ଉପରେ ଥୋଇଲା । ସତ୍ୟେକ ନିଜେ ଗୋଟିଏ କପ୍ ନେଇ ଅନ୍ୟ କପ୍‌ଟି ଶିବପ୍ରସାଦ ଆଡ଼କୁ ଦେଇ କହିଲା —

"ଚା' ପିଇଦିଅ । ଟିକମ ରୋଡ଼ ଆମର ଭଲ ଚା' ତିଆର କରେ । କପେ ପିଇଲେ ଆଉ କପେ ପିଇବାକୁ ଇଚ୍ଛା ହେବ ।"

ଲାଜରେ ସରଳାର ମୁହଁ ନାଲି ପଡ଼ି ଆସିଲା । ଧୀର ପଦ-କ୍ଷେପରେ ସେଠୁ ସେ ଚାଲିଗଲା ଅନ୍ୟ ଘରକୁ ।

ଶିବପ୍ରସାଦ ଲକ୍ଷ୍ୟ କରି ଅନର୍ଜ୍ଜ ଥିଲା ସରଳାର ଚାଲିଯିବା ବାଟକୁ । ମନରେ ଭାବ ଶିହରଣ, ଚାହାଣୀରେ ଥିଲା ଅପୂର୍ବ ପ୍ରଶ୍ନବାଚୀ —

କିଛି ସମୟ ଶିବପ୍ରସାଦ ଓ ସତ୍ୟେକ ବସି ନାନା ଆଲୋ-ଚନାରେ ବ୍ୟସ୍ତ ରହିଲେ । ସତ୍ୟେକ ନିଜ ଜୀବନର କାହାଣୀ ଶୁଣାଇଲା ଶିବପ୍ରସାଦକୁ, ଆଉ ଶିବପ୍ରସାଦ ବ ଶୁଣାଇଲା ସତ୍ୟେକକୁ ନିଜ ଜୀବନର କାହାଣୀ ।

ଦୁହେଁଦୁହିଁଙ୍କ କଥାରେ ଠକେଇବାକୁ ଲାଗିଲେ । ପ୍ରତ୍ୟେକଙ୍କର ଜୀବନ ଇତିହାସରେ ବେଖାପ ଥିଲାପରି ଜଣା ପଡୁଥିଲା । ବୁଝୁଥିଲା ସତ୍ୟେକ ଆଉ ବୁଝୁଥିଲା ଶିବପ୍ରସାଦ ।

ଦୁହେଁ ଦୁହିଁଙ୍କୁ ମନଗଢ଼ା କଥା କହୁଥିଲେ ବ ତଥାପି ଦୁହେଁ ଦୁହିଁଙ୍କ କଥାରେ ଆନନ୍ଦ ପାଉଥିଲେ ।

ଅନ୍ତର ତଳ ଦୁହିଁଙ୍କର ବିଚ୍ଛେଦ ବେଦନାରେ ସ୍ପନ୍ଦିତ ହଉ-ଥିଲା । ଖୋଲା ମନରେ କଥା କହିବାକୁ ଇଚ୍ଛା କରୁଥିଲେ ବ

କେହି ତାହାରିକୁ କହୁ ନଥିଲେ । ଉପରି ସଂକୋଚବୋଧ ହେଉଥିଲା ସେମାନଙ୍କ ମନରେ ।

କିଛି ସମୟ ପରେ ସନ୍ତୋଷ କହିଲା —

"ଅଚ୍ଛା ଶିବପ୍ରସାଦ ବାବୁ ! ମିସ୍ ଦାସଗୁପ୍ତା କିଏ ?"

"ଆପଣଙ୍କର କେହି ପରିଚିତା ହୋଇଥିବ । ତାଙ୍କ ବିଷୟରେ ମୁଁ ବିଶେଷ କିଛି ଜାଣେନି ।"

"ଏ କିପରି କଥା ? ତାଙ୍କ ପାଖରେ ଅଛ, ଖୁବ୍ ବିଶ୍ୱାସୀ ବୋଲି ତମର କେତେ ପ୍ରଶଂସା ସେ କରନ୍ତି ।"

"ଯାହା ଶୁଣିଛନ୍ତି ସତ । କିନ୍ତୁ ମୁଁ ସେଠାରେ ଅଛି । ମିସ୍ ଦାସଗୁପ୍ତା ଠିକ୍ ଭାଇ ପରି ମୋତେ ସ୍ନେହ କରେ । ବେକାର ଭାବେ ବସି ତା'ର ଅନ୍ନ ଧ୍ୱଂସ କରିବା ମୋ ପକ୍ଷରେ କିପରି ଅଡୁଆ ଅଡୁଆ ଲାଗୁଚି ।"

"ଅଚ୍ଛା ତୁମକୁ ଏଠାରେ ଚାକିରି ମିଳିଗଲେ ତମେ କ'ଣ ମିସ୍ ଦାସଗୁପ୍ତା ପାଖରେ ଆଉ ରହିବନି ?"

"ନିଜ ରୋଜଗାରରେ ନିଜେ ଚଳିବି । ସେଥିରେ ଯେପରି ଆନନ୍ଦ ଅଛି, ଅପର ଉପରେ ବୋଝହୋଇ ବସିବା କ'ଣ ଆନନ୍ଦ ମିଳିବ ?"

"ସେକଥା ବୁଝିଲି ଯେ, ତେବେ ତୁମେ ଚାକିରି ପାଇ ସାରିଲା ପରେ କ'ଣ ମିସ୍ ଦାସଗୁପ୍ତା ପାଖରେ ରହିବ ?"

"ମୋର ଇଚ୍ଛା, ଛୋଟ ଘର ଖଣ୍ଡେ ଭଡ଼ା ନେଇ ରହିବି । ନିରୋଳାରେ ଖୁବ୍ ଶାନ୍ତି ପାଇବି । ଗୋଳମାଳିଆ ଭିତରେ ରହିବାକୁ ମୋତେ ଆଦୌ ଭଲ ଲାଗେନି ।"

ସନ୍ତୋଷ ଏକ ଲୟରେ ଶିବପ୍ରସାଦର ମୁହଁକୁ ଲକ୍ଷ୍ୟ କରୁଥିଲା, ଆଉ ମନେ ମନେ ଭାବୁଥିଲା ଯେ — ଏ ଯୁବକ ଅନ୍ତର ଭିତରେ

ଏକ ଗୋପନ ଉଚ୍ଛ୍ୱାସ ଲୁଚି ରହିଲା ପରି ଯେପରି ମନେ ହେଉଛି, ବଡ଼ ଆଘାତ ପାଇଲା ପରି ଜଣା ଯାଉଛି ଦେହ ମନରୁ ।

ଦରଦୀ ସିନା ଦରଦାର ବେଦନା ବୁଝିବ ?

ସରୋଜ ମନରେ ଯେଉଁ ଝଡ଼ ଅହରହ ବୋହି ଚାଲିଛି, ଶିବ-ପ୍ରସାଦ ମନରେ ବି ସେହି ଝଡ଼ — ସେହି ତୋଫାନ ।

କିଛି ସମୟ ଦୁଇଜଣଙ୍କ ଭିତରେ ନାନା ସୁଖଦୁଃଖ ଆଲୋଚନା ଚାଲିଲା । ଦୁଇଟି ଅନ୍ତର ଏକ ହେବାକୁ ପରସ୍ପର ଇଚ୍ଛା କରୁଥିଲେ ବି କେହି କାହାକୁ ଆପଣାର କରି ପାରୁନଥିଲେ ।

ଶିବପ୍ରସାଦ ଧୀର ଗଳାରେ କହିଲା —

“ଆଜି ଆଲୋଚନା ଏତିକିରୁ ଥାଉ । ଅନେକ ସମୟ ହେଲାଣି, ମୁଁ ଯାଉଛି ।”

ମୃଦୁ ହସି ହସି ସରୋଜ କହିଲା —

“ଆରେ ! ଯିବତ ଏପରି ତରତର କାହିଁକି ? ଆଜି ତମକୁ ପାଇ ମୁଁ ଭାରି ଖୁସି । ସେଦିନ ତମେ ଆସିଥିଲ, ତମକୁ ଉପେକ୍ଷା କରି ଦେଇଥିଲି । ଆଜି ତମ ସାଙ୍ଗରେ କଥା ହୋଇ ଜାଣିଲି, ମୋପରି ତମେ ବି —”

ଆଗକୁ ଆଉ କିଛି କହି ପାରିଲାନି ସରୋଜ । କିପରି ଗୋଟିଏ ସଙ୍କୋଚ ବୋଧ କରୁଥିଲା ମନେ ମନେ ।

ଶିବପ୍ରସାଦ ଭଲ ଭାବେ ବୁଝି ପାରୁଥିଲେ ବି ମୁହଁ ଖୋଲି ଅଧିକା କିଛି ସରୋଜଙ୍କୁ ପଚାରି, ତାଙ୍କୁ ଓ ତାର ଅନ୍ତର କଥା ଜାଣିବାକୁ ଇଚ୍ଛା କରୁ ନଥିଲା । ସେ ଭଲ ଭାବେ ଜାଣି ପାରୁଥିଲା, ବନ୍ଧୁ ହିସାବରେ ସରୋଜ ଯେତେବେଳେ ତାକୁ ଗ୍ରହଣ କରି ସାରିଲାଣି ନିଶ୍ଚୟ ଦିନେ ନା ଦିନେ ମନକଥା ଉଭୟଙ୍କର ପଦାରେ ପଡ଼ିଯିବ ।

୯୩ — ହାଉଡ଼ାଉ

ଦୀର୍ଘ ନିଶ୍ୱାସ ପକାଇ ସରୋଜ କହିଲା —

"ଶିବ ! ଯାହା କହିବାକୁ ପ୍ରାଣ ଚାହୁଁଛି ତାହା ଭାଷାରେ ପ୍ରକାଶ କରି ହେଉନି । ଯାହା କହିବାର ନୁହେଁ ତାହା ପ୍ରକାଶ କରୁଛି ।"

ଶିବପ୍ରସାଦ ମନରେ ଦୟା ଆସିଲା ସରୋଜର ଅବସ୍ଥା ଦେଖି । ସେ ନିଜେ ଅସହାୟ । ଧନରେ ମନରେ ସେ ସରୋଜର ସମକକ୍ଷ ହୋଇ ପାରିବନି । ସେଇଥି ପାଇଁ ସେ ଆଜି ବେକାର ହୋଇ ସରୋଜ ପାଖକୁ ଆସିଛି । କିନ୍ତୁ ସରୋଜର ଆନ୍ତରିକତାରେ ତାର ସବୁ କଥା କିପରି ଗୋଳମାଳ ହୋଇ ଯାଉଛି । ସରୋଜକୁ ଆତ୍ମୀୟ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ଥିଲେ ବି ସାହସ କରି କିଛି କହି ପାରୁନି ସେ ।

କିପରି ବା କହିବ ସରୋଜ ତାର ବନ୍ଧୁ ବୋଲି ?

ଏଠି ମାଲିକ ଆଉ କର୍ମଚାରୀର ସମ୍ପର୍କ । ତାକୁ ସେଇ ହିସାବରେ ଚଳିବାକୁ ହେବ ।

ଶିବପ୍ରସାଦର ନୀରବତା ଲକ୍ଷ୍ୟ କରି ସରୋଜ କରୁଣ ଦୃଷ୍ଟିରେ ଅନାଇଁ କହିଲା —

"ଗୋଟିଏ ଅନୁରୋଧ କରିବି ଶୁଣିବ ?"

"କ'ଣ କୁହ ।"

"ଆଜି ଆମର ଏଠି ନିମନ୍ତ୍ରଣ ରହିଲା । ମୁଁ ଘରେ ଖୋଷେଇ କରିବାକୁ କହୁଛି । ଯଦି କିଛି ମନେ ନକର—"

ସଙ୍କୋଚ ହୋଇ ଶିବପ୍ରସାଦ କହିଲା—

"ଇଏ କ'ଣ କହୁଛନ୍ତି ସରୋଜ ବାବୁ ?"

"ଏଥିରେ ଆଶ୍ଚର୍ଯ୍ୟ ହେବା କି ସଙ୍କୋଚ କରିବାର କିଛି ନାହିଁ । ମୁଁ ମାଲିକ ନୁହେଁ କି ତମେ କର୍ମଚାରୀ ନୁହଁ । ଆମର ବନ୍ଧୁତାର ସମ୍ପର୍କ । ଦରଦୀ ଠିକ୍ ଦରଦୀକୁ ଚହ୍ନେ ।"

ଶିବପ୍ରସାଦ କିଛି କହି ପାରିଲାନି । ସନ୍ତୋଷଙ୍କର ସରଳ ମନ ମୁଖରେ ମୁଣ୍ଡ ତାର ନଇଁ ଆସିଲା ।

ହଠାତ୍ ଟେଲିଫୋନର ଘଣ୍ଟା ବାଜି ଉଠିଲା । ସନ୍ତୋଷ ଉଠି-ଯାଇ ରିସିଭର ଧରିଲା ।

"କିଏ ? ମୁଁ ସନ୍ତୋଷ କଥା କହୁଛି ।"

"..............."

"ବିଶେଷ ବିଳମ୍ବ ନହେଲେ ଭଉିମାନ ଯାଇପାରେ ।"

"..............."

"ଭଉିମାନ ବାହାରିଲି ।"

ରିସିଭର ଥୋଇଦେଲା ସନ୍ତୋଷ । ଶିବପ୍ରସାଦ ପାଖକୁ ଆସି ଧୀର ଗଳାରେ କହିଲା ସେ—

"ଏଇଠି ବସିଥାଅ । ଟେବୁଲ ଉପରେ ପତ୍ର ପତ୍ରିକା ଥୁଆ ହୋଇଛି ପଢୁଥାଅ ମୁଁ ଅଧଘଣ୍ଟା ଭିତରେ ଆସୁଛି । ମନେ କିଛି କରନି । ଜରୁରୀ କାମରେ ଯାଉଛି ।"

କହିବା ସଙ୍ଗେ ସଙ୍ଗେ ସନ୍ତୋଷ ଚାଲିଗଲା । ଶିବପ୍ରସାଦ ବସି ରହିଲା ଏକା ।

ଅଧଘଣ୍ଟା କଟିଲା । ତଥାପି ସନ୍ତୋଷର ଦେଖା ନାହିଁ । ଟେବୁଲ ଉପରେ ଖଣ୍ଡିଏ ମାସିକ ପତ୍ରିକା ଥୁଆ ହୋଇଛି । ଉଠାଇ ଆଣି ପୃଷ୍ଠା ଓଲଟାଇବାକୁ ଲାଗିଲା ସେ—

ଝିଅମକୁ କୋଳରେ ଧରି ଧୀର ପଦକ୍ଷେପରେ ଘର ଭିତରକୁ ପଶି ଆସୁଥିଲା ସରଳା । ସନ୍ତୋଷ ନାହିଁ । ଦେଖିଲା ଶିବପ୍ରସାଦ ଏକା ବସିଛି ।

ଦୁଆର ମୁହଁରେ ଠିଆ ହୋଇଛି ସରଳା । ଘର ଭିତରକୁ ଆସିବାକୁ ସାହାସ କଲାନି । ସେଇଠି ତାର ପାଦ ଅଟକି ରହିଲା ।

ମନେ ମନେ ଭାବୁଥିଲା ସେ—

ଏ ଯୁବକ ଜଣକ କିଏ ? ଯେତେ ଥର ଯାଙ୍କୁ ଦେଖୁଛି ତା ରହୁ ଅନ୍ତର ତନ୍ତ୍ରୀ କେତେ ସାଇତା ସ୍ମୃତି ଚେଇଁ ଉଠୁଛି । ପରିଚ ଜାଣିବାରେ ଯିବ କ'ଣ ?

ଘରେ ସରୋଜ ନାହିଁ । ଅପରିଚିତ ଜଣେ ଯୁବକ ସାଙ୍ଗେ କଥା କହିବା କଣ ଠିକ ହେବ ?

ପ୍ଲାଷ୍ଟିକର ଗୋଟିଏ କଣ୍ଟେନର ଧରିଥିଲା ଟିକମ । ହାତରୁ ଖ ପଡ଼ିଲା । କାନ୍ଦି ଉଠିଲା ସେ—

କଅଁଳ ପିଲାଟିର କାନ୍ଦଣା ଶୁଣି ଚମକି ଉଠିଲା ଶିବପ୍ରସାଦ ଦୁଆର ଅଡ଼କୁ ଅନାଇଁ ଦେଖିଲା—ସ୍ତ୍ରୀ ଲୋକଟିଏ ଠିଆ ହୋଇଛି ଚିହ୍ନିପାରି କହିଲା ସେ ।

"ଆଜ୍ଞା ଆପଣଙ୍କ ଘରେ କୁଣିଆ । ସରୋଜ ବାବୁ ଅଟକେଇ-ଛନ୍ତି । ବାଧ୍ୟ ହୋଇ ରହିବାକୁ ପଡ଼ିଲା ।"

ଲାଜ ଲାଜ ହୋଇ ସରଳା କହିଲା—

"ଆପଣ ଆଜି ଆମ ଘରେ ଖାଇବେ । ଏ ଆମର ସୌଭାଗ୍ୟ ।"

ଅପରିଚିତ ଲୋକଟି ଆଡେ ଟିକମ ଅନାଇଁ ରହୁଛି । କାନ୍ଦଣା ତାର ବନ୍ଦ ହୋଇଗଲାଣି । କଣ୍ଟେନର କଥା ଆଉ ତାର ମନେନାହିଁ ଶିବପ୍ରସାଦ ମୁହଁକୁ ଅନାଇଁ ଆନନ୍ଦରେ କୁରୁଳି ଉଠୁଥିଲା ସେ ତା କୋଳକୁ ଯିବା ପାଇଁ କଅଁଳ ହାତ ଦୁଇଟି ବାରମ୍ବାର ବଢ଼ାଉଥିଲା ଶିବ ପ୍ରସାଦ ଆଡ଼କୁ ।

ଶିଶୁଟିକୁ ଦେଖି ଶିବପ୍ରସାଦ ମନରେ ଆନନ୍ଦର ଲହରି ଖେଳିଗଲା । କୋଳକୁ ନେଇ ତାର କଅଁଳ ଛନ ଛନ ଗାଲରେ ଗୋଟିଏ ଚୁମ୍ବନ ଆଙ୍କି ଦେବାକୁ ତାର ଭାରି ଇଚ୍ଛା ହେଲା । ସେ ଉଠି ଯାଇ ଶିଶୁଟିକୁ ନିଜ କୋଳକୁ ଘେନି ଆସିଲା ।

ଶିବପ୍ରସାଦ ଯାଇ ଯେତେବେଳେ ଟିକମକୁ ନିଜ କୋଳକୁ ଆଣିଲା—ସରଳା ପ୍ରତିବାଦ କଲାନି । ଶିବପ୍ରସାଦର ସ୍ପର୍ଶ ସ୍ପର୍ଶରେ ବାଜି ସରଳାର ଅନ୍ତର ଭିତରଟା କିପରି ଥରି ଉଠିଲା । ଏକ ଅପୂର୍ବ ମାଦକତାରେ ନାଚି ଉଠିଲା ତାର ତନୁ ମନ । ମୁଗ୍ଧ ଦୃଷ୍ଟିରେ ସେ ଥରେ ଟିକମକୁ ଓ ଥରେ ଶିବପ୍ରସାଦ ମୁହଁକୁ ଅନାଇଁ ଥାଏ ।

ଚୁମ୍ବକ ଟାଣିଲା ପରି ସରଳାର ମନ ଆପେ ଆପେ ଟାଣି ହୋଇଗଲା ଶିବପ୍ରସାଦ ଆଡ଼କୁ । ଅତି ଆପଣାର ପରି ମନେ ହେଉଥିଲା ସରଳା ଶିବପ୍ରସାଦକୁ ।

ଟିକମକୁ ଶିବପ୍ରସାଦ କୋଳରେ ବସାଇଛି । କଅଁଳ ଗାଲରେ ଚୁମ୍ବନ ଦେଉଛି ଅତି ସ୍ନେହରେ ।

ସରଳାର ମନ ଉଚ୍ଛୁଳି ଉଠୁଛି ଏପରି ଦୃଶ୍ୟରେ । ପାଖରେ ବସି- ... ସୁଖିବେଳେ କଥା କହିବାକୁ ଯେପରି ଇଚ୍ଛା ହେଉଛି ତାର ।

କିନ୍ତୁ ସାହସ କରି ଯାଇ ପାରୁନି ସରଳା । ମନରେ କେତେତ ... କେତେ ଆଶଂକା ।

ଶିବପ୍ରସାଦ ଟିକମକୁ ଗେଲ କରି କହୁଛି —

"କହିଲୁ, ବାପା ।"

ଟିକମ କୁହୁଳି ଉଠି କହିଲା—

"ବାଆ —"

ଆନନ୍ଦରେ ଅଧୀର ହୋଇ ଉଠିଲା ଶିବପ୍ରସାଦର ମନ । ସରଳାକୁ ଅନାଇଁ କହିଲା ସେ —

"ପୁଅଟି ଆପଣଙ୍କର ବେଶ୍ ଭାଗ୍ୟବାନ ହେବ ।"

ଏପରି କଥାରେ ସରଳାର ମୁହଁ ନାଲି ପଡ଼ିଗଲା । ଲାଜରେ ନତ ଯାଇ ମୁହଁ ବୁଲେଇ ଠିଆ ହୋଇ ରହିଲା ସେ ।

ମନ ଗୁହ୍ଁଥିଲା ପାଖକୁ ଯାଇ ବସନ୍ତା । ହୃଦୟ ଭିତରେ ସାଇତି ରଖିଥିବା କେତେ ଦିନର କଥା କହନ୍ତା କିନ୍ତୁ ବିବେକ ଦାଉ ସାଧୁଛି । ଗୋଡ ଦଟା ଆଗେଇବାକୁ ଇଚ୍ଛା କରୁଥିଲେ ବି ଅଜଣା ଆଶଙ୍କାରେ ଅଟକି ଯାଉଛି ।

କାହିଁକି ଏପରି ହେଉଛି ସରଳାର ମନ ଝିଣ୍ଡ୍ରିକି ? କିଏ ଏଇ ଅପରିଚିତ ଯୁବକ ଜଣକ ?

ଟିଙ୍କମର ଟିକି ହାତଟି ଶିବପ୍ରସାଦର କମିଜ ପାକେଟ୍ ଭିତରେ । ସରଳା ମୁଗ୍ଧ ଦୃଷ୍ଟିରେ ସେଆଡ଼କୁ ଅନାଇଁ ଦେଖୁଛି । ଟିଙ୍କମ ଝିଙ୍କେ ପାକେଟ ବହି ବାହାର କରି ଦେଖିଲା—ଶିବପ୍ରସାଦର ଫ୍ଲଟ ପକେଟ ଭିତରୁ ।

ବାହାରେ ଆସିବାର ପାଦ ଶବ୍ଦ ଶୁଣାଗଲା । ଚମକି ଉଠିଲା ସରଳା । ସଶୋକ ଫେରି ଅସୁଛି । ଅନ୍ୟ ଘରକୁ ପଳାଇ ଗଲା ସେ ।

ସଶୋକ ଫେରି ଅସିଲା ଠିକ୍ ଘଣ୍ଟାଏ ପରେ । ଘର ଭିତରକୁ ପଶି ଅସି ହସ ହସ ମୁହଁରେ କହିଲା—

“ଅଧ ଘଣ୍ଟାକୁ କହି ଘଣ୍ଟାଏ ବିଳମ୍ବ ହୋଇ ଗଲା । କିଛି ମନେ କରିବନି ଶିବପ୍ରସାଦ ।”

“ନାଇଁ ଆଜ୍ଞା ଏଥିରେ ମନେ କରିବାର କଣ ଅଛି ? ସମୟ କଟେଇବା ପାଇଁ ଆପଣଙ୍କର ପୁଅ ଯେ ମତେ ବେଶ୍ ସାହାଯ୍ୟ କରୁଛି ।”

“ହାଉଁ ଲା ପଡ଼ିଲା ସଶୋକ । ଜଣିବା ଆଉସେ ଉତ୍ତର ଦେବ ? ପିଲାଳିଆ ହସ ଟିକିଏ ଅଧର ଫାଙ୍କରୁ ଟାଣି ଦେଇ ଟିଙ୍କମକୁ ନିଜ କୋଳକୁ ଟାଣି ନେଲା ସେ ।

ଟିକମ ପିବାକୁ ଖୋଜୁଥିଲା । ଶିବପ୍ରସାଦ କୋଳ ତାକୁ ବେଶ୍ ଆରାମ ଲାଗୁଥିଲା ପରି ଜଣା ପଡୁଥିଲା । ସର୍ବେଶ ଏକରକମ ନିଜ କୋଳକୁ ଉଠାଇ ନେଲା ଟିକମକୁ ।

ଟିକମ ହାତରୁ ପକେଟ ଖାତା ଖଣ୍ଡିକ ତଳେ ଖସିପଡିଲା । ସେହି ଖାତା ଭିତରେ କେତେ ଗୁଡ଼ାଏ ଛୋଟ ଛୋଟ କାଗଜ ଥିଲା ଟୋଠା ରଉଅଧି ଖଣ୍ଡି ହୋଇ ଗଲା ।

ସର୍ବେଶ ଟିକମକୁ ତଳେ ଠିଆକରି ପକେଟ ଖାତା ଉଠାଇ ଆଣି କହିଲା —

"ଏ ଖାତାଟି ବୋଧେ ତମର ଶିବପ୍ରସାଦ ! ଛୋଟ ଛୋଟ କାଗଜ ଗୁଡ଼ିକ ଖଣ୍ଡି ହୋଇ ଗଲା ।"

ଶିବପ୍ରସାଦ ଖାତାଟି ସର୍ବେଶଙ୍କର ହାତରୁ ନେଲା । ଛୋଟ ଛୋଟ କାଗଜ ଗୁଡ଼ିକ ସର୍ବେଶ ଗୋଟାଇ ଶିବପ୍ରସାଦ ହାତକୁ ବଢାଉ ଥିଲା । ହଠାତ୍ ସର୍ବେଶଙ୍କର ନଜର ପଡ଼ିଲା ଗୋଟିଏ ଛୋଟ ଫଟୋ ଉପରେ । ନିରେଖଣି ଭଳି ଅନାଇଁଲା । ଫଟୋଟି କାହାର ଚିହ୍ନା ଚିହ୍ନା ପରି ମନେ ହେଉଛି । ଶୀଘ୍ର ଲୁଚେଇ ରଖିଲା ନିଜ ପକେଟ ଭିତରେ ।

ଚାକର ଆସି କହିଲା —

"ଭାତ ବଢ଼ା ହେଲାଣି ଆଜ୍ଞା ! ଖାଇବେ ଆସନ୍ତୁ ।

ସର୍ବେଶ କହିଲା—

"ଏଥର ଚାଲ ଶିବପ୍ରସାଦ ଖାଇବା ।"

ସର୍ବେଶ ଆଗେ ଆଗେ ଚାଲିଲା । ଟିକମକୁ କୋଳରେ ଧରି ଶିବପ୍ରସାଦ ପଛେ ପଛେ ଆସିଲା ଖେଉଟେଇ ଘର ଆଡ଼କୁ ।

× × × ×

ସର୍ବେଶ ଏକାନ୍ତରେ ବସି ଭାବୁ ଥିଲା ?

ପ୍ରେମ ଖୋଜିଲେ ମିଳେନି — ପ୍ରେମ ହୋଇଯାଏ । ସେଥିପାଇଁ ତ ଜୀବନରେ ଆସିଥିଲା — ମନ ପ୍ରାଣ ଦେଇ ସେ ବୀଣାକୁ ଭଲ ପାଇଥିଲା । ବୀଣାର ବିଚ୍ଛେଦ ସେ ସହିପାରୁନି । ସ୍ତ ଦିନ ସେ ଖାଲି ବୀଣାର କଥାହିଁ ଭାବୁଛି ।

କିନ୍ତୁ ମିସ୍ ଦାସଗୁପ୍ତାଙ୍କୁ ଉପେକ୍ଷା କରିବାର ନୁହେଁ । ସେ ସର୍ବେଶଙ୍କୁ ଭଲ ପାଇଛି । ସର୍ବେଶଙ୍କୁ ଛାଡ଼ି ଦଣ୍ଡେ ହେଲେ ସେ ରହି ପାରିବନି । ସର୍ବେଶଙ୍କ ହିଁ ତାର ସବୁ ।

ତେବେ କଣ ବୀଣାକୁ ଭୁଲିଯାଇ ମିସ୍ ଦାସଗୁପ୍ତାଙ୍କୁ ପତ୍ନୀରୂପେ ଗ୍ରହଣ କରିବ ସର୍ବେଶ ? କିନ୍ତୁ........

କଲେଜର ପତା କଥା ମନେ ପଡ଼ିଲା ସର୍ବେଶଙ୍କର । ସେ କଥା ଭୁଲିବାର ନୁହେଁ । ଏ ଯାଏତ ସର୍ବେଶ ଭୁଲି ପାରିନି । ସେହି କଥାକୁ ଏକାକୀ ବସିଲା ବେଳେ ସେ ଭାବେ — ମନେ ମନେ ଆନନ୍ଦପାଏ ।

କଲେଜ ଜୀବନ — କେତେ ଆନନ୍ଦ ଥିଲା । ସ୍ତ ଦିନ ବାର ହୁଏନି ।

ସରସ୍ୱତୀ ପୂଜା ଉପଲକ୍ଷେ କଲେଜର ପ୍ରତ୍ୟେକ ଛାତ୍ର ଛାତ୍ରୀ ମିଳି ନାଟକର ଆୟୋଜନ କଲେ । କେଉଁ ବହି ଅଭିନୟ କଲେ ଭଲ ହେବ । ସେଥିପାଇଁ ପ୍ରତ୍ୟେକ ଛାତ୍ର ଆସି ସର୍ବେଶଙ୍କର ମତ ଲୋଡ଼ିଲେ । ସର୍ବେଶଙ୍କର ମତ ଅନୁସାରେ ବହି ସ୍ଥିର କରାଗଲା । "ମାନ ଭଂଜନ" ।

ଅଭିନୟକୁ ସୁନ୍ଦର କରିବା ପାଇଁ କଲେଜର ଛାତ୍ର ଛାତ୍ରୀ ମିଳି ଉଦ୍ୟମ ଚଳାଇଲେ । ପ୍ରତିଦିନ ରିହାର୍ସାଲ ଆରମ୍ଭ ହେଲା । ମୁଖ୍ୟ ଭୂମିକାରେ ସରୋଜ ଅଂଶ ଗ୍ରହଣ କଲା ।

କିନ୍ତୁ ମନମାନିଲା ଭଳି ହିରୋଇନ୍ଟିଏ ମିଳିଲା ନାହିଁ । କଲେଜର କୌଣସି ଛାତ୍ରୀ ସେ ଅଭିନୟ ପାଇଁ ଉପଯୁକ୍ତ ହୋଇ

ଉପେକ୍ଷିତ ହେଲେନି । ସମସ୍ତ ଗ୍ରହ ମଣ୍ଡଳରେ ଖେଳିଗଲା ଉତ୍ସାହ । ସରୋଜର ମୁହଁକୁ ସମସ୍ତେ ପ୍ରଶ୍ନବାଚୀ ଦୃଷ୍ଟିରେ ଅନାଇ ରହିଲେ ।

ମୁହଁରେ ଆନନ୍ଦର ହସ ଫୁଟାଇ ସରୋଜ କହିଲା—

“ହତାଶ ହେବାର ଏଥିରେ କିଛି ନାହିଁ । ସମସ୍ତେ ନିଜ ନିଜର ପାର୍ଟ ମୁଖସ୍ତ କର । ବହ୍ନାରସାଲ୍ ଯେପରି ହେଉଛି ସେହିପରି ଚାଲୁ ରଖ । ହିରୋଇନ୍ ପାଇଁ ଚିନ୍ତା କରନି । ସେ ଦାୟିତ୍ୱ ମୁଁ ନିଜେ ନେଲି । କିନ୍ତୁ ଗୋଟିଏ ସର୍ତ୍ତ ରହିବ । ସେହି ସର୍ତ୍ତରେ ଯଦି ସମସ୍ତେ ରାଜି ହେବ ତେବେ ମୁଁ ହିରୋଇନ୍ ଠିକ୍ କରି ଦେବି ।”

ସମସ୍ତ ଗ୍ରହ ଗ୍ରହୀମାନେ ଆନନ୍ଦରେ କୁହୁଳି ଉଠି କହିଲେ—

“ଯାହା କହିବ ଆମେ ସମସ୍ତେ ରାଜି ଅଛୁ । ବହି ଯେପରି ସୁନ୍ଦର ହୁଏ ।”

ସରୋଜ କହିଲା—

“ସର୍ତ୍ତ ହେଲା ଏହି—ହିରୋଇନ୍ ଏଠାକୁ ରିହାରସାଲ ଦେବାକୁ ଆସିବନି । ଯେଉଁଦିନ ଆମର ବହି ଅଭିନୟ ହେବ, ସେହି ଦିନ ସେ ମଂଚ ଉପରେ ଆସି ଅଭିନୟ କରିବ । ଏଥିରେ ସମସ୍ତଙ୍କର ବାଞ୍ଛିତ ?”

ଗ୍ରହମାନେ ସମସ୍ୱରରେ କହି ଉଠିଲେ—

“ହଁ, ଆମ ସମସ୍ତଙ୍କର ରାଜି ।”

ସେହି ଦିନ ଅତି ଆଗ୍ରହରେ ବୀଣାକୁ ଡାକି ସରୋଜ କହିଥିଲା—ମାନ ଭଞ୍ଜନ ବହିରେ ପ୍ରଧାନ ହିରୋଇନ୍ ଭୂମିକାରେ ଅଂଶ ଗ୍ରହଣ କରିବାକୁ ।

ବୀଣା ସରୋଜର କଥା ଏଡ଼ି ପାରିଲାନି । ଆନନ୍ଦରେ ସେ ମାନ ଭଞ୍ଜନ ବହିରେ ଅଭିନୟ କରିବାକୁ ରାଜି ହେଲା ।

ସରସ୍ୱତୀ ପୂଜା ଦିନ ଅଭିନୟ ପାଇଁ ବିପୁଳ ଆୟୋଜନ ଚାଲିଲା । ସାଜସଜ୍ଜା—ସିନ୍ ବନ୍ଧା, ବତୀ ଝଞ୍ଜାରେ ପେଣ୍ଡାଲ୍‌ଟି ସୁନ୍ଦର ଦେଖାଗଲା । ଦଳ ଦଳ ହୋଇ ଦର୍ଶକ ଆସି ଆସନରେ ବସିଲେ । ଆଉ ଅଧଘଣ୍ଟା ପରେ ଅଭିନୟ ଆରମ୍ଭ କରାଯିବ । ଛାତ୍ର ଛାତ୍ରୀମାନେ ଦର୍ଶକ ମଣ୍ଡଳୀ ଭିତରେ ବୁଲି ପ୍ରୋଗ୍ରାମ ବାଣ୍ଟିବାରେ ବ୍ୟସ୍ତ ।

ଅଭିନୟ ଆରମ୍ଭ ହେଲା । ଅଭିମାନିନୀ ବେଶରେ ବୀଣା ସଖୀମାନଙ୍କ ଗହଣରେ ବସିଛି । ବେକରେ ଫୁଲହାର—ଫୁଲର ଝୁଲ କାନରେ—ଦୁଇପଟ ଫୁଲର ବଳା ହାତକୁ ବେଶ୍ ମାନିଛି । ଗେରୁଆ ରଙ୍ଗର ବସ୍ତ୍ର ପିନ୍ଧି ସେ ଗୋଟିଏ ଋଷିକନ୍ୟା ପରି ଶୋଭା ବଢାଇଛି ।

ଦୂରରୁ ବଂଶୀର ନାଦ ଶୁଣି ପାରିଲା ଅଭିମାନିନୀ ବୀଣା । ଆତୁର ମନରେ ଉଠି ଦୌଡ଼ିଗଲା କିଛି ବାଟ । କିନ୍ତୁ ଦୂରକୁ ନ ଯାଇ ମୁହଁପୋତି ଠିଆ ହୋଇ ରହିଲା କୃଷ୍ଣଚୂଡ଼ା ଗଛ ମୂଳରେ ।

ସଖୀମାନେ ଉଠି ଆସି ବେଢି ଠିଆ ହୋଇଗଲେ ବୀଣାର ଚାରିପଟ ।

ଧୀର କଣ୍ଠରେ ଜଣେ ସଖୀ ବୀଣାର ଅଭିମାନଭରା ଗାଲକୁ ଟିକିଏ ଚିପି ଦେଇ ମୃଦୁ ହସରେ କହିଲା—

"ସଖୀ ରାଧା ! ଶୁଣି ପାରୁଛ ବଂଶୀ ସ୍ୱନ । ରାଧା-ରାଧା ସ୍ୱରରେ ବଂଶୀର ନାଦ କିପରି ମନକୁ ଉଚ୍ଚାଟ କରୁଛି ? ଯାଅ—ଠିଆ ହୋଇ ରହିଲ କାହିଁକି ?"

ସଖୀର କଥା ଶୁଣି ବୀଣା ଅଭିମାନରେ ମୁହଁ ବୁଲେଇ ଦେଲା ।

ଆଉ ଜଣେ ସଖୀ କହିଲା—

"ଏଣିକି ଖାଲି ଲୋକ ଦେଖାଣିଆ—ମନତ ଯାଇ ଶ୍ରୀକୃଷ୍ଣଙ୍କ ପାଖରେ । ଚାଲିଯିବ—ଏତେ ଅଭିମାନର ଛଟା କାହିଁକି ମ ?"

ସଖୀ ମାନେ ଖିଲ ଖିଲ ହସରେ ପେଣ୍ଡାଲ ଲଗାଇ ଦେଲେ । ବଂଶୀର ସ୍ୱର ନିକଟରୁ ନିକଟତର ହେଲା ।

ଦୂରକୁ ଲକ୍ଷ୍ୟ କରି ସଖୀମାନେ ସମସ୍ୱରରେ କହି ଉଠିଲେ—

“ତମେ ସିନା ଶ୍ରୀକୃଷ୍ଣଙ୍କ ପାଖକୁ ଗଲନି ରାଧେ ? ନିଜେ ଦଗା-ରେ ଅସିଲେଣି । ଏଥର ବୃଷ୍ଟାମଣି ହୁଅ—ଆମେ ଯାଉଚୁ ।”

ସଖୀମାନେ ବାଣୀକୁ କୃଷ୍ଣଚୂଡ଼ା ଗଛମୂଳେ ଏକା ଠିଆ କରାଇ ଚାଲିଗଲେ । ମନେ ମନେ ପ୍ରମାଦ ଗଣିଲା ରାଧା । ଗୋଟିଏ ସଖୀର ଦଶେନ୍ଦ୍ରକାନ୍ତ ଏଠାରେ ଠେଲିଲା ସେ । କିନ୍ତୁ ପାରିଲାନି । ଶ୍ରୀକୃଷ୍ଣଙ୍କର କୋମଳ ପରଶରେ ପ୍ରାଣଟା ତାର ଶିହରି ଉଠିଲା । ଶରୀର ଛାଡ଼ି ଦେଲା ସେ । ଖିଲ୍ ଖିଲ୍ ହସରେ ସଖୀମାନେ ଅନ୍ତର୍ଦ୍ଧାନ ହୋଇଗଲେ ।

ରହିଲେ ରାଧା ଆଉ ରହିଲେ ଶ୍ରୀକୃଷ୍ଣ ।

ରାଧା ବେଶରେ ବଂଶୀ ଆଉ ଶ୍ରୀକୃଷ୍ଣ ବେଶରେ ସରୋଜ ।

ଦର୍ଶକମଣ୍ଡଳୀ ଭିତରେ ଏପରି ରୂପ ଦେଖି ମୁଗ୍ଧ । ସଭିଙ୍କ ମନରେ ଆନନ୍ଦର କୋଳାହଳ ।

ଶ୍ରୀକୃଷ୍ଣଙ୍କୁ ଦେଖି ରାଧା ଅଭିମାନରେ ତଳକୁ ମୁହଁ ପୋତି ଠିଆ ହୋଇ ରହିଲା । ରାଧାର ଏପରି ଭାବରେ ଶ୍ରୀକୃଷ୍ଣ ମୁହଁରେ ମୃଦୁହସ ଫୁଟାଇ ଧୀର କଣ୍ଠରେ କହିଲେ—

କ’ଣ ଅଭିମାନ କରିଚ ଶ୍ରୀରାଧେ ?”

“.........................”

ରାଧା ତଥାପି ନିରବ । ମୁହଁରେ କଥା ନାହିଁ । ଆଖିରେ ଯେପରି ଫୁଲ ଫୁଟୁଚି ।

ମୁହଁରେ ମୃଦୁହସ ଫୁଟାଇ ଶ୍ରୀକୃଷ୍ଣ ଭରି ଦୁଆରେ ଭଲେ । ରାଧା ଦୂରକୁ ଘୁଞ୍ଚି ଯାଇ ମୁହଁ ବୁଲେଇ ଠିଆ ହେଲା । ଶ୍ରୀକୃଷ୍ଣ ରାଧାର

କାନ୍ଧରେ ହାତ ଥୋଇ ନିଜ ପାଖକୁ ଟାଣି ଆଣି ଧୀର ଓ କୋମଳ କଣ୍ଠରେ କହିଲେ—

"ଅଭିମାନ କରିଛ ରାଧେ ?"

"......................"

କିଛି କହିଲାନି ରାଧା । ତଳକୁ ମୁହଁ ପୋତି ଗୋଡ଼ ଆଙ୍ଗୁଠିରେ ଭୂଇଁ ଚିରିଲା ।

ଶ୍ରୀକୃଷ୍ଣ ରାଧାକୁ ନିଜ ଛାତି ଉପରକୁ ଆଉଜାଇ ଆଣିଲେ । ରାଧା ମୁହଁଟି ଗୁଞ୍ଜି ଦେଲା ଶ୍ରୀକୃଷ୍ଣଙ୍କର ଛାତିରେ—ଫୁଲି ଫୁଲି କାନ୍ଦି ଉଠିଲା ।

ଶ୍ରୀକୃଷ୍ଣ ରାଧାର ମୁଣ୍ଡକୁ ଆଉଁଷିଲେଇ ଦେଇ କହିଲେ—

"ଛି, କାନ୍ଦୁଛ ?"

ଅଭିମାନୀ ରାଧା କିଛି କହି ପାରିଲାନି । ଶ୍ରୀକୃଷ୍ଣଙ୍କର ଛାତିରେ ମୁହଁ ଗୁଞ୍ଜି ଖାଲି କାନ୍ଦିବାକୁ ଲାଗିଲା ସେ ।

ଶ୍ରୀକୃଷ୍ଣ ହାତରେ ରାଧାର ମୁହଁ ଟେକି ଧରିଲେ । ଅଧର ସାଙ୍ଗରେ ଅଧର ମିଳାଇ ଧୀର କଣ୍ଠରେ କହିଲେ—

"ଶ୍ରୀରାଧେ ! ତମର ଶ୍ରୀକୃଷ୍ଣ ତମର ରହିଛି । ଅନ୍ୟ କାର ନୁହେଁ ?"

ରାଧା ଅନେଇଲା ଶ୍ରୀକୃଷ୍ଣଙ୍କୁ । ଚାହାଣୀରେ ସେ କିଛି କହୁଥିଲା ଯେପରି—।

ସତ କହୁଛ ? ମୋ ବ୍ୟତୀତ ଅନ୍ୟ କୌଣସି ଯୁବତୀକୁ ତମର ଏହି ମୋହନ ବଂଶୀରେ ମୋହନା ?

ମୁହଁରେ ମୃଦୁ ହସ ଫୁଟାଇ ଶ୍ରୀକୃଷ୍ଣ ମୁଣ୍ଡ ହଲାଇ ମନା କଲେ ।

ସୁଧାର ମନ ପ୍ରାଣ ପୁଲକି ଉଠିଲା । ଅଧରରୁ ଗୋଲାପ ପାଖୁଡ଼ା ପଡ଼ିଲା । ହସ ଚହଟି ଉଠିଲା ମୁହଁରୁ ।

ଯୁଗଲ ଅଙ୍ଗରେ ସୁଧା କୃଷ୍ଣ ଠିଆ ହେଲେ । ସଖୀ ମାନେ ପାଶ ବେଢି ମିଳି ସଙ୍ଗୀତ ଗାଇଲେ ।

ସୁଧା—କୃଷ୍ଣଙ୍କ ମୁହଁରେ ଅପୂର୍ବ ହାସ୍ୟ ଛଟା ।

ପର୍ଦ୍ଦାପଡ଼ିଲା । କରତାଳି ଧ୍ୱନିରେ ପ୍ରେକ୍ଷାଳୟ ଉଚ୍ଛୁଳି ଉଠିଲା । ଙ୍କ ମୁହଁରେ ବାଣୀ ଆଉ ସରୋଜର ପ୍ରଶଂସା । ଅଭିନୟର ରଙ୍ଗ୍ ।

ସେହି ଦିନଠୁ ସରୋଜ ଆଉ ବାଣୀର ହେଲା ନୀବିଡ଼ ସମ୍ପର୍କ । ଭିନୟ ବାସ୍ତବରେ ପରିଣତ ହେଲା । ଜଣେ ଅନ୍ୟ ଜଣଙ୍କୁ ଦେଖିଲେ ପାଗଳ ପରି ହେଲେ ।

ସେହି ବାଣୀକୁ ହରାଇ ସରୋଜ ଆଜି ଏକା । ସରଳାକୁ ତ୍ନୀ ରୂପରେ ପାଇ ମଧ୍ୟ ପାଇ ପାରନି । ସରଳା ତା'ର ମନସ୍ତାପ ଦୟ ସରୋଜ ପାଖରେ ଖୋଲି କହୁଛି । ଏପରି ଅବସ୍ଥାରେ ସରୋଜ କ'ଣ ସରଳାର ହୋଇ ପାରିବ ?

କାହିଁକି ନହେବ ? ସ୍ୱାମୀ-ସ୍ତ୍ରୀ ରୂପେ ସିନା ସରଳା ସରୋଜର ନୁହେଁ । ଜଣେ ଭାଇ କ'ଣ ତା'ର ଭଉଣୀକୁ ଅଲଗା କରି ଦେଇପାରେ ?

କିନ୍ତୁ ଦୁନିଆତ ଜାଣେ ସରୋଜର ସ୍ତ୍ରୀ ସରଳା ବୋଲି ?

ଜାଣୁ, ଯାଉ କ'ଣ ? ଅନ୍ତରର ପବିତ୍ରତାକୁ ତ କେହି କଳଙ୍କ ଦେଇ ପାରିବନି ?

ଏମିତି କେତେ କ'ଣ ଭାବୁଚି ସରୋଜ । ହଠାତ୍ ଟେଲି-ଫୋନ ଘଣ୍ଟି ବାଜି ଉଠିଲା । ସରୋଜ ଉଠିଯାଇ ରିସିଭର ଉଠାଇଲା —

"ହାଲୋ......"

"..............."

"ହଁ, ମୁଁ ସରୋଜ୍ କଥା କହୁଚି ।"

"..............."

"ଆଜିରେ ବମ୍ବେ ଯିବାକୁ ହେବ ?"

"..............."

"ଅପେକ୍ଷା କର ମୁଁ ବର୍ତ୍ତମାନ ଆସୁଛି "

ସରୋଜ ସରଳାକୁ ଡାକି କହିଲା—

"ସର ! ଅଫିସରୁ ଫୋନ ଆସିଚି, ମୁଁ ଯାଉଚି । ହୁଏତ ଆଜି ସନ୍ଧ୍ୟାକୁ ମୁଁ ବମ୍ବେ ଯାଇପାରେ ।"

ସରୋଜ ଚାଲିଗଲା । ସରଳା ଘର ଦୁଆର ବନ୍ଦକରି ସରୋଜର ଶୋଇବା ଘରେ ଯାଇ ନୀରବରେ ବସି ମନକୁ ମନ ଚିନ୍ତା କରିବାକୁ ଲାଗିଲା ।

ଅପରିଚିତ ଯୁବକ ହେଲେ ବି ଶିବପ୍ରସାଦ ଯେପରି ତାର ଅତି ଆପଣାର ପରି ମନେ ହେଉଚି । ସବୁ ଲଜ୍ଜା ଦୂରକୁ ଫିଙ୍ଗି ରାତିଦିନ ବସି ତା ସାଙ୍ଗରେ ନାନା କଥାବାର୍ତ୍ତା କରି ସମୟ କଟାଇ ଦେବା ପାଇଁ ଇଚ୍ଛା । ତଥାପି ଅଜଣା ଆଶଙ୍କା ଯେପରି ପ୍ରତିବନ୍ଧକ ହୋଇ ଠିଆ ହୋଇଯାଉଚି ସରଳାର ଆଗରେ । ନିଜ ଇଚ୍ଛାକୁ ଦମନ କରିବାକୁ ସେ ଯେପରି ମନେ ମନେ ଚେଷ୍ଟା କରୁଚି !

ଘରେ କେହି ନାହିଁ—ଚାକରଆଜି ନିଶ୍ଚିନ୍ତ । ଏକା ବସିଚି ସରଳା । ଆଉ ଘରେ ଟିକମ ଶୋଇ ଯାଇଚି । ପୁଷ୍ପାଶ୍ରୀ, ଚାକର ନିଜ ନିଜ ଘରେ ଆରାମ କରୁଛନ୍ତି ।

ଭାବନାରେ ସରଳାର ଆଖିପତା ଭାରି ହୋଇ ଆସୁଥିଲା । ଇ ତୋଳିଲା ସେ । କେତେବେଳେ ଯେ ସୁରେଶଙ୍କର ପଲଙ୍କ ତରେ ସେ ଶୋଇ ଯାଇଚି, ତାକୁ ମୋଟେ ଜଣା ନାହିଁ ।

ସ୍ନେହର ପରଶ ପାଇ ସରଳାର ନିଦ ହଠାତ୍ ଭାଙ୍ଗିଗଲା । ଆଖି ଖୋଲି ଦେଖେଁତ ସୁରେଶ ତାକୁ ଉଠାଇ ଦେଉଛନ୍ତି ।

ଭାରି ଲାଜ ଲାଗିଲା ସରଳାକୁ । ସେ ପଲଙ୍କ ଉପରୁ ଉଠି ଆ ହେଲା ।

ସୁରେଶ ଧୀର କଣ୍ଠରେ କହିଲା—

"ମୁଁ ଆଜିରେ ବମ୍ବେ ଯାଉଚି । ଜରୁରୀ କାମ । ମୋତେ ଯାକୁହିଁ ହେବ । କିନ୍ତୁ ଅସୁବିଧା ହେବନି । ଶିବପ୍ରସାଦଙ୍କୁ ହି ଯାଉଚି ସେ ସବୁ ଖବର ବୁଝିବ । ଆଜି ଠାରୁ ସେ ଏହି ରେ ରହିବ । ତାର ଯେପରି କୌଣସି ଅସୁବିଧା ନ ହୁଏ ।"

ସରଳା କହିଲା—

"କଣ ଏପରି ଜରୁରୀ କାମ ପଡ଼ିଗଲା ଯେ ଆଜି ଯିବାକୁ ହେଉଚି ।"

"ନାହିଁ, କିନ୍ତୁ କହି ପାରିବନି । ଅପ୍ରିୟ କଥା । ନଗଲେ ଗୁଡାଏ ଟଙ୍କା କ୍ଷତି ହେବ ।"

"ମୁଁ ଯିବି ସାଙ୍ଗରେ । ଏକା ଏଠି ରହିବିନି ।"

ମୃଦୁହସି ସୁରେଶ କହିଲା—

"ଆରେ ! ଗୋଟାଏ ସପ୍ତାହରେ ଫେରି ଆସିବି । ତମେ ଏପରି ଭୟ କଲେ କଣ ସଂସାର ଚଳିବ ? ଚିନ୍ତା ନାହିଁ । ଯାହା ଅସୁବିଧା ହେବ ଶିବପ୍ରସାଦଙ୍କୁ କହିବ ! ଶୀଘ୍ର ମୋ ଜିନିଷ ପତ୍ର ସଜାଡ଼ି ଦେଲ । ଟ୍ରେନ ସମୟ ଆଉ ମୋଟେ ଘଣ୍ଟାଏ ରହିଲା ।"

ସରଳା ଆଉ କିଛି ନ କହି ଅନ୍ୟ ଘରକୁ ଚାଲିଗଲା ଚାକରକୁ ଡାକି ସରୋଜର ବିଛଣା ସୁଟ୍‌କେଶ ସଜଡ଼ାସଜଡ଼ି କରି-ବାକୁ କହି ନିଜେ ଶୋଇବା ଘର ଭିତରକୁ ପଶିଲା ।

ଅଧଘଣ୍ଟା ଭିତରେ ଖାଇସାରି ସରୋଜ ଆସି କାରରେ ବସିଲା । ଚାକର ଆଣି ସୁଟ୍‌କେସ୍ ଓ ବେଡ଼ିଙ୍ଗ୍ ଥୋଇଦେଲା । କାର ସିଧା ଚାଲିଲା ମିସ୍ ଦାସଗୁପ୍ତା ଘର ଆଡ଼କୁ । ଘର ଦୁଆର ମୁହଁରେ ଠିଆ ହୋଇ ସରଳା ଏକଦୃଷ୍ଟିରେ ଅନାଇ ରହିଥିଲା ସରୋଜର ଯିବା ବାଟକୁ ।

*

* *

ଏକାକିନୀ ବସିଥିଲା ସରଳା ।

ହିରମ ଘରେ ନାହିଁ । ଚାକର ସଙ୍ଗରେ ଯାଇଛି ମାର୍କେଟ୍‌କୁ ବୁଲି । ଘଣ୍ଟାଏ କି ଦି'ଘଣ୍ଟା ପରେ ଫେରି ଆସିବ ।

କହୁଁ କହୁଁ ସରୋଜ ଆଜକୁ ଆଠ ଦିନ ହେବ ଗଲାଣି । ଏଯାଏ ଭଲ ମନ୍ଦ ଖବର ତ ଜଣାଇ ପାରିନି ସରଳାକୁ ।

ସରଳା ବସି ଭାବୁ ଥିଲା—ଆଠଦିନ ହେଲା ଶିବପ୍ରସାଦ ଏଠି ରହୁଛି । ତାକୁ ଯେତେ ଥର ସେ ଦେଖୁଛି—ସେତେ ଥର ନରେଶର କଥା—ତାର ରୂପ ଆସି ସରଳାର ଦେହ ମନରେ ପ୍ରବେଶ କରି ଦୋହଲାଇ ଦେଉଛି । ନରେଶର ହସ ହସ ମୁହଁ ଆଖିରେ ତାର ନାଚି ଉଠୁଛି ଅହରହ । ଶିବପ୍ରସାଦକୁ ଦେଖିଲେ

ତା ସାଙ୍ଗରେ କଥାବାର୍ତ୍ତା କହିଲା ବେଳେ ସରଳାର ମନ କ୍ଷଣିକ ଗ୍ର ହୋଇ ଉଠୁଛି ।

ମାତ୍ର ତାହାଙ୍କ ଏପରି ହେଉଛି ?

ନରେଶ ତ ସରଳାକୁ ଛାଡ଼ି କୁଆଡ଼େ ପଳାଇ ଯାଇଛି । ତା ଭୁଲିବାକୁ ଚେଷ୍ଟା କରି ବି ସରଳା ଭୁଲି ପାରୁନି ।

କାରଣ କ'ଣ ?

ଶିବପ୍ରସାଦକୁ ଦେଖିଲେ ନରେଶ କଥା ବେଶି ମନେ ପଡୁଛି । ରେଶର କଥାବାର୍ତ୍ତା, ତାର ଚାଲିଚଳନ ସବୁ ଛଡ଼ାଇ ଆଣିଛି ପ୍ରସାଦ । ସେଇଥି ପାଇଁ ସରଳା ଶିବପ୍ରସାଦକୁ ଦେଖିଲେ ରେଶର କଥା ଭାବୁଛି । କାହିଁ ? ଆଉ କେବେ ତ ଏପରି ଗ୍ରତା ସରଳା ମନରେ ଆସିନି ? ସରୋଜକୁ ପ୍ରଥମ ଥର ପାଇଁ ର୍ଦ୍ଦିନ ଏକା ମଧୁଶଯ୍ୟା ଘରେ ପାଇଥିଲା—ସରଳା ମନରେ ତ ରି ଉଦ୍‌ବେଗ ହୋଇ ନଥିଲା ?

ନରେଶ ସାଙ୍ଗରେ ପ୍ରଥମ ମିଳନ ବେଳେ ସରଳା ପ୍ରାଣ ଯେପରି ତୁର ଆବେଗ ହୋଇଥିଲା ଆଜି ଶିବପ୍ରସାଦକୁ ଦେଖି ସରଳାର ହ ମନ ସେହିପରି ପୁଲକି ଉଠୁଛି । ଦେହ ସାଙ୍ଗରେ ଦେହ ଶାଇ ଦେବାକୁ ଇଚ୍ଛା ହେଉଛି । ନରେଶର ପ୍ରତିଛବି ସେ ଦେଖୁଛି ଶିବପ୍ରସାଦ ଦେହରେ ।

ବହୁତ ସମୟ ପର୍ଯ୍ୟନ୍ତ ସରଳା ଏଇ କଥାକୁ ଭାବୁଥିଲା ।

ହଠାତ୍ ଶୁଭିଲା—

"କ'ଣ ଏକା ବସିଛନ୍ତି ସରଳା ଦେବୀ ?"

ସରଳା ମୁହଁ ବୁଲାଇ ଦେଲା ଦୁଆର ଆଡ଼କୁ । ଦେଖିଲା— ହସ ହସ ମୁହଁରେ ଶିବପ୍ରସାଦ ଠିଆ ହୋଇ ସରଳାକୁ ଅନାଇଁ ରହିଛି ।

ମନେ ମନେ ଶିହରି ଉଠିଲା ସରଳା । ଥରିଲା କଣ୍ଠରେ କହିଲା ସେ—

"ଠିଆ କାହିଁକି ହେଲ ? ଘର ଭିତରକୁ ଆସି ବସ ?"

ଶିବପ୍ରସାଦ ଆସି ସରଳା ସାମନା ଚୌକିରେ ବସି ପଡ଼ିଲା ।

"ଇଏ କ'ଣ ଏକାକିଆ ଘରେ ବସିଛନ୍ତି ? ସବୁଆଡ଼ ଶୂନଶାନ୍ । ଝିକମ ନାହିଁକି ?"

"ନା ।"

"କୁଆଡ଼େ ଯାଇଛି ନା' ଅନ୍ୟଘରେ ଶୋଇଛି ?"

"ପୁକର ସାଙ୍ଗରେ ପାର୍କକୁ ବୁଲିଯାଇଛି ।"

"ଆପଣ ଏକା ଘରେ ବସିଛନ୍ତି ?"

"କ'ଣ ଆଉ କରନ୍ତି ? ବସି ବସି ଭାବୁଥିଲି ।"

"କ'ଣ ଭାବୁଥିଲେ ଆପଣ ?"

"ନାହିଁ, କିଛିତ ଭାବୁ ନଥିଲି । ଏହିପରି ବସି ବସି ଥିଲି—

ଲଜ୍ୟାରେ ତଳକୁ ମୁହଁ ପୋତି ଦେଲା ସରଳା । ମନ ଗୋପନ କଥାକୁ ସେ ଲୁଚେଇବାକୁ ଚେଷ୍ଟା କଲା ।

ହସି ହସି ଶିବପ୍ରସାଦ କହିଲା—

"ନିଶ୍ଚୟ ଆପଣ କିଛି ଭାବୁଥିଲେ । ଦେହ ମନ ଆପଣଙ୍କ ପ୍ରସ୍ତ ସଙ୍କେତ ଦେଉଛି ।"

"ଖୋଲେ ଦେହ ମନକୁ ପଚାରିଲେ ତ ସେ ମାନେ କହି-ଦେବେ—ମୁଁ କ'ଣ ବସି ଭାବୁଥିଲି ।"

ମୁରୁକି ହସି ଦେଇ ସରଳା କହିଲା—

"ଆପଣ ଚାହିଁଲେ କହିବେ ନା ?"

ସରଳା କହିଲା—

ଦେଖ ଶିବପ୍ରସାଦ ବାବୁ ! ମତେ ଆଉ ଆପଣ ବୋଲି କହନ୍ତୁନି । ମୁଁ ବୟସରେ ସାନ । ଆପଣ ତୁ ବୋଲି କହିଲେ ଖୁସି ହେବ ।"

"ନା, ତାହୋଇ ପାରିବନି । ଆପଣ ମୁନିବ ମୁଁ ପେଟେଭ-ଲୋ........."

"ଆଉ ! ଏପରି କଥା ଆଉ କେବେ କହିଲେ ମୁଁ ଟ୍ରଁରେ ରହିବନି । ଆପଣ ଘରେ ଆମର ନିଜ ପରିବାର ପରି ଚଳନ୍ତେ । ସବୁ ପ୍ରକାର ସ୍ୱାଧୀନତା ଆପଣଙ୍କର ଅଛି । ସେହି ଅଧିକାରରେ ଦୟା କରି ମୋତେ ଆପଣ ନକହି ତୁ ବୋଲି କହନ୍ତେ ।"

ହସି ହସି ଶିବପ୍ରସାଦ କହିଲା—

"ଅଚ୍ଛା । ଆପଣଙ୍କର କଥା ହେଲା । ତୁ ତ କହିପାରିବନି— ଏଥର ତୁମେ ବୋଲି କହିବ ।"

ଦୁହେଁ ହସି ଉଠିଲେ ।

କିଛି ସମୟ କଥା ବାର୍ତ୍ତା ପରେ ସରୋଜ ଉଠି କହିଲା—

"ଟିକିଏ ବସିଯାଅ । ମୁଁ ଗ୍ରୁ' ଡିଅରି କରି ଆସେ ।"

ସରୋଜ ଗ୍ରୁ' ଡିଅରି କରିବା ପାଇଁ ଆଉ ଘରକୁ ଚାଲିଗଲା । ଶିବପ୍ରସାଦ ବସି ଭାବିବାକୁ ଲାଗିଲା ।

"କିଏ ସେ ଭଦ୍ର ? ଦେଖିବା ଦିନଠାରୁ ମନଟାମେ କେତେକ ଭାବିଲେ ଯାଙ୍କ ପାଖକୁ ଟାଣି ହୋଇ ଯାଉଛି । କାରଣ କଣ ? ସରୋଜ ବାବୁଙ୍କର ସ୍ତ୍ରୀ ଭଦ୍ର । ତଥାପି ଦେଖିଲେ ଯେପରି ମନେ ହେଉଛି ଶିବପ୍ରସାଦର ଅତି ଆପଣାର ଲୋକ ଜନ୍ମଦିନର ଆତ୍ମୀୟା ।

ସରୋଜ ବାବୁଙ୍କର ସ୍ତ୍ରୀ ଭଦ୍ର ?

ସବୁ ସମୟରେ ଉଦାସ ଭାବ । ସେମାନଙ୍କ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ଥାଇପାରେ ଅନୁମାନ ହେଉଛି ।

କାହାର ସାଙ୍ଗରେ କାହାର ଝାପ ଖାଉନି । ମନର ଅମେଳ ରହୁଛି ।

ସରୋଜ ବାବୁଙ୍କର କଥା ବାର୍ତ୍ତାରୁ ବେଶ୍ ଅନୁମାନ କରି ନେଉଚି ଶିବପ୍ରସାଦ ।

ଏଭାବରେ ସେ ସରୋଜ ସାଙ୍ଗରେ ବୁଲିଚି । କେତେ କଥା ବାର୍ତ୍ତା ମଧ୍ୟ ହେଇଚି । ସବୁ ସମୟରେ ଶିବପ୍ରସାଦ ଲକ୍ଷ୍ୟ କରିଚି ସରୋଜ ଯେପରି କଣ କହିବାକୁ ଇଚ୍ଛା କରି ମଧ୍ୟ କହି ପାରୁନି ।

ସରୋଜ ବାବୁଙ୍କର ସ୍ତ୍ରୀର ଅବସ୍ଥା ମଧ୍ୟ ଠିକ୍ ସେହି ପରି । ଅଠଦିନ ଭିତରେ ସେ ମିଶି ଯାଇଚି ଏ ପରିବାର ସାଙ୍ଗରେ । ଠିକ୍ ମାର ଛୀର ସଂପର୍କ ଆସିଗଲାଣି ଶିବପ୍ରସାଦର ।

ଶିବପ୍ରସାଦ ଭାବୁଥିଲା ।

ତେବେ – ତେବେ କ'ଣ ସରୋଜ ବାବୁଙ୍କୁ ତାଙ୍କ ସ୍ତ୍ରୀ ଭଲ ପାଏନି ?

ଆଗକୁ ଆଉ ଭାବି ପାରିଲାନି ଶିବପ୍ରସାଦ ।

ସରଳା ଗ୍ଲାସ କଲ୍‌ଘରଆ ଆଣି ଟେବୁଲ ଉପରେ ଥୋଇ ଧୀର ଗଳାରେ କହିଲା –

"ଏଥର ଗ୍ଲାସ କଲ୍‌ଘରଆ ଖାଇଦଅ ?"

"ଆପଣ ଅସନ୍ତୁ ?"

"ପୁଣି ମୋତେ ଆପଣ ବୋଲି କହିଲେ ?"

"ଓ ! ଭୁଲ୍ ହୋଇଗଲା । ଏଥରକ ପାଇଁ କ୍ଷମା କରନ୍ତୁ । ଆଉ କହିବିନି ।"

ଦୁହେଁ ହସି ଉଠିଲେ ।

ସରଳା ଜଳଖିଆ ପ୍ଲେଟ୍ ବଢ଼ାଇ କହିଲା—

"ଆଗ ଜଳଖିଆ ଖାଇ ଦିଅ ଗୃ' ପଛେ ଉତ୍ତର କରିବି ।"

ଶିବପ୍ରସାଦ ଜଳଖିଆ ଖାଇଲା । ସରଳା ଟିଅଲରେ ଦୁଇ ଗୃ' ଉତ୍ତର କରି ଥୋଇଲା ।

ଅଳ୍ପ ସମୟ ଭିତରେ ଦୁହେଁ ଗୃ' ଜଳଖିଆ ଖାଇ ସାରିଲେ ।

ଦୁହେଁ ଦୁହିଁଙ୍କୁ ମୁଗ୍ଧ ଦୃଷ୍ଟିରେ ଅନାଇଁ ରହିଛନ୍ତି ।

କାହାରି ମୁହଁରେ କଥା ନାହିଁ । ଖାଲି ଆଖିର ଭାଷାରେ ପରସ୍ପରର ଭାବ ବିନିମୟ ହେଉଥିଲା ।

ପୁଲକି ଉଠୁଥିଲା ଶିବପ୍ରସାଦ — ମନେ ମନେ ଆନନ୍ଦ ପାଉଥିଲା ସରଳା ।

"ନାଆଁ କଣ ତମର ?"

ଚମକି ଉଠିଲା ସରଳା । ଧୀର ଗଳାରେ କହିଲା ସେ—

"ମୋ ନାଆଁ ? ମୋ ନାଆଁ ସର ।"

"ଏଁ ! କଣ କହିଲ । ତମ ନାଆଁ ସର ?"

"ଏପରି ଆଶ୍ଚର୍ଯ୍ୟ ହେଲ ଯେ ?"

"ନା ! କିଛି ନୁହେଁ ।"

"କିଛି ନୁହେଁ କିପରି ? ନିଶ୍ଚୟ କିଛି ।"

କଣ କହିବ ଶିବପ୍ରସାଦ ? ନୀରବରେ ଖାଲି ତୁଙ୍ଗ ସରଳାର ମୁହଁକୁ ଅନାଇଁ ରହିଲା ।

ମୁହଁରେ ହସ ଫୁଟାଇ ସରଳା କହିଲା—

"ମୋ ମୁହଁକୁ ଅନାଇଁ କଣ ଦେଖୁଚ ?"

ଥଙ୍ଗ ଥଙ୍ଗ ଗଳାରେ ଶିବପ୍ରସାଦ କହିଲା —

"କିଛି ଦେଖୁନି ଯେ — କିଛି ଭାବୁଚି ।"

"କଣ ?"

"ଏ ମୁହଁ କେଉଁଠି ଦେଖିଲା ପରି ମନେ ହେଉଛି ।"

"କେଉଁଠି ?"

"ମନେ ହେଉନି ।"

"ମତେ ଦେଖିଥିଲେ ?"

"ନା, ଏଇ ମୁହଁଟି ଦେଖିଲା ପରି ମନେ ହେଉଛି ।"

ଆଉ କ'ଣ ସରଳା କହିବାକୁ ଯାଉଥିଲା । ଗୃହର ଘ...
ଭିତରକୁ ପଶି ଆସିଲା । ସାଙ୍ଗରେ ଟିକମ ।

ଟିକମକୁ ନିଜ କୋଳକୁ ନେଇ ସରଳା କହିଲା—

"ଏଇଟି ହେଉଛି ଦୁଃଖୀର ସଙ୍ଖାଳି ।"

"ଦୁଃଖୀର ସଙ୍ଖାଳି କାହିଁକି ହେବ ? ରଜାର କୁମର ସେ ।"

"ରଜାର କୁମର ।"

ସରଳା ଆଖିରେ ଲୁହଧାର । ହସ ହସ ମୁହଁରେ ବିଷାଦ...
ଛାୟା ।

ଶିବପ୍ରସାଦ ଲକ୍ଷ୍ୟ କରି ଦେଖୁଥିଲା । ମନରେ ତାର ଦୁଃଖ
ମୟ ହେଲା । ଭାବିବାକୁ ଲାଗିଲା ସେ—

"କଣ ମନରେ ଦୁଃଖ ହେଲା ?"

କହିଁ କହିଁ କାନ୍ଦି ଉଠିଲା ସରଳା ।

ସାନ୍ତ୍ୱନା ସ୍ୱରରେ ଶିବପ୍ରସାଦ କହିଲା—

"ନଜାଣି ମନରେ ଦୁଃଖ ଦେଲି, କ୍ଷମା କରିବେ ।"

"କ୍ଷମାର ପ୍ରଶ୍ନ ଉଠୁନି ଶିବପ୍ରସାଦ ବାବୁ ! ଏପୁଅଟିର ଅଦୃଷ୍ଟ
ଅଭିଶାପ—ରଜାର କୁମର ହେବ କିପରି ?"

ଶିବପ୍ରସାଦ ଆଶ୍ଚର୍ଯ୍ୟରେ ସରଳାର ମୁହଁକୁ ଅନାଇଁ ମନେ ମନେ
ଭାବିବାକୁ ଲାଗିଲା

ଏବେ କିପରି କଥା ! ସତେଶ୍ୱର ଲକ୍ଷପତି । ଲକ୍ଷପତିର
ପୁଅ ଟିକମ । ସୁକାର ପୁଅ ନବବନ୍ଧୁ ଆଜି କଣ କହୁଥାନ୍ତି ? ସୁକାର
ପୁଅ କହିଲେ ଏବେ ଏପରି କାନ୍ଦ ଉଠିଲେ ତାହାଙ୍କୁ ?

ଶିବପ୍ରସାଦ ଥରେ ସରଳା ମୁହଁକୁ ଅନାଇ ଥାଏତ, ଥରେ ଟିକମ
କୁ ଅନାଇ ଥାଏ । କିପରି ଗୋଟାଏ ଅଜଣା ଆକର୍ଷଣ ମନ
ରେ ସେ ଅନୁଭବ କରୁଥିଲା ।

ସରଳା ଆଖିରେ ଲୁହଧାର । ଟିକମକୁ କୋଳରେ ଧରିଥିଲା ସେ ।
ଶିଶୁଟି ଶିବପ୍ରସାଦ ମୁହଁକୁ ଅନାଇଁ ରହିଛି । କଅଁଳ ମୁହଁରେ
ହସଟା ଫୁଟି ଉଠୁଥିଲା ।

ଶିବପ୍ରସାଦ ହାତ ବଢ଼ାଇଲା ଟିକମକୁ କୋଳକୁ ଆଣିବା ପାଇଁ ।
ଟିକମ ଶିବପ୍ରସାଦ କୋଳକୁ ଆସିବା ପାଇଁ କୁନି ହାତ ଦୁଇଟି ବଢାଇ
ଦେଲା । ଶିବପ୍ରସାଦ ନିଜ କୋଳକୁ ଟିକମକୁ ଆଣି ତାର କଅଁଳ
ଗାଲରେ ସ୍ନେହରେ ଗୋଟିଏ ଚୁମ୍ବନ ଆଙ୍କିଦେଲା । ଖିଲ୍ ଖିଲ୍ ହୋଇ
ହସି ଉଠିଲା ଟିକମ ।

ସରଳା ଲୁଗା କାନିରେ ଲୁହ ପୋଛୁଥିଲା । ଶିବ ପ୍ରସାଦ ଧୀର
ଗଳାରେ କହିଲା—

"ଗୋଟିଏ କଥା ପଚାରିବି । କିନ୍ତୁ ସଂକୋଚ ହେଉଛି । ଭାବେ
କିଛି ମନେକରିବ ।"

"ନାଇଁ ମୁଁ କିଛି ମନେ କରିବିନି । ଯାହା ଇଚ୍ଛା ହେଉଛି ପଚାର
ମୁଁ କହିବି ।"

ଶିବପ୍ରସାଦ କହିଲା —

"ଏତେବେଳ ପରେ ଯିଏ ସ୍ୱାମୀ ପାଇଛି ତାଆର ପୁଣି ଦୁଃଖ କଣ ?"

ସରଳାର ପୂର୍ବ ଚେତନା ଯେପରି ଏକାଥରେ ଫେରି ଆସିଲା ।
ସେ ଏକଥାର ଉତ୍ତର ସେ କଣ ଦେବ ଏହି କଥାକୁ ଭାବି ଚିନ୍ତା
କରିବାକୁ ଲାଗିଲା ।

ସରଳାର କାରବତା ଲକ୍ଷ୍ୟକରି ଶିବପ୍ରସାଦ ପୁଣି କହିଲା—

"ମୁଁ ତମ ମନରେ ଦୁଃଖ ଦେବାକୁ ଚାହେଁନା । ଯଦି କହିବ କିଛି ଆପତ୍ତି ଥାଏ ତେବେ ନକହିବା ଭଲ ।"

ସରଳା ଅସ୍ଥିର ଭାବେ କହିଲା —

"ନା ନା – କହିବାର ମୋର ମୋଟେ ଆପତ୍ତି ନାହିଁ । ଯେ ଦିନଠାରୁ ତମକୁ ଏଠି ଦେଖିଲି ସେହି ଦିନଠାରୁ ଅନ୍ତର ଭିତ କିପରି ଗୋଟିଏ ମୋହ ଆସି ଯାଇଛି । ଦେଖି ମୋର ମନେ ତମେ ମୋର ଅତି ଆପଣାର ।"

ସରଳା କଥାରେ ଥିଲା ମାଦକତା । ମନ୍ତ୍ରମୁଗ୍ଧ ପରି ଶି ପ୍ରସାଦ ଏ କେଇପଦ କଥା ଶୁଣି ମନେ ମନେ ଆକୃଷ୍ଟ ହୋଇ ଗଲେ ।

ସରଳା ଧୀର ଗଳାରେ କହିଲା —

"ମୋ ଜୀବନର ଇତିହାସ ଶୁଣାଇବା ଆଗରୁ ଗୋଟାଏ କଥା ଶପଥ ନେବାକୁ ହେବ ।"

"ଶପଥ ? କହି ଦେଲ ।"

"ମୋ ଦେହ ଛୁଇଁ କାସ୍ତୁମ କର । ଅନ୍ୟ କାହାରି ଆଗ କହିବନି ।"

"ଦୁଇ କାନରୁ ମୋଟେ ଚୂରିକାନ ହେବନି । ଭରସା ରଖ

"ଦୁନିଆରେ ମୁଁ କାରମାଙ୍ଗ । ଆପଣାର ବୋଲି ସମ୍ବୋଧିବାକୁ, ଦାୟଗ୍ରସ୍ତା ଆଜି ତମେ । ଏ କେଇ ଦିନ ତମକୁ ଏଠି ପାଇ ମେ ଅତୀତ କଥା ମନେ ପଡ଼ି ଯାଉଛି । ତମକୁ ଦେଖି ମୋର ମ ହୁଏ···।"

ପାଟିକଥା ପାଟିରେ ଅଟକି ଗଲା ଶିବପ୍ରସାଦର । ଆଗରୁ ଅ କିଛି କହିବାକୁ ଇଚ୍ଛା ହେଲାନି । ସେ ଟିକିମ ପିଠିରେ ହା ସାଉଁଳେଇ ଦେଇ ତଳକୁ ମୁହଁ ପୋତି ବସିଲା ।

ଉଠାଇ ଝୁଙ୍କି ଝୁଙ୍କି ଭାବରେ ମୁହଁ ଟେକି ଅନାଇଁଲା ଶିବପ୍ରସାଦ । ସ୍ମୟରେ ସେ ଦେଖିବାକୁ ଲାଗିଲା —

ସରଳା କାନ୍ଦୁଛି । ପୁଳା ପୁଳା ରକ୍ତ ତା ପାଟିରୁ ବାହାରୁଛି ।

ଟିକମକୁ ଡକେଇ ଠିଆ କରାଇ ଶିବପ୍ରସାଦ ଯାଇ ସରଳା ପିଠିକୁ ଶିବାକୁ ଲାଗିଲା । ଧୀର ଗଳାରେ ପଚାରିଲା —

"କଣ ହେଲା ତମର ? ପାଟିରୁ ଏପରି ରକ୍ତ ବାହାରୁଛି ଯେ ?"

ସରଳା ମୁହଁରୁ ଖୋଲି କିଛି କହି ପାରିଲାନି । ଖାଲି ଛଳ ଆଖିରେ ଶିବପ୍ରସାଦ ମୁହଁକୁ ଅନାଇଁ ରହିଲା ।

ଏପରି ଅବସ୍ଥାରେ ଟିକମ ଡାକ ଉଠିଲା । ଘରର ପୁରୁଷମା ଡ଼ି ଆସିଲେ । ସରଳାର ଏପରି ଅବସ୍ଥା ଦେଖି ସମସ୍ତେ ର ଦୃଷ୍ଟିରେ ଅନାଇଁ ରହିଲେ ।

ଶିବପ୍ରସାଦ ଡାକ୍ତର ପାଖକୁ ଫୋନ କଲା । ଟିକମକୁ ଘରର ଘରକୁ ନେଇ ଚାଲିଗଲା । ଶିବପ୍ରସାଦ ସରଳାକୁ ଦୁଇ ରେ ଉଠାଇ ଆଣି ପଲଙ୍କ ଉପରେ ଶୁଆଇ ଦେଲା ।

ଡାକ୍ତର ଆସି ରୋଗୀକୁ ପରୀକ୍ଷା କଲେ । ଶିବପ୍ରସାଦ ଥରିଲା ରେ ପଚାରିଲା —

"କଣ ଦେଖୁଛନ୍ତି ଡାକ୍ତରବାବୁ ?"

"ରୋଗୀର ଅବସ୍ଥା ଖୁବ ଖରାପ । ସବୁବେଳେ ମନ ଭିତରେ ପରି ବାହାକୁ ଅଧିର ଆବେଗରେ ସେ ଖୋଜୁଛନ୍ତି । ତାଙ୍କର ନ୍ତାରେ ଦିନକୁଦିନ ଶରୀର ବଡ଼ ଦୁର୍ବଳ ହୋଇ ପଡୁଛି । ଆଉ ସେ କି ପନ୍ଦରଦିନ ପରେ ଅବସ୍ଥା ଖୁବ୍ ଖରାପ ହୋଇ ପାରେ ?"

"ତେବେ ଉପାୟ ?"

"ବର୍ତ୍ତମାନ ଉପାୟ କଣ ? ମୁଁ ଗୋଟିଏ ଇଞ୍ଜେକ୍‌ସନ ଦେଉଛି । କାଲି ମୋ ଚେମ୍ବରକୁ ନେଇଯିବ । ମୁଁ ତାଙ୍କର ଛାତିକୁ ଏକ୍‌ସରେ କରିବି ।"

"ରୋଗ କଣ ଚାହିଁଲେ ?"

"ଏଇନେ କିଛି କହି ପାରୁନି । ଯେତେଦୂର ମୋର ମନେ ହୁଏ ହାର୍ଟ ବଡ ଦୁର୍ବଳ ହୋଇ ପଡ଼ିଛି ।"

ଡାକ୍ତର ଇଞ୍ଜେକ୍‌ସନ ଦେଇ ଚାଲିଗଲେ । ଶିବପ୍ରସାଦ ରୋଗୀ ପାଖରେ ବସି ରହିଲା ।

ରାତି ବାର । ଚାରିଆଡ ନିଶୂନ । ଟିକମ ଆଉ ଘରଣୀ ଚୁଲିର ପାଖରେ ଶୋଇଛି । ଶିବପ୍ରସାଦ ରୋଗୀ ପାଖରେ ବସି ଢୋଲାଉଥିଲା ।

ହାଇ ତୋଳି ଶିବପ୍ରସାଦ ରୋଗୀକୁ ଅନାଇଁଲା । ରୋଗୀର ଚେତା ଫେରି ଆସିଛି । ହାତ ଠାରି ଶିବପ୍ରସାଦକୁ ପାଖକୁ ଡାକିଲା । ଶିବପ୍ରସାଦ ସଂକୋଚ କରୁଥିଲେ ବି ରୋଗୀ ପାଖରେ ଯାଇ ବସିଲା ।

ଧୀର ଗଳାରେ ପଚାରିଲା ସେ —

"କଣ ମତେ କିଛି କହିବ ?"

କ୍ଷୀଣ କଣ୍ଠରେ ସରଳା କହିଲା —

"ସେ ଆଜି ଘରୁ ଯାଇଛନ୍ତି, କେବେ ଫେରିବେ ଜାଣେନି ।"

ଶିବପ୍ରସାଦ ବୁଝିଲା — ସରୋଜ ବାବୁ ବୋଧେ ଘରୁ ଅନ୍ୟ ଯାଇଛନ୍ତି ତାଙ୍କୁ ଖବର ଦେବାକୁ ଏଇ ବୋଧେ କହୁଛନ୍ତି ।

"କଣ ସରୋଜ ବାବୁଙ୍କ ପାଖକୁ ଟେଲିଗ୍ରାମ କରିବି ?"

ଖନ ଖନ କଣ୍ଠରେ ସରଳା କହିଲା —

"ଦରକାର ନାହିଁ । ସେ ଆସିବା' କଣ କରିବେ ? ତମେ —"

ଆଗକୁ ଆଉ କିଛି କହି ପାରିଲାନି ସରଳା । ପୁଣି ଝୁଁ ଝୁଁ କାଶି ଉଠିଲା ସେ ।

ଅଧୀର ଆବେଗରେ ଶିବପ୍ରସାଦ କହିଲା —

"ଥାଉ, ଅଧିକା କିଛି କୁହନି । କଥା କହିବା ପାଇଁ ଡାକ୍ତର ବାରଣ କରିଛି । ଆଉ ପାଟେନ ଔଷଧ ଖାଇ ଦିଅ ।"

କହିବା ସଙ୍ଗେ ସଙ୍ଗେ ଶିବପ୍ରସାଦ ଉଠି ଯାଇ ଟେବୁଲ୍ ଉପରେ ଥୁଆ ହୋଇଥିବା ଔଷଧ ଆଣି ଗ୍ଲେଟିଅ କାଚ ଗିଲାସରେ ଢାଳିଲା । ସରଳାକୁ ଉଠାଇ ପିଆଇ ଦେଲା ସେ ।

ସରଳା ଔଷଧ ପିଇ କଷ୍ଟଣାରେ ଶୋଇ ରହିଲା । କିଛି ସମୟ ପରେ ତାର ପଲକ ଦୁଇଟି ବାଙ୍କି ଆସିଲା—ସେ ଗାଢ ନିଦ୍ରାରେ ଶୋଇ ନିଶ୍ୱାସ ମାରୁଥିବାର ଅନୁଭବ କଲା ଶିବପ୍ରସାଦ ।

ଘଣ୍ଟାରେ ଠନ୍ ଠନ୍ ହୁଇ ବାଜିଲା । ତଥାପି ଶିବପ୍ରସାଦର ଆଖିକୁ ନିଦ ନାହିଁ । ଅସ୍ଥିର ଚୌକୀରେ ବସି ସରଳା ମୁହଁକୁ ଏକଲୟରେ ଅନାଇ ରହିଛି ।

ସେ ଭାବୁଥିଲା ଅତୀତ ଦିନର କଥା—

"ଠିକ୍ ଏଇ ମୁହଁ—ଏଇ କଥା—ଏଇ ଗୃହିଣୀ – କିନ୍ତୁ ତଫାତ ନାହିଁ । ସବୁ ଯେପରି ମିଶି ଯାଉଛି । ଅଜଣାରେ କାହିଁକି ସ୍ତ୍ରୀଙ୍କ ପ୍ରତି ମୋର ଏ ଆକର୍ଷଣ ? ମୁଁ ଯାହାକୁ ପାଇବାପାଇଁ ଏତେ ବୁଲିଲି । ଯାହାପାଇଁ ଭାବି ଭାବି ଦେହ ମନ ମୋର ଅବଶ ହୋଇ ଯାଉଛି । ତାକୁତ ଏଯାଏ ପାଇଲିନି । କେବେ ଜୀବନରେ ଭେଟ ହେବକି ନାହିଁ ସେ କଥା କିଏ ଜାଣେ ?

ତେବେ—ତେବେ ସ୍ତ୍ରୀଙ୍କ ପ୍ରତି ଏ ଆକର୍ଷଣ କାହିଁକି ? କଣ ପାଇଁ ଏତେ ମାୟା—ଏତେ ମମତା ?

ସରୋଜ ବାବୁଙ୍କର ସ୍ତ୍ରୀ ସିଏ । ସରୋଜ ବାବୁ କେଡ଼େ ଭଲ ପରିବା । ଦୁଇଟି ଜୀବନରେ ଯେପରି ଅନେକ ରହିଯାଇଛି ।

ତଥାପି—ସ୍ତ୍ରୀଙ୍କ ଗୃହିଣୀକୁ ଯେପରି ଭୁଲି ଯାଉଛି ସରୋଜ

ବାବୁଙ୍କୁ ପାଇ ବୋଧେ ଇଏ ସୁଖୀ ନୁହନ୍ତି । ତଥା ଉଦ୍ଧବ ତାଙ୍କୁ ବେଶ୍ ବୁଝି ଯାଉଛି ।

ପ୍ରକୃତରେ ଯଦି ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ମନ ମିଳିବାରେ ଗୋଳ-ମାଳ ଥାଏ — ଯଦି ଇଏ ଅନ୍ୟ କାହାକୁ ଭଲ ପାଇ ଥା'ନ୍ତି ତେବେ — ତେବେ ଉପାୟ କଣ ?

ଶିବପ୍ରସାଦର କର୍ତ୍ତବ୍ୟ ଯାହା ସେ କରିବ । ବୁଝେଇବାକୁ ଚେଷ୍ଟା କରିବ । ସେମାନଙ୍କର ସଂସାରକୁ ଯୋଡ଼ି ସେମାନଙ୍କ ମୁହଁରେ ମିଳନର ହସ ଫୁଟାଇବ । ସେଇଥିରେ ହିଁ ସେ ପାଇବ ଆନନ୍ଦ — ଅପାର ଆନନ୍ଦ ।

●●

ସେଶିକ ଏକ ଲୟରେ ମିସ୍ ଦାସଗୁପ୍ତାର ମୁହଁକୁ ଅନାଇଁ ରହିଛି । ମନ ଅତୀତ ଦିନର କେତେ କଥା, କେତେ ଭାବନା ।

ମିସ୍ ଦାସଗୁପ୍ତା ଶୋଇଛି । ଧଳା ତକିଆ ଉପରେ କଳା କେଶ ଖୋଲାଇ ହୋଇ ଯାଇଛି । ଅଯତ୍ନରେ ଗାଲକୁ ଲୁଗା ଖସି ପଡ଼ିଛି । ମୁହଁରେ ହସ ହସ ଭାବ । ଦୁନିଆର ସବୁ ସୁଖ ଯେପରି ଠୁଳ ହୋଇଛି ମିସ୍ ଦାସଗୁପ୍ତାର ଦେହ ମନରେ ।

ଗୋଟିଏ ବର । ଦୁଇଟି ଖଟ । ଭିତର ପଟକୁ କବାଟ ବନ୍ଦ ଅଛି । ସତ ଶେଷ ହୋଇଯିବ । ବଡ ଦେଉଳକୁ ଘଣ୍ଟା ନାଦ ଶୁଭିବ । ଯାତ୍ରୀମାନଙ୍କ କୋଳାହଳରେ ସହରଟା ଜାଗି ଉଠିବ ।

ସେହିକ ଆଖିକୁ ନିଦ ନାହିଁ । ସେ ଭାବୁଥିଲା —

ମିଛ କହୁ ଅଛିଲ ସରଳାକୁ । ଅହା ଭଗବାନ୍ ! କଣ ସେ ମନରେ ଭାବୁ ନଥିବ ?

ପରମୁହୂର୍ତ୍ତରେ ସରୋଜର ମନେ ହେଲା — କଣ ଅଛି ସେ ଭାବିବ ? ଦୁନିଆ ଆଖିରେ ସିନା ଆମେ ସ୍ୱାମୀ-ସ୍ତ୍ରୀର ବନ୍ଧନରେ ବାନ୍ଧି ହୋଇଛୁ, କିନ୍ତୁ ପ୍ରକୃତରେ ସରଳାର ସ୍ୱାମୀ ସରୋଜ ନୁହେଁ କି ସରୋଜର ସ୍ତ୍ରୀ ସରଳା ନୁହେଁ ।

ଅନ୍ତରଟା ଉଥଲି ଉଠିଲ କହିବା ଛଡ଼ା ଯଦି ମିସ୍ ଦାସଗୁପ୍ତାଙ୍କୁ ନେଇ ଉପଭୋଗ କରାଯାଏ କ୍ଷତି କଣ ? ମିସ୍ ଦାସଗୁପ୍ତା ଯେ ସରୋଜଙ୍କୁ ଗୃହେ ହିଁ — ଦେହ — ମନ — ସବୁ ସେ ଅର୍ପଣ କରି ବସିଛି ।

କଣ କରିବ ସରୋଜ ?

ମିସ ଦାସଗୁପ୍ତାଙ୍କୁ କଣ ତାର ଜୀବନ ସଙ୍ଗିନୀ ରୂପେ ସେ ଗ୍ରହଣ କରିବ ?

କିନ୍ତୁ ସରଳା ? ସେ ଭଗ୍ନର ଜୀବନ ଓ ଠିକ୍ ସରୋଜ ପରି ହନ୍ତସନ୍ତ ହେଉଛି ? ତାର ପୂର୍ଣ୍ଣି ଉପାୟ କଣ ?

ଯଦି ସରଳାକୁ ସେ ଭଲପାଏ ?

ସରୋଜର ମନ ଭିତରୁ କିଏ ଯେପରି କହି ଉଠିଲା — ଅସମ୍ଭବ — ଏହା କଦାପି ହୋଇ ନପାରେ ।

ପ୍ରଥମ ସ୍ୱପ୍ନକଥା କଣ ଭୁଲିଯିବ ସରୋଜ ?

ସରଳା ଛଳ ଛଳ ଆଖିରେ ଯେଉଁ କରୁଣ ନିବେଦନ କରିଥିଲା ତାକୁ କଣ ପାଶୋରି ପକାଇବ ?

ନା-ନା ସରଳାର ସତୀତ୍ୱ ନଷ୍ଟ କରିବାକୁ ଦେବନି ସେ । ତାର ପବିତ୍ର ମନରେ କଳଙ୍କର ଦାଗ ସେ ଦେଇ ପାରିବନି ।

କିନ୍ତୁ ବୀଣାକୁ ଯେ ଭଲପାଇଛି ସରୋଜ । ସେ ବୀଣା ପାଖରେ ପଣ କରିଛି । ବୀଣା ଛଡ଼ା ଅନ୍ୟାକୁ ସେ ସ୍ତ୍ରୀ ରୂପରେ ଗ୍ରହଣ କରି ପାରିବନି ।

ତେବେ ସରଳାକୁ କପରି ଗ୍ରହଣ କରିବ ସେ ?

ସେ ଖାଲି ସଂସାର ବାଧ୍ୟରେ—ମାଆର ସ୍ନେହ ଏଡ଼ି ନପାରି ସରଳାକୁ ବିବାହ କରିଥିଲା । କିନ୍ତୁ ଜାଣିବା ଲୋକ ଠିକ୍ ଜାଣୁଛି ସରୋଜ ଆଉ ସରଳାର କେବେ ମନର ମିଳନ ।

ଏକଥାକୁ ଜାଣେ ସରୋଜ ଆଉ ଜାଣେ ସରଳା ।

ଅସହାୟଙ୍କ ପରି ସରୋଜ ଘରର ଚାରିଆଡ଼କୁ ଅନାଇଲା ଭାବନାରେ ଦେହମନ କ୍ଲାନ୍ତ । ଆଖିକୁ ନିଦ ଅସୁଜା । ନେଳି ରଙ୍ଗର ବଲବର ଆଲୁଅ ଘର ଉଜ୍ଜଳ ହୋଇ ପଡ଼ିଛି ଖଣ୍ଡେ ଦୂରରେ ପଲଙ୍କ ଉପରେ ଶୋଇଛି ମିସ୍ ଦାସଗୁପ୍ତା । ସରୋଜ ସେଇ ଆଡ଼କୁ କିଛି ସମୟ ଅନାଇଲା । ତାପରେ ଧୀରେ ଧୀରେ ବନ୍ଧଣୀକୁ ଭିଡ଼ି ଆଲମିରା ଆଡ଼କୁ ଅଗ୍ରସର ହେଲା ।

ଆଲମିରା ଖୋଲି ଗୋଟିଏ ବୋତଲ ଆଣି ଟେବୁଲ ଉପରେ ଥୋଇଲା । କାଚ ଗିଲାସରେ ଢାଳିଲା ସରାପ ।

ସିଗାରେଟ ପରେ ସିଗାରେଟ ଜଳି ଚାଲିଛି । ଧୂଆଁ ଘରର ଚତୁର୍ଦ୍ଦିଗ କୁଣ୍ଡଳୀ ଭାବି ବୁଲୁଛି । ସରୋଜ ଗିଲାସ ପରେ ଗିଲାସ ପିଇ ଚାଲିଛି ।

କିଣାରେ ଦୁନିଆର ସବୁ ଭାବନା ଭୁଲି ଶାନ୍ତିରେ ବିଶ୍ରାମ ନେବା ପାଇଁ ସରୋଜ ସରାପ ପିଉଛି । ତଥାପି ମନରେ ଶାନ୍ତି ନାହିଁ । ନିଶାରେ ମନକୁ ଭୁଲାଇବାକୁ ଚେଷ୍ଟା କଲେବି ସେହି ପୁରୁଣା ସ୍ମୃତି—ମାନସ ପଟରେ ଉଙ୍କି ମାରୁଛି । ବୀଣାର ହସ ହସ ମୁହଁ ଯେପରି ଚାରିଆଡ଼େ ଦେଖା ଯାଉଛି ।

ଚିତ୍କାର କରି ଉଠିଲା ସରୋଜ—

"ବୀଣା.........ବୀଣା..........।"

ଡେଇଁ ଉଠିଲା ମିସ୍ ଦାସଗୁପ୍ତା । ଅନାଇଲା ସେ — ସଶୋକ ଟେବୁଲ ପାଖରେ ବସିଛି । ପାଖରେ ସସ୍ପ ବୋତଲ ଥୁଆ ହୋଇଛି । ଟ୍ରେରେ ଅଧାଜଳା ସିଗାରେଟ୍‌ର ଧୂଆଁ ଘରର ଚଉଅଧି କୁଣ୍ଡଳୀ କାଟି ବୁଲୁଛି ।

ଆଶ୍ଚର୍ଯ୍ୟରେ ଅନାଇଁ ରହିଲା ସଶୋକଙ୍କୁ ମିସ୍ ଦାସଗୁପ୍ତା । ସଶୋକ ନିଶାରେ ମ୍ଳାନ ହସିଲ ବସିଛି । ତଥାପି ସସ୍ପ ବୋତଲ ଉପରେ ଲୋଭନୀୟ ଦୃଷ୍ଟି ।

ଥରିଲା ହାତରେ ସସ୍ପ ବୋତଲ ଉଠାଇ ଗିଲାସରେ ଭାଳିଲା ସଶୋକ । ପିଇବ ବୋଲି ଗିଲାସଟି ଓଠ ପାଖକୁ ଉଠାଇବା ସମୟରେ ମିସ୍ ଦାସଗୁପ୍ତା ଦୌଡ଼ି ଆସି ସଶୋକର ହାତକୁ ଧରି ଆବେଗ କଣ୍ଠରେ କହିଲା—

"ମୋ ସ୍ୱଣୀ ସବୋଜବାବୁ ଏଗୁଡ଼ା ଆଉ ପିଅନ୍ତୁ ।"

ହସି ଉଠିଲା ସଶୋକ । ଲାଲ୍ ଲାଲ୍ ଆଖିରେ ଅନାଇଲା ସେ ମିସ୍ ଦାସଗୁପ୍ତାଙ୍କୁ । କିଛି କହି ପାରିଲାନି ସେ । ଖାଲି ମୁହଁରେ ଫିକାଳିଆ ହସ ।

"କଣ ପାଉଛ ଏଗୁଣ୍ଡ କିଛି ?"

ମିସ୍ ଦାସଗୁପ୍ତା କଣ୍ଠରେ ଅଭିମାନ ଫୁଟି ଉଠିଲା ।

ସଶୋକ କହିଲା—

"କଣ ଆଉ ପାଉଛ ? ଦୁନିଆରେ ସମସ୍ତେ ଯାହା ପାଆନ୍ତି, ମୁଁ ତାହାହିଁ ପାଉଛି ?"

"ଦୁନିଆଁରେ କଣ ସମସ୍ତେ ତମର ପରି ମଦୁଆ ?"

"ନିଶ୍ଚୟ ? ସବୁଆଡ଼େ କହୁଛ—ହଜାରରେ ବାହୁଡ଼—ଦୁନିଆଁର ଲୋକ ମଦୁଆ ।"

"ଜଳେ ସସ୍ପ ପିଇ ନିଶା ଛଡ଼ାଇବାରେ ସବୁ ଲୋକଙ୍କୁ ପଡ଼

ମଦୁଆ ବୋଲି କୁହ ତୁମକୁ ପାଗଳ ନକହି ଆଉ କଣ କହିବ ?"

"ପାଗଳ ! ହାଃ — ହଃା — ପାଗଳ ! ଠିକ୍ କହୁଚ ମିସ୍ ଦାସଗୁପ୍ତା ......ମୁଁ......ମୁଁ ପାଗଳ ।"........

ଚୌକୀରୁ ଉଠି ଟଳିଟଳି ଆସି ଝରକା ପାଖରେ ଠିଆ ହେଲା ସଶ୍ୱେକ ।

ରାସ୍ତାକୁ ଅନାଇଁଲା ସେ । ସବୁ ଶୂନଶାନ । ବିଜୁଳି ଆଲୁଅରେ ସିମେଣ୍ଟ ରାସ୍ତା ନିର୍ଜନରେ ପଡ଼ି ରହିଛି । କୋଠାଘର ସବୁ ନିରବ । ଗହଳ ଚହଳର ନାଆଁ ଗନ୍ଧ ନାହିଁ । ସମସ୍ତେ ଶୋଇ ଯାଇଛନ୍ତି ।

ଲବକ୍ଷଣ ଭଳି ରାସ୍ତାକୁ ଅନାଇଁ ଠିଆ ହୋଇଛି ସଶ୍ୱେକ । କୋଠା କାନ୍ଥରେ ସିନେମା ପୋଷ୍ଟର । ରଙ୍ଗ ବେରଙ୍ଗର କେତେ ସିନେମା ଅଭିନେତ୍ରୀଙ୍କ ଛବି ।

ନୃତ୍ୟ ତାରକା ମୋହନାର ଛବି ସଶ୍ୱେକ ଆଖି ଆଗରେ ନାଚି ଉଠିଲା । ସେହି ପୋଷ୍ଟର ଆଡକୁ ସେ ଏକ ଦୃଷ୍ଟିରେ ଅନାଇଁ ଠିଆ ହେଲା ।

ମିସ୍ ଦାସଗୁପ୍ତା ଆସି ସଶ୍ୱେକ କାନ୍ଧ ଉପରେ ହାତ ଥୋଇ ଧୀର କଣ୍ଠରେ ପଚାରିଲା —

"ଏଠି ଠିଆ ହୋଇ କଣ ଦେଖୁଚ ? ବିଛଣାରେ ଶୋଇପଡ ।

'ନା—ନା—ମୁଁ ଶୋଇବିନି । ମୋତେ ସେ ଡାକୁଚି ମୁଁ ଯିବି — ମୋତେ ତା ପାଖରେ ଛାଡ଼ି ଆସ ।"

"କାହିଁ ? କିଏ ଡାକୁଚି ?"

''ଦେଖି ପାରୁ ନାହିଁ ? ହାଃ—ହାଃ—। ତମେ କିଛି ଦେଖି-ପାରୁ ନାହିଁ ମିସ୍ ଦାସଗୁପ୍ତା ?"

''କାହିଁ ! ମୁଁ ତ କିଛି ଦେଖିପାରୁନି — ? କିଏ ! ତାହା ପାଖକୁ ନେଇ ଯିବାକୁ କହୁଚ ?"

"ଜାଣନା — ତମେ ମୋତେ ଜାଣନା ମିସ୍ ଦାସଗୁପ୍ତା ? ବାଣୀକୁ ମୋତେ ତମେ ଚିହ୍ନିନାହିଁ ?"

ମିସ୍ ଦାସଗୁପ୍ତା ଅଷ୍ଟପଣରେ ଚାହିଁ ରହିଲା ସରୋଜର ମୁହଁକୁ ।

ସରୋଜ ଚାଲି ଚାଲି ନିଜର ବଗଣା ପାଖକୁ ଆସିଲା । ମୁହଁରେ କେତେ ପ୍ରକାରର ଅଜେ ବାଜେ କଥା । ତନ୍ନ ତନ୍ନ କରି ଖୋଜିବାକୁ ଲାଗିଲା । ପାଇଲାନି ସେ । ତଥାପି ବଗଣାକୁ ଓଲଟ ପାଲଟ କରିବାରେ ଲାଗିଲା ସେ ।

ମିସ୍ ଦାସଗୁପ୍ତା ସରୋଜର ଖୁବ୍ ନିକଟକୁ ଆସି ଧୀରସ୍ୱରରେ ପଚାରିଲା—

"କଣ ଖୋଜୁଛ ସରୋଜବାବୁ ?"

"ସିଗାରେଟ କେସ ।"

ମିସ୍ ଦାସଗୁପ୍ତା ଦଆଲକୁ ଅନାଇଁଲା । କୋଟ୍ ଟଙ୍ଗା ହୋଇଛି ପକେଟରେ ହାତ ପୂରାଇଲା । ସିଗାରେଟ କେସ ଆଣିବା ସମୟରେ ପକେଟରୁ ଗୋଟିଏ ଫଟୋ ବାହାରି ଆସିଲା । ଉକ୍ତ ଫଟୋରେ ଜଣେ ସ୍ତ୍ରୀ ଲୋକ ବସିଛି । ପାଖରେ ଠିଆ ହୋଇଛି ଜଣେ ଯୁବକ ।

ସିଗାରେଟ କେସଟି ସରୋଜ ହାତକୁ ବଢାଇ ଦେଲା ମିସ୍ ଦାସଗୁପ୍ତା । ଫଟୋଟି ତରବରରେ ବ୍ଲାଉଜ ଭିତରେ ଗୁଞ୍ଜି ଦେଇ ସରୋଜ ପାଖରେ ବସି ରହିଲା ସେ ।

ସରୋଜ ସିଗାରେଟଟି ଧରାଇ ଟାଣିବାକୁ ଲାଗିଲା । ମିସ୍ ଦାସଗୁପ୍ତା କିନ୍ତୁ ସରୋଜର ମୁହଁକୁ ଏକ ଲୟରେ ଅନାଇଁ ରହିଛି ।

କିଛି ସମୟ ନୀରବରେ କଟିଲା ।

ସରୋଜ ସିଗାରେଟର ବାକି ଅଂଶ ପକାଇ ଦେଇ ଶଯ୍ୟାରେ ଶୋଇ ପଡ଼ିଲା, କିନ୍ତୁ ପାରିଲାନି । ଉଠି ବସି ମୁଣ୍ଡକୁ ଚାପି ଧରିଲା ।

ଅଧୀର ଆବେଗରେ ମିସ୍ ଦାସଗୁପ୍ତା ସଶୋକର ଅତି ନିକଟକୁ ଯାଇ ପଚାରିଲା —

"କ'ଣ ହେଲା ? ଏପରି ମୁଣ୍ଡକୁ ଚାପିଧରି ବସି ପଡ଼ିଲ ଯେ ?"

ମୁଲାଏମ କଣ୍ଠରେ ସଶୋକ କହିଲା —

"ମୁଣ୍ଡ ଝାଇଁ ଝାଇଁ ହେଉଛି, ଯେତେ ଭୁଲିବାକୁ ଚେଷ୍ଟା କଲେ ବି ଭୁଲି ପାରୁନି ।"

"କାହାକୁ ଭୁଲିବାକୁ ଚେଷ୍ଟା କରୁଚ ?"

ମିସ୍ ଦାସଗୁପ୍ତା ମୁହଁରେ ମୃଦୁ ହସ ।

"ତାହାକୁ ? ସେକଥା ପଚାର ନାହିଁ ମିସ୍ ଦାସଗୁପ୍ତା !"

"କ'ଣ ମନରେ ଦୁଃଖ ହେଲା ?"

"ଦୁଃଖ ଅବଶ୍ୟ ନୁହେଁ ।"

"ତଥାପି..."

ସଶୋକ ସେହିପରି ଫିକାଳିଆ ହସ ହସି କହିଲା —

"ତଥାପି ଆଉ କ'ଣ ? ଯିଏ ଯାହାକୁ ଅନ୍ତର ଦେଇ ଭଲ ପାଏ ତାକୁ କି ସହଜେ ଭୁଲେ ସେ ।"

"କିଏ ସେହି ଭାଗ୍ୟବତୀ ? ଯାହା ପାଇଁ ଏପରି ଅଧୀର ହେଉଚ ?"

"ଯଦି କହେଁ..."

"କୁହ ! ଅଟକି ଗଲ ଯେ ?"

"ତୁମେ ନାରୀ ତଥାପି ପୁରୁଷ ଜଣ ଗୁହେ ଆଉ ତାହାକୁ ଖୋଜେ ଜାଣି ପାରୁନ ?"

ଲାଜରେ ମିସ୍ ଦାସଗୁପ୍ତାର ମୁହଁ ନାଲି ପଡ଼ିଗଲା । ସଶୋକ ପାଖରୁ ଉଠି ପଳାଇ ଯିବାକୁ ତତ୍ପର ହେଲା ସେ ।

କିନ୍ତୁ ସଶୋକ ଛାଡ଼ିଲାନି । ଲୁଗା କାନିକୁ ଟାଣି ଧରିଲା ।

ମିସ୍ ଦାସଗୁପ୍ତା ପୁଣି ସରୋଜ ପାଖରେ ଦେହକୁ ଦେହ ଲଗାଇ ବସି ରହିଲା ।

ସରୋଜ କହିଲା—

"ମୁଁ ସସ୍ତପ ପିଇଛି । ହୁଏତ ଭ୍ରମପାଇ ନିଶା ଖିଆଲରେ କ'ଣ ଗୁଡ଼ାଏ କହି ଗଲିଣି । କିନ୍ତୁ..."

ଆଗ୍ରହରେ ମିସ୍ ଦାସଗୁପ୍ତା କହିଲା –

"କ'ଣ କହୁ – ଏପରି ଅଙ୍ଗ ଅଙ୍ଗ ହେଉଛ କାହିଁକି ?"

"ମୁଁ ସସ୍ତପ ପିଇଲେ ମନ ମୋର ହାଲୁକା ହୁଏ । ସବୁବେଳେ ଅନ୍ତର କଥା ଖୋଲି କହିବା ପାଇଁ ଉପଯୁକ୍ତ ସାଥୀଟିଏ ଖୋଜି-ବୁଲେ—।

"ମୁଁ କଣ ତମର ଉପଯୁକ୍ତ ନୁହେଁ ?"

କହି ଦେଇ ଲାଜରେ ମୁହଁ ତଳକୁ ପୋତି ଦେଲା ମିସ୍ ଦାସ-ଗୁପ୍ତା ।

ସରୋଜ କହିଲା —

"ସେ କଥା ମୁଁ କହୁନି । ଅରେ ଯାହାକୁ ମନେ ମନେ ଭଲ ପାଇଛି, ଦ୍ୱିତୀୟ ଥର ପାଇଁ ଅପଣଙ୍କୁ ଭଲ ପାଇବା ଆଉ ଉପଯୁକ୍ତ ସାଥୀ ରୂପରେ ଭାବିବା କଣ ଠିକ୍ ହେବ ?"

"ସେ ଯଦି ସେହି ପ୍ରେମିକକୁ ଚିରଦିନ ପାଇଁ ଭଲ ପାଇ ଥାଏ?"

"ଉପେକ୍ଷା କଲେ ଅନ୍ତରରେ ତା' ପ୍ରେମିକାଟି ଦୁଃଖ ପାଇବ— ଏଇ କଥା କହୁଚନ୍ତି ?"

ମିସ୍ ଦାସଗୁପ୍ତା ମୁଣ୍ଡ ନୁଆଁଇ ସମ୍ମତି ଜଣାଇଲା । କିଛି କହି-ଲାନି ।

ସରୋଜ କହିଲା—

"ମୋ ଜୀବନର ଇତିହାସ ଜାଣିଲା ମିସ୍ ଦାସଗୁପ୍ତା—ମୋତେ

ଜାଣନା—ତାହାଙ୍କ ବେଳେ ବେଳେ ମୁଁ ପାଗଳପରି ହୋଇ ଯାଏ । ଅନ୍ତର ତଳେ ଯେଉଁ ବେଦନା ସେଇଥିକୁ ଚପାଇବା ପାଇଁ ପିଉଚି ସଷ୍ପ—କନ୍ଟୁ—କନ୍ଟୁ—ଉଥାଗି ପ୍ରାଣରେ ଅସୁମା ଶାନ୍ତି

"ଗୋଟିଏ ଅନୁରୋଧ ରଖିବ ?"

'ଅନୁରୋଧ ନୁହେଁ—ଆଦେଶ କର ।"

'ଆଦେଶ ପାଳନ କରିବତ ?'

"ନିଶ୍ଚୟ ।"

"ନିଶା ଖିଆଲରେ କହୁ ନାହିଁତ ? ଭଲକରି ଭାବି ନିଅ ।"

"ତମରି ହାତ ଉପରେ ହାତ ଥୋଇ ଶପଥ କରୁଚି । ଯାହି କହିବ ଅକ୍ଷରେ ଅକ୍ଷରେ ପାଳନ କରିବି ।"

"ହାତ ଉପରେ ହାତ ରଖି ପୁଣି ଠେଲି ବାହାର କ ଦେବନି ତ ଆଉ ?"

ଆଶ୍ଚର୍ଯ୍ୟ ମିଶା ଭଙ୍ଗୀରେ ସରୋଜ ଅନାଇଁ ରହିଲା ମିସ୍ ଦାସଗୁପ୍ତ ଆଡ଼କୁ ।

ତାହାର ମୁହଁରେ କଥା ନାହିଁ, ଦୁହେଁ ଦୁହିଁଙ୍କୁ ଚାହିଁ ଛନ୍ତି । ଚାରି-ଆଡ଼େ ନିରବ ନିସ୍ତବ୍ଧ ।

କିଛିକ୍ଷଣ ପରେ ସରୋଜ କହିଲା —

"ଅବାଧ ହେବନି — ଯାହା କହିବ କରିବି ।"

"ଏଠାକୁ ଆଣିବାର କାରଣ କଣ ଜାଣ ?"

"କାରଣ ଆଉ କ'ଣ ? ତମେ ଆଣିଚ ମୁଁ ଆସିଚି ।"

"ଏଘର ତାହାର କହି ପାରିବ ?"

"ନା !"

"ଏଘର ମୋର ।"

ଆଶ୍ଚର୍ଯ୍ୟରେ ମିସ୍ ଦାସଗୁପ୍ତା ମୁହଁକୁ ଅନାଇଁ ରହିଲା ସରୋଜ ।

ହସ ହସ ମୁହଁରେ ମିସ୍ ଦାସଗୁପ୍ତା କହିଲା—

"ଆସ ମୋ ସାଙ୍ଗରେ ।"

"କେଉଁଠାକୁ ?"

"ଆସିଲେ ସିନା କହିବ ?"

ମିସ୍ ଦାସଗୁପ୍ତା ଘରର କବାଟ ଖୋଲିଲା । ଦୁହେଁ ଘର ଭିତରୁ ବାହାର ତଳ ମହଲାକୁ ଓହ୍ଲାଇ ଆସିଲେ ।

ଗୋଟିଏ ଦୁଆର ପାଖରେ ଠିଆହୋଇ ତାଲା ଖୋଲିଲା ମିସ୍ ଦାସଗୁପ୍ତା । ଭିତରକୁ ଯାଇ ଲାଇଟ୍ (ବିଜୁଳିବତୀ) ଜଳାଇଲା ।

ଘର ଭିତରକୁ ସନ୍ତୋଷ ପଶି ଯାଇଁ ଯାଇଁ ଆଶ୍ଚର୍ଯ୍ୟରେ ଗୃହ ଅଙ୍ଗକୁ ଅନାଇଁ ଦେଖିଲା—ସୁନ୍ଦର ସାଜସଜ୍ଜା—ମନ ମୁଗ୍ଧକର ଘରର ଅବସ୍ଥାସ ପରି—।

ସୁସଜ୍ଜିତ ପଲଙ୍କ ଉପରେ ସନ୍ତୋଷକୁ ବସାଇ ନିଜେ ତାପାଖରେ ବସି ପଡ଼ିଲା ମିସ୍ ଦାସଗୁପ୍ତା ।

ଘରର ଗୃହଅଙ୍ଗକୁ ଆଖି ବୁଲାଇ ଦେଖୁଥିଲା ସନ୍ତୋଷ । କାନ୍ଥରେ ନାନା ପ୍ରକାରର ଛବି । ସମସ୍ତ ଛବି ଗୁଡ଼ିକୁ ଭଲ ଭାବେ ଲକ୍ଷ୍ୟ କରି ଦେଖୁଥିଲା ସେ । ହଠାତ୍ ଗୋଟିଏ ଛବି ପାଖରେ ଆଖି ତାର ଅଟକିଗଲା । ଏକ ଧ୍ୟାନରେ ସେହି ଛବିଟିକୁ ଅନାଇଁ ରହିଲା ସେ—।

ମିସ୍ ଦାସଗୁପ୍ତା ଧୀର ଗଳାରେ କହିଲା...

"ଏକ ଧ୍ୟାନରେ କଣ ଦେଖୁଛନ୍ତି ?

"ଯେଉଁ ଛବିଟି କାନ୍ଥରେ ଟଙ୍ଗା ଯାଇଛି ଏହି ଛବିଟି କାହାର ?"

"ତାକୁ କଣ ଚିହ୍ନେନ୍ତି ?"

ମିସ୍ ଦାସଗୁପ୍ତା ମୁହଁରେ ମୃଦୁ ହସ ।

"ଚନ୍ଦ୍ରାନନା ଯଦର୍ଣ୍ଣ ଉଆପି ଭେଙ୍କଟି ଦେଖିଲାପରେ ମନେ ହେଉଚି ।"

"ତମୋର ଜଣେ ଯାଙ୍ଗର ?"

"ନାଆଁ କଣ ?"

"ବୀଣା !"

"ବୀଣା ?"

"ହଁ ।"

ମିସ୍ ଦାସଗୁପ୍ତାଙ୍କୁ ଅଶ୍ଚର୍ଯ୍ୟ ଭାବେ ଅନାଇଁ ରହିଲା ସଶୋକ ।

ହସ ହସ ମୁହଁରେ ମିସ୍ ଦାସଗୁପ୍ତା କହିଲା...

"ବୀଣାକୁ କଣ ତମେ ଚିହ୍ନ ?"

"......................"

ସଶୋକ କିଛି କହି ପାରିଲାନି । ଦେଇ ଦୁଇଟି ଖାଲି ଥର ଉଠିଲା ।

"କଣ ମୋ କଥାର ଉତ୍ତର ଦେବନି ?"

ସଶୋକ ଥରେ ମିସ୍ ଦାସଗୁପ୍ତାଙ୍କୁ ଅନାଇଁଲେ ଥରେ ଛବିଟିକୁ ଅନାଇଁଲା ।

ମିସ୍ ଦାସଗୁପ୍ତା ପୁଣି ପଚାରିଲା...

"ମୋ ଚେହେରା ସାଙ୍ଗରେ ସେ ଛବିଟିକୁ ତୁଳନା କଲେ କଣ ଏକାପରି ଦେଖିବ ସଶୋକବାବୁ ?"

"ମୋର ମନେ ହୁଏ...।"

"କଅଣ ?"

"ମୋର ମନେହୁଏ—ଏହି ଛବିଟି ଆଉ କାହାର ନୁହେଁ । କିନ୍ତୁ ତମର କଣୋଟି ବସ୍ତୁର ଛବି ଭଏ ?"

ଏକନେଇ ମୁଁ କୁଡ଼ୀ ନୁହେଁ ?"

"ତଥାପି କୈଶୋର୍ଯ୍ୟ ବୟସ ଛପି ଯାଉଛି···"

"କିନ୍ତୁ ବୀଣାର କୈଶୋର୍ଯ୍ୟ ବୟସର ଛବି ଭଏ।"

"ମିଛ କଥା—"

"ସତକଥା ଯଦି ଜାଣି ତେବେ କୁହ।"

ମିସ୍ ଦାସଗୁପ୍ତାଙ୍କ ଏପରି କଥାରେ ସରୋଜ ଆଉ କଣ କହିବ କିଛି ଠିକଣା କରି ପାରିଲାନି, ମୁହଁକୁ ଖାଲି ଚାହିଁ ରହିଲା। ଆଉ ମନେମନେ ଭାବିଲା—ମିସ୍ ଦାସଗୁପ୍ତା ଆଜି ବୀଣା ନୁହେଁ ତ? ହାବ ଭାବରୁ ତ ଠିକ୍ ବୀଣାର ଚେହେରାଂଶ ଜଣା ଯାଉଛି।

ଧୀର ଗଳାରେ ପଚାରିଲା ସେ—

"ଅଚ୍ଛା! ବୀଣାର ଘର କେଉଁଠି ଜାଣ?"

"ତା' ଘର କି ତା' ଘର ହେଉଛି ଶୋଭା ପୁର।"

ଚମକି ଉଠିଲା ସରୋଜ। ମିସ୍ ଦାସଗୁପ୍ତାର ହାତକୁ ନିଜ ହାତ ମୁଠା ଭିତରେ ଥୋଇ ଅଧୀର ଗଳାରେ ସେ କହିଲା—

"ତମେ ଜାଣି ବୀଣାକୁ। ସେ କେଉଁଠି ଅଛି କହି ପାରିବ? ତା'ଆରି ପାଇଁ ଆଜି ମୋର ଏ ଦଶା—"

ଆଉ କିଛି କହି ପାରିଲାନି ସରୋଜ। ଆଖିତାର ଛଳ ଛଳ ହୋଇ ଆସିଲା।

ଧୀର ଗଳାରେ ମିସ୍ ଦାସଗୁପ୍ତା କହିଲା—

"ଜାଣି ନାହିଁ। ସେ ଅଛି। କିନ୍ତୁ ତମେ ତାକୁ ପାଇ ପାରିବନି!

"ନିଶ୍ଚୟ ତାକୁ ପାଇବି। ତମକୁ ମୋର ଅନୁରୋଧ—ଖାଲି ତାର ଠିକଣା ବତେଇ ଦିଅ।"

"ବୀଣାକୁ ପାଇଲେ ତମେ ସିନା ସୁଖି ହେବ । କିନ୍ତୁ ସରଳାର ଅବସ୍ଥା ଯେ କଣ ହେବ ସେକଥା ଜାଣି ପାରୁଚ ? ସେ ଯେ ତମର ବିବାହିତା ସ୍ତ୍ରୀ……।"

ଅଶୋକ ମୁହଁରେ ଫିକାଳିଆ ହସ । ହତାଶ କଣ୍ଠରେ କହିଲା ସେ—

"ବିବାହିତା ସ୍ତ୍ରୀ ! କିଏ ସରଳା ? ତମେ ଭୁଲବୁଝିଚ ମିସ୍ ଦାସ ଗୁପ୍ତା—ତମେ ଭୁଲ ବୁଝିଚ । ସରଳା ପ୍ରକୃତରେ ମୋର ସ୍ତ୍ରୀ ନୁହେଁ କି ମୁଁ ତାର ସ୍ୱାମୀ ନୁହେଁ ।

"ମନଗଢା କଥା କଏ । ସରଳାକୁ ତମେ ବିବାହ କରିଚ ଧର୍ମକୁ ସାକ୍ଷୀରଖି ତାର ହାତ ଧରିଚ । ଏକଥାକୁ ତମେ ମିଛ ବୋଲି କହି ମତେ ଭଣ୍ଡେଇ ଦେବାକୁ ଚାହଁ ଅଶୋକ ବାବୁ ?"

"ମିଛ ନୁହେଁ ମିସ୍ ଦାସଗୁପ୍ତା ! ଏହା ନିଶ୍ଚିତ ସତକଥା ସରଳାକୁ ବିବାହ କରିଚି ମାଙ୍କ ଅନୁରୋଧରେ । ଦୁନିଆଁ ଜାଣେ ସରଳା ମୋର ସ୍ତ୍ରୀ ବୋଲି କିନ୍ତୁ ପ୍ରକୃତରେ ସେ ମୋର ସ୍ତ୍ରୀ ନୁହେଁ । ଲୋକ ଦେଖାଣିଆ ଖାଲି ଆମର ସ୍ୱାମୀ ସ୍ତ୍ରୀର ଅଭିନୟ କଏ ।"

"ମାନିଲି । ତମର ଲୋକ ଦେଖାଣିଆ ଅଭିନୟ । ଯଦି ବୀଣାକୁ ତମେ ପାଅ । ତାକୁ ନେଇ ସଂସାର ଗଢ । ତେବେ ସରଳାର ମନର ଅବସ୍ଥା କଣ ହେବ ଜାଣ ?

"ଜାଣେ ମିସ୍ ଦାସଗୁପ୍ତା—ଖୁବ୍ ଭଲ ଭାବରେ ଜାଣେ । ଏଥିରେ ସରଳା ଭାରି ଖୁସୀ ହେବ ।"

"ତମେ ପୁରୁଷ ହୋଇ ନାରୀର ମନ କଥା କିପରି ଜାଣିବ ? ନିଜର ପୁରୁଷକୁ ଯଦି ଅନ୍ୟ ସ୍ତ୍ରୀ ସାଙ୍ଗରେ କଥା କହିବାର ସ୍ତ୍ରୀ ଦେଖେ ତେବେ ମୁହଁ ଫୁଲାଏ—ଅଭିମାନରେ କଥା କହେନି ।"

"କିନ୍ତୁ ସରଳା ସେପରି ନୁହେଁ ।"

"କିପରି ଜାଣିଲ ?"

ଦୀର୍ଘ ନିଶ୍ୱାସ ପକାଇ ସରୋଜ କହିଲା—

"ନ କହିଲେ ତମେ ବା କିପରି ଜାଣିବ ମିସ୍ ଦାସଗୁପ୍ତା ? ଦରଦୀ ଠିକ୍ ଦରଦୀର ଅନ୍ତର ବେଦନା ଜାଣେ । ସରଳା ସାଙ୍ଗରେ ମୋର ବିଭାଘର ହୋଇ ଯାଇଛି ସତ କିନ୍ତୁ ପ୍ରକୃତରେ ସେ ମୋର ସ୍ତ୍ରୀ ନୁହେଁ କି ମୁଁ ତାର ସ୍ୱାମୀ ନୁହେଁ । ଗୋଟିଏ ଘରେ ଥାଉଛି ଛତଶାରେ ରାତି କଟେ ଆମ ଦ' ଜଣଙ୍କର । ପରସ୍ପର ନିକଟରେ ଏମବେଦନା ଛଡ଼ା ଆଉ କିଛି ନାହିଁ ଆମ ଦ'ଜଣଙ୍କ ଭିତରେ । ମୁଁ ବାଣୀ କଥା କହେ ସେ ମୋତେ ନରେଶ୍ କଥା ଶୁଣାଏ –

"ନରେଶ କିଏ ?"

"ସରଳାର ପ୍ରେମିକ । ଯାହାକୁ ସେ ତାର ଦେହ ମନ ସବୁ ଅର୍ପଣ କରି ସାରିଛି ।"

"ଶୁଣିଛି ସରଳାର ଗୋଟିଏ ପୁଅ ହୋଇଛି । ସେ ତୁମକୁ ବାପା ବୋଲି ଡାକେ । ସେ ପୁଅଟି ପୁଣି ଆସିଲା କୁଆଡ଼ୁ ?"

ମିସ୍ ଦାସଗୁପ୍ତା ମୁହଁରେ କୌତୂହଳର ଭାବ ଫୁଟି ଉଠିଲା । ସରୋଜ କିଛି ନକହି ତଳକୁ ମୁହଁ ପୋତି ବସି ରହିଲା ।

କିଛି ପରେ ହସ ହସି ମିସ୍ ଦାସଗୁପ୍ତା ପୁଣି କହିଲା—

"କୁହ ? କୁହ ସରୋଜ ବାବୁ ? ସରଳା କୋଳରେ ଯେଉଁ ଶିଶୁଟି ବଢୁଛି ସେ କାହାର ସନ୍ତାନ ?"

ସରୋଜର ଓଠ ଥରି ଉଠିଲା । କରୁଣ ଦୃଷ୍ଟି ନିକ୍ଷେପ କରି ଚାହିଁ ରହିଲା ମିସ୍ ଦାସଗୁପ୍ତାର ମୁହଁକୁ ।

"ବିଶ୍ୱାସ କର ମିସ୍ ଦାସଗୁପ୍ତା ! ସରଳା କୋଳରେ ଯେଉଁ ଶିଶୁଟି ବଢୁଛି ସେ ନରେଶ୍‌ର ସନ୍ତାନ—ମୋର ନୁହେଁ ।"

"ନରେଶ୍‌ର କିଛି ଖବର ପାଇଛ ?"

"ଅନେକ ଅନୁସନ୍ଧାନ କରିଛି କିନ୍ତୁ ନରେଶର କୌଣସି ସନ୍ଧାନ ପାଇନି ।"

"ମୁଁ ଯଦି ନରେଶ୍ ସନ୍ଧାନ ଦିଏ ?"

ଅପଲକ ଆଖିରେ ମିସ୍ ଦାସଗୁପ୍ତା ମୁହଁକୁ ଅନାଇଁ ରହିଲି ସଞ୍ଜୀବ । ମନରେ ତାର କେତେ କଥା—ଅସଂଖ୍ୟ ଭାବନା ।

କିଏ ଏଇ ମିସ୍ ଦାସଗୁପ୍ତା ? ଯଦିଓ ଏହାଙ୍କର ପ୍ରକୃତ ପରିଚୟ ଜଣା ନାହିଁ ତଥାପି ଯେତେ ଏହାଙ୍କ ସାଙ୍ଗରେ ମିଶୁଛି ମନ ସେତେ ସନ୍ଦେହ ଜାଲରେ ଛନ୍ଦି ହୋଇ ଯାଉଛି । ବୀଣାକୁ ପୂର୍ବ କିପରି ଜାଣିଲା । ନରେଶ୍ ସନ୍ଧାନ ପାଇଲା କିପରି ? କିଏ ଏଇ ମାୟାବିନୀ ?

ମୃଦୁ ହସି ମିସ୍ ଦାସଗୁପ୍ତା କହିଲା—

"ପୁଣି କଣ ଭାବୁଛ ?"

"ଭାବୁଛି—ତୁମର ପାଖେ ପାଖେ ଏତେ ଦିନ ରହି ତମକୁ ବୁଝି ପାରିଲିନି—ତୁମେ କିଏ ?"

ମୁଁ ? ମୁଁ ପରା ମିସ୍ ଦାସଗୁପ୍ତା ! ମଦନମୋହନ ଜଣା ଏ ଯାଏ ଛୁଇଁନି ?"

ଖିଲ୍ ଖିଲ୍ ହୋଇ ହସି ଉଠିଲା ମିସ୍ ଦାସଗୁପ୍ତା ।

ସଞ୍ଜୀବ କହିଲା—

"ତମେ ହସୁଛ ମିସ୍ ଦାସଗୁପ୍ତା ?"

"ପ୍ରାଣ ଖୋଲି ହସିବି—ଅଜି ଯେ ମୋର ହସିବାର ପାଳି ?"

"ଏଥିରେ ହସିବାର କାରଣ କଣ ରହିଲା ?"

"କାରଣ ଯଥେଷ୍ଟ ଅଛି । କହିପାରିବ ସଞ୍ଜୀବବାବୁ ସରକାରୀ ଜେଲରେ ଯେଉଁ ଶିଶୁଟି ବଢୁଛି ସେ କାହାର ? ଅଜି ଯଦି ତମର

ମଣୀକୁ ନେଇ ଘର ବାନ୍ଧିବ—ତେବେ ସବଳାର କଣ ହେବ ? ଏ କଳଙ୍କର ଦାଗ ଲିଭିବ କିପରି ?"

"......................."

ସତ୍ୟେଜ ନୀରବ, ମୁହଁରେ କଥା ନାହିଁ ।

"କୁହ—ନୀରବ କାହିଁକି ସତ୍ୟେଜବାବୁ ?"

"କହିବି ! ସବୁ କହିବି ତମ ଆଗରେ । ହେଲେ ତମେ ମୋ କଥା ବିଶ୍ୱାସ କରିବତ ?"

"ଯଦି ସତକଥାଟା ତମର ମୋ ଅନ୍ତରକୁ ଛୁଇଁ ପାରିବ—କାହିଁକି ବିଶ୍ୱାସ ନକରିବି ?"

"ତମ ଅନ୍ତରକୁ ମୋ କଥା ଛୁଇଁ ପାରିବନି ମିସ୍ ଦାସଗୁପ୍ତା ।"

"କାହିଁକି ?"

"ଯେହେତୁ ତମ ଅନ୍ତର ସାଙ୍ଗରେ ମୋ ଅନ୍ତରର ଆଦୌ ମେଳ ନାହିଁ ।"

"ଏତେଦିନ ମିଳାମିଶି ଆସିଲ—ମୋ ବିଷୟରେ ଶେଷକୁ କଣ ଏଇ ଧାରଣା ହେଲା ?"

"ଅରେ ଯାହାକୁ ମନପ୍ରାଣ ଦେଇ ଭଲ ପାଇବାକୁ ହୁଏ, ସେ ଯଦି ପାଖରୁ ଚାଲିଯାଏ ତେବେ—ତେବେ ତାକୁହିଁ ଟାଣିଟା ଖୋଜି ବୁଲେ ।"

"ତାର ସ୍ଥାନ ଯଦି ଆଉ ଜଣେ ଅଧିକାର କରେ ତେବେ କଣ ସେ ନିଜର କରି ପାରିବନି ?"

"ନା !"

"ମିସ୍ ଦାସଗୁପ୍ତା ମୁହଁରେ ମୃଦୁ ହସ ଫୁଟି ଉଠିଲା । ଧୀର ଓ କୋମଳ କଣ୍ଠରେ କହିଲା ସେ—

"ଯଦି ବୀଣାକୁ ପାଖରେ ଆଣି ପହଞ୍ଚାଇ ଦେବ ତେବେ ସତ କଥାଟା ତା ଆଗରେ କହିବତ ?"

"ନିଶ୍ଚୟ କହିବି—ମାନେ ବୀଣା କଣ ଅଛି ?"

ସରୋଜର ଆଖି ଛଳ ଛଳ ହୋଇ ଆସିଲା ।

ମିସ୍ ଦାସଗୁପ୍ତା ସରୋଜର ହାତକୁ ଆଣି ନିଜ ହାତ ମୁଠାରେ ଥୋଇ କହିଲା—

"ନିଶ୍ଚୟ ଅଛି ! ତମ ବୀଣା ଅଛି ଓ ତମର ହୋଇ ରହିବ । ଥରେ ଚାହିଁଲ ମୋ ଆଡ଼କୁ ।"

ସରୋଜ ଅନାଇଁଲା । ଦୁଇଧାର ଲୁହ ଆଖିରୁ ବୋହି ଯାଉଛି ଗାଲ ଉପର ଦେଇ । ବୀଣା ଲୁହତକ ନିଜ କାନିରେ ପୋଛି ଦେଇ ପୁଣି କହିଲା—

"ମତେ ଅନାଇଁ ତଥାପି ଚିହ୍ନି ପାରିଲନି ?"

ତଥାପି ସରୋଜ ବୀଣାର ମୁହଁକୁ ଅନାଇଁଛି—

"କଣ ତଥାପି ଚିହ୍ନି ପାରୁନା ?...ଜାଣି ପାରୁନା ମୁଁ କିଏ ?

ଥରେ ମୋ କପାଳର ଦାଗକୁ ଅନାଇଲ ?"

ସରୋଜ ଅନାଇଁଲା— ମିସ୍ ଦାସଗୁପ୍ତାର ବାଆଁ ପାଖ କପାଳ ଉପରେ ଗୋଟାଏ କ୍ଷତ ଚିହ୍ନ । ପୁରୁଣା ସ୍ମୃତି ଜାଗି ଉଠିଲା ସରୋଜ ମନରେ ସେ ଅଧୀର ଆବେଗରେ କହି ଉଠିଲା—

"ବୀଣା ?" ମୋର ପଛେ ପଛେ ଲୁଚି ପର ଅଛୁ ତଥାପି ମୁଁ ଜାଣି ପାରିନି ।"

ବୀଣା ମୃଦୁହସି କହିଲା—

"ମୁଁ ବୀଣା ନୁହେଁ—ମିସ୍ ଦାସଗୁପ୍ତା...."

"ମୋ ଆଖିରେ ଆଉ ଧୂଳି ଦେଇ ପାରିବୁନି ବୀଣା ? ପୂର୍ବ ସ୍ମୃତି ମୋର ସବୁ ଆଖି ଆଗରେ ନାଚି ଯାଉଛି । ତୋ କପାଳରେ ଏ ଯେଉଁ ଦାଗ ଅଛି ତାହା ଲୁଚିବାର ନୁହେଁ ।"

ପିଲାବେଳ କଥା ଭୁଲିବାର ନୁହେଁ ।

ଦୁହେଁ ପାଖା ପାଖି ବସି ରହିଲେ । ଦୁହିଁଙ୍କ ହାତ ମୁଠା ଭିତରେ ଦୁହିଁଙ୍କ ହାତ ରହିଛି । ପିଲା ବେଳର ମଧୁର ସ୍ମୃତି ଭାବିବାରେ ଦୁହେଁ ମଜଗୁଲ ।

ସରୋଜର ବୟସ ଯେତେବେଳେ ନଅ ଆଉ ବୀଣାର ବୟସ ସାତ ହେବ । ଗାଁ ଦାଣ୍ଡରେ ଧୂଳିଘର ଖେଳ ହୁଏ ଦି'ଜଣଙ୍କର । ଆଉ ପିଲାଏ ଖେଳରେ ଯୋଗ ଦିଅନ୍ତି । ସରୋଜ ହୁଏ ବର ଆଉ ବୀଣା ହୁଏ କନ୍ୟା । ଖେଳ ବେଶ୍ ଜମି ଉଠେ ।

ଦିନଙ୍କର ଘଟଣା ଏଯାଏଁ ଭୁଲି ପାରିନି ବୀଣା—ସରୋଜର ବି ମନେ ଅଛି । ଜୀବନର ଶେଷ ନିଶ୍ୱାସ ପକାଇବା ପର୍ଯ୍ୟନ୍ତ ବି ଦୁଇ ଜଣଙ୍କର ମନେ ରହିବ ।

ସରୋଜ ସେଦିନ ଖେଳିବାକୁ ଆସୁ ଆସୁ ବିଳମ୍ବ ହେଲା । ସେତେବେଳକୁ ସବୁ ପିଲା ଆସି ଖେଳ ସ୍ଥାନରେ ଜୁଟି ହୋଇ ସାରିଲେଣି । ସରୋଜ ଆସିବା ଡେରି ଦେଖି ପିଲାଏ ବର କନ୍ୟା ଖେଳ ଆରମ୍ଭ କରି ସାରିଲେଣି !

ସେଦିନ ପ୍ରଭାକର ହୋଇଥାଏ ବର ଆଉ ବୀଣା ହୋଇଥାଏ କନ୍ୟା । ଖେଳ ବେଶ୍ ଜମି ଆସି ଥାଏ ପିଲାଙ୍କ ଭିତରେ ।

ହଠାତ୍ ସରୋଜ ଆସି ପହଞ୍ଚିଲା । ପ୍ରଭାକର ପାଖରେ ବୀଣାକୁ କନ୍ୟା ବେଶରେ ଦେଖି ମନେ ମନେ ଜଳି ସିଝିଗଲା ସେ । ପିଲାଏ ଡାକିଲେ ଖେଳରେ ଯୋଗଦେବାକୁ କିନ୍ତୁ ସରୋଜ ଖେଳରେ ଯୋଗ ନଦେଇ ମୁହଁ ଫୁଲେଇ ପଳାଇ ଆସିଲା ଘରକୁ ।

ସରୋଜ ଚାଲିଯିବାର ଦେଖି ବୀଣା ମନରେ ଦୁଃଖ ହେଲା । ଧୂଳି ଖେଳରେ ତାର ମନ ଆଉ ଲାଗିଲାନି । ସେ ବି ସରୋଜର ପଛେ ପଛେ ପଳାଇ ଆସିଲା ।

(ଶ୍ରୀ—ପ୍ରଭାକର

ବୀଣା ଆସି ସରୋଜକୁ ତାଙ୍କ ଘରେ ଖୋଜିଲା କିନ୍ତୁ ପାଇଲାନି ବଗିଚାକୁ ଗଲା । ତଥାପି ସରୋଜର କୌଣସି ସନ୍ଧାନ ମିଳିଲାନି. ପୋଖରୀ କୂଳକୁ ଗଲା । ଗଛରଆଡ଼କୁ ଅନାଇଁ ଦେଖିଲା—ଗୋଟିଏ ଯାଗାରେ ସରୋଜ ତଳକୁ ମୁହଁ ପୋତି ବସିଛି । ବୀଣା ଗୋଡ଼ ଟିପିଟିପି ଗଲା । ଦୁଇ ହାତରେ ସରୋଜର ଆଖିକୁ ଚିପି ଧଇଲା ।

ସରୋଜ ଠିକ୍ ଜାଣି ପାରିଲା—ବୀଣା ଛଡା ଆଉ କେହି ତ ଆଖି ବୁଜି ଧରିବନି । ସେ ଜୋର କରି ଏପରି ଧକ୍କା ଦେଲା-- ଯେ ବୀଣା କିଛି ଦୂରରେ ଛିଟିକି ପଡ଼ିଲା । ଭାରି ବାଜିଲା ତାକୁ କିଛି କହି ପାରିଲାନି । ଆଖିରୁ ଲୁହଧାର ଛୁଟାଇଲା ।

ସରୋଜ ସେହିପରି ବସିଛି । ବୀଣା ସରୋଜ ଆଡ଼କୁ ଅନାଇ ଆଖିରୁ ଲୁହ ଗଡ଼ାଉଛି । ସେଠୁ ଉଠିବାକୁ ନାହିଁ ।

କିଛିକ୍ଷଣ ପରେ ସରୋଜ ବୀଣା ଆଡ଼କୁ ଅନାଇଲା । ରାଗରେ ଫୁଲି ଉଠି କହିଲା—

"ଏଠୁ ଯିବୁ ନା' ଦେଖିବୁ ଏଇନେ ?"

"ମୋର କି ଦୋଷ ହେଲା ଯେ ରାଗୁଛ ?"

"ଚାଲିଯା କହୁଛି—ନହେଲେ ତାଟି ଫିଟାଇ ଦେବି ।"

"......................"

ବୀଣା ସେହିପରି ବସି ରହି ଆଖିରୁ ଲୁହ ଗଡ଼ାଉଥାଏ ।

ସରୋଜ ଗୋଟାଏ ଝପଟି ଉଠାଇ ଛାଡ଼ି ଦେଲା ବୀଣା ଆଡ଼କୁ । ଜୋରରେ ଆସି କପାଳରେ ଗଳିଗଲା ଝପଟି ଖଣ୍ଡିକ । ବୀଣା ଚିତ୍କାର କରି କାନ୍ଦି ଉଠିଲା ।

ବୀଣାର ତାଳୁରୁ ଧାର ଧାର ହୋଇ ରକ୍ତ ବୋହିଲା । ସରୋଜ ମନରେ ଭୟ ଆସିଲା । ସେ ସେଠୁ ଉଠି ଦୌଡ଼ି ପଳାଇ ଗଲା

ବାଣୀର କାନ୍ଦଣା ଶୁଣି ସନ୍ତୋଷର ମା ପୋଖରୀ ଆଡ଼କୁ ଧାଇଁ ଆସିଲେ । ବାଣୀକୁ ଏପରି ଅବସ୍ଥାରେ ଦେଖି ତାକୁ ଉଠାଇଲେ । ତାଳୁରୁ ରକ୍ତ ଧୋଇ ଦେଇ ପଚାରିଲେ—

"ତାଳୁ କିପରି ଫୁଟାଇଲୁ ମା' ?"

କାନ୍ଦି କାନ୍ଦି କଣ୍ଠରେ ବାଣୀ କହିଲା—

"ମାଉସୀ ! ଆସୁ ଆସୁ ଗୋଡ଼ ଖସି ଗଲା ଯେ ପଡ଼ି ଗଲି, ଗୋଟାଏ ଖପରା ତାଳୁରେ ପଶିଗଲା ।"

ଖପରା ଖଣ୍ଡିକ ହାତରେ ଧରିଥିଲା ବାଣୀ ! ସନ୍ତୋଷର ମା'ଙ୍କୁ ଦେଖାଇଲା ।

ବାଣୀର ତାଳୁକୁ ଧୋଇ ପରିଷ୍କାର କରି ସଫା କନାରେ ଗୋଟିଏ ପଟି ବାନ୍ଧି ଦେଲା ସନ୍ତୋଷର ବୋଉ ।

ସନ୍ତୋଷ ଗୋଡ଼ ଟିପି ଟିପି ଘରକୁ ପଶି ଆସି ଦେଖିଲା ମା'ତାର ଯତ୍ନରେ ବାଣୀ ମୁଣ୍ଡରେ କନାପଟି ବାନ୍ଧୁଛନ୍ତି । ମନରେ ଭୟ ପାଇଲା ଲୁଚି ଲୁଚି ଘର ଭିତରକୁ ପଶି ଯାଉଥିଲା ସେ ।

ହଠାତ୍ ମା'ଙ୍କର ଦୃଷ୍ଟି ସନ୍ତୋଷ ଉପରେ ପଡ଼ିଲା । ସେ ତାକୁ କହିଲେ—

"ତୁ କୁଆଡ଼େ ଯାଇଥିଲୁ ସନ୍ତୋଷ ? ଝିଅଟା ମୋର ତୋତେ ଖୋଜି ଖୋଜି ପୋଖରୀ କୂଳ ପର୍ଯ୍ୟନ୍ତ ଯାଇଥିଲା ଯେ, ପଡ଼ିଯାଇ ତାଳୁ ଫୁଟି ଯାଇଛି । ନେଇ ଯା ତାକୁ ତାଙ୍କ ଘରେ ଛାଡ଼ି ଦେଇ ଆସିବୁ ।

ସନ୍ତୋଷ ଅଶ୍ରୁଧାରେ ବାଣୀ ଆଡ଼କୁ ଅନାଇଁ ଠିଆ ହେଲା । ବାଣୀ ସନ୍ତୋଷକୁ ଅନାଇଁ ମୁରୁକି ମୁରୁକି ହସୁଥାଏ ।

ଘରେ ବାଣୀର ବୋଉ ଯେତେବେଳେ ବାଣୀକୁ ଦେଖିଲେ ଅଶ୍ରୁଧାରେ ପଚାରିଲେ ସେ—

”କିଏ କଣି ହେଲା ଚୋର ?

ବୀଣା ଅଶୋକ ଆଡ଼କୁ ଅନାଇଁଲା । ଅପରାଜର କଅଁଳ କଳିକା ଅଧରରେ ଥର ଉଠୁଥିଲା ।

ବୀଣା କହିଲା —

“ମାଉସୀ ଘର ପୋଖରୀ ତୁଠ ପାଖରେ ଝୁଣ୍ଟି ପଡ଼ିଲି — କହୁଁ ପଡ଼ିଲି ଯେ ଗୋଟାଏ ଖପରା ତାକୁ କଣା କରି ପକାଇଛି ।”

ସେହିଦିନଠୁ ଅଶୋକ ବୀଣାକୁ ଖୁବ୍ ଭଲ ପାଇଲା । ତାଆର ନାଆଁ କାହାର ଆଗରେ ନକହି ଥିବାରୁ ସେ ବୀଣାକୁ ଖୁବ୍ ପ୍ରଶଂସା କଲା । ବୀଣାକୁ ଦିନେ ନ ଦେଖିଲେ ଦାଣ୍ଡ ବାରି ସବୁ ଖୋଜିବୁଲେ । ଦୁଇଟି ଆତ୍ମା ଯେପରି ଗୋଟିଏ । ଯୋଡ଼ି ପାଇଁଲି ହୋଇ ବୁଲୁଥିଲେ ବୀଣା ଆଉ ଅଶୋକ ।

କ୍ରମଶଃ ଦୁହେଁ ବଡ଼ ହେଲେ । ସାଥିଁ ସ୍କୁଲ ପଢ଼ା ଶେଷ ହୋଇ ଦୁହେଁ କଲେଜରେ ପଢ଼ିଲେ । ଅଶୋକର ବାପା ରାଜି ହେଲେବି ବୀଣାର ବାପା ଆଦୌ ରାଜି ହେଲେନି ଅଶୋକ ସାଙ୍ଗରେ ବୀଣାକୁ ବିବାହ ଦେବାକୁ । ସେହି ଦିନଠୁ ବୀଣା ଅନ୍ତର୍ଦ୍ଧାନ ହୋଇ ଘରୁ ପଳାଇଛି — ଅଶୋକ ଯେତେ ଅନୁସନ୍ଧାନ କଲେବି ବୀଣାର କିଛି ଖବର ପାଇନି — ଦୁହେଁ ଦୁହିଁଙ୍କୁ ଚାହୁଁଥିଲେବି ମିଳନ ପଥରେ ଦୁଇଜଣଙ୍କର ଥିଲା ବାଧା — ପ୍ରଭ ବନ୍ଧନ ।

ବୀଣା ଅଶୋକ କାନ୍ଧରେ ହାତ ଥୋଇ ଧୀର ଗଳାରେ କହିଲା —

“ଏଥର ଚିହ୍ନି ପାରିଲ ତମର ବୀଣାକୁ ?”

ଅଶୋକ ବୀଣାକୁ ଅନାଇଛି ! ଆଖିରେ ତାର ଲୁହଧାର ।

ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରିଲେ । ବହୁଦିନର ବିଚ୍ଛେଦ ବେଦନା ଅଶ୍ରୁ ଲହରେ ଭସାଇ ନେଉଥିଲା ଦୁଇ ଜଣଙ୍କ ଅନ୍ତରକୁ ।

ବୀଣାକୁ କୋଳରେ ଯାକିଧରି ସରୋଜ କହିଲା—

"ତୋତେ ପାଇ ମୁଁ ସୁଖୀ ହେଲି ମାତ୍ର ଆଉ ଜଣକୁ ସୁଖୀକରି ପାରିଲିନି........।"

ସରୋଜର କୋଳରେ ମୁଣ୍ଡ ଗୁଞ୍ଜି ବୀଣା କହିଲା—

"କାହା କଥା କହୁଚ ?"

"ସରଳା କଥା.........।"

"କାହିଁକି ? ତମେ ତାକୁ ହାତ ଧରି ବିବାହ କରିଚ । ସୁଖି ପାଇଚ ଗୋଟିଏ ପୁଅ । ସେଇତ ତୁମକୁ ପାଇ ସୁଖୀ ଥିବ—?"

"ସେ ପୁଅ କାହାର ଜାଣୁ ବୀଣା ? ସେ ପୁଅ ପ୍ରକୃତରେ ମୋର ନୁହେଁ । ନରେଶର ପ୍ରେମର ନିଦର୍ଶନ ସେ—। ଯଦି ତାର ସନ୍ଧାନ ପାଆନ୍ତି ।"

ବୀଣା କହିଲା—

"ନରେଶର ସନ୍ଧାନ ମୁଁ ଦେବି ।"

"ସତେ ! ସେ କେଉଁଠି ଅଛି କହ ! ମୁଁ ବର୍ତ୍ତମାନ ତା ପାଖକୁ ଯିବି ।"

"ଯିବାର ଦରକାର କଣ ଅଛି ? ତମେ ଯେପରି ତମର ବୀଣାକୁ ପାଇଚ ନରେଶ ସେହିପରି ସରଳାକୁ ପାଇଚି—।"

ଆଶ୍ଚର୍ଯ୍ୟରେ ବୀଣାର ମୁହଁକୁ ଅନାଇଁ ସରୋଜ କହିଲା—

"ସରଳା ସାଙ୍ଗରେ କିପରି ନରେଶର ଭେଟ ହେଲା ?"

ବ୍ଲାଉଜ ସନ୍ଧରୁ ଫଟୋଟିକୁ ବାହାର କରି ବୀଣା ସରୋଜକୁ ଦେଖାଇ କହିଲା—

"ଏ ଫଟୋଟି କାହାର ଚିହ୍ନି ପାରୁଚ ?"

ଫଟୋକୁ ଅନାଇ କହିଲା ସରୋଜ—।

ଏଫଟୋ ତୋ ପାଖକୁ ଆସିଲା କିପରି ?

"ତୁମର ପକେଟରେ ଥିଲା—।"

"ନରେଶ ପାଖରେ ସରଳା ବସିଛି । ନରେଶ୍ ଫଟୋକୁ ଖବର କାଗଜରେ ଛାପିଦେବା । ଯିଏ ତାର ସନ୍ଧାନ ଦେବ ତାକୁ ପୁରସ୍କାର ଦେବାକୁ ଘୋଷଣା ମଧ୍ୟ କରିବା ।"

"କେତେ ପୁରସ୍କାର ଦେବ ?"

"ହଜାରେ ଟଙ୍କା—।"

"ଆଣ ଟଙ୍କା ମୋ ହାତକୁ ଦିଅ—।"

ଇଁ ହୁଁ ! ସେ କଥା ହେଇ ପାରିବନି । ଆଗ ନରେଶକୁ ଆଣି ମୋ ସାମନାରେ ଠିଆ କରି ଦିଏ ତାପରେ ଯାଇ ପୁରସ୍କାର ପାଇବୁ ?

"ନରେଶ ତମର ପାଖେ ପାଖେ ମୋର ପରି ଅଛି । ଚିହ୍ନି ପାରିଲନି ?"

"କିଏ ?"

"ଶିବ ଭାଇ ।"

"ଏଁ ! କଣ ତୁ କହୁଚୁ ବାଣୀ ?"

"ସତ କହୁଚି । ଶିବ ଭାଇ ଛଡା ଆଉ କେହି ନୁହେଁ ।"

"କେମିତି ତୁ ଜାଣିଲୁ ?"

"ଏଇ ଫଟୋ ମୁଁ କିଛି ଦିନ ଆଗରୁ ଶିବ ଭାଇ ପକେଟରେ ଦେଖିଥିଲି ।"

ସତ୍ୟେଶଙ୍କ ମନ ଆନନ୍ଦରେ ହସି ଉଠିଲା । ବାଣୀର ଗାଲରେ ଚୁମ୍ବନଟିଏ ଆଙ୍କି ଦେଇ କହିଲା—

"ତେବେ କାଲିରେ ଫେରିଯିବା ।"

"ଆଉ ଗୁରିଦିନ ପରେ ! ଆଗ ଏଠାକାର ଉତ୍ସବ ସମ୍ପର୍କରେ ଗୋଟାଏ ନିଷ୍ପତ୍ତି ସରୁ ।"

"ଏ ଫୋଠା କାହାର ?"

"ମିସ୍ ଦାସଗୁପ୍ତାର ।"

"ନା-ନା ବୀଣାର" ହସି ଉଠି ସଶ୍ୱେଜ କହିଲା — ଅଚ୍ଛା କହିଲ ବୀଣା ଏତେ ସମ୍ପତ୍ତି ପାଇଲ କେଉଁଠୁ ?"

ଘରକୁ ଆସି ଏଇ ପୁରୀରେ ନାଆଁ ବଦଳାଇ ରହିଲି । ଏଠାରେ ଜଣେ ବୁଢ଼ା ମହନ୍ତ ଥିଲେ । ତାଙ୍କର କେହି ନଥିଲେ । ମୁଁ ତାଙ୍କର ଯତ୍ନ କରୁଥିଲି । ସେ ମୋତେ ଝିଅଠୁ ବଳି ସ୍ନେହ କରୁଥିଲେ । ତାଙ୍କର ମରିଯିବା ପରେ ସବୁ ଧନ ସମ୍ପତ୍ତିର ମାଲିକ ମୁଁ ହେଲି । ଘରେ ବାପା ବୋଉ ମରିଯିବାର ଶୁଣି ଥରେ ଯାଇଥିଲି ଘରକୁ । ସେଠାରେ ଯାହା ସମ୍ପତ୍ତି ଥିଲା ସବୁ ବିକି ଦେଲି । ତମର ସମସ୍ତ ଖବର ମୁଁ ଗାଆଁ ଲୋକଙ୍କ ଠାରୁ ପାଇଛି । ସେହି ଦିନୁ ତମର ପଛେ ପଛେ ଛାୟା ପରି ବୁଲୁଛି । ତମେ ସିନା ଦେଖି ପାରିଲନି କି ଚିହ୍ନି ପାରିଲନି । କିନ୍ତୁ ତମର ସବୁ କଥା ମୁଁ ଜାଣେ ?"

ଆଦରରେ ବୀଣାକୁ ନିଜ କୋଳକୁ ଟାଣି ନେଇ ସଶ୍ୱେଜ କହିଲା—

"ଆଉ ଆମେ ଜୀବନରେ କେବେ ଛଡ଼ାଛଡ଼ି ହେବାନି । ଶେଷ ଜୀବନ ପର୍ଯ୍ୟନ୍ତ ଆମର ବନ୍ଧନ ଅତୁଟ ରହିବ..."

ମୃଦୁ ହସି ବୀଣା କହିଲା—

"ମୁଁ କଣ ଭାବୁଛି ଜାଣ ?

"କଅଣ ?"

ବୀଣା ସଶ୍ୱେଜର ହାତକୁ ନିଜ ହାତ ମୁଠା ଭିତରେ ଭରି କହିଲା — "ଆମର ଏ ବନ୍ଧନ ଜନ୍ମ ଜନ୍ମାନ୍ତର ।"

ସରଳାର ରୋଗ ଶଯ୍ୟା ପାଖରେ ବସିଛି ଶିବପ୍ରସାଦ । ମନରେ କେତେ କଥା କେତେ ଭାବନା ।

ସରଳା! ମୁହିଁକୁ ଏକଲଯ୍ୟରେ ସେ ଚାହିଁଛି । ଅତୀତ ଜୀବନର କାହାଣୀ—ସେ କଥା ଭୁଲିବାର ନୁହେଁ ।

ସରଳା !

ସରୋଜର ସ୍ତ୍ରୀ । କିନ୍ତୁ ଏ ସରଳା କିଏ ? ଏହାର ପ୍ରକୃତ ପରିଚୟ କଣ ?

କିଛି କିଛି ପଚାରି ପାରୁନି ଶିବପ୍ରସାଦ ।

କିପରିବା ପଚାରିବ ? ବର୍ତ୍ତମାନତ ସେ ସଭିଙ୍କ ସାଙ୍ଗରେ ଭଲଭାବେ ମିଶି ପାରୁନି । ଧୀରେ ଧୀରେ ସବୁ କଥା ଜାଣିବା ପାଇଁ ମନଭିତର ଯେପରି ଉପାୟ ଖୋଜି ବୁଲିଲା ।

କହୁଁ କହୁଁ ଏକମାସରୁ ଉପର ହେଲାଣି । ବମ୍ବେ ଅଫିସକୁ ଚିଠି ଦେଇ ତାର ଉତ୍ତର ବି ମିଳୁନି । ଟେଲିଗ୍ରାମ ଦ୍ୱାରା ଖବର ମିଳିଲା ସରୋଜ ବମ୍ବେ ଅଛିନି । ତେବେ—ତେବେ ସେ ଗଲେ କୁଆଡେ ?

ସନ୍ଦେହ ମନରେ ଶିବପ୍ରସାଦ ଭାଙ୍ଗୁଛି । ମନ ଖଣ୍ଡିକ ତାର ଭାରାକ୍ରାନ୍ତ ।

ରୋଗୀର ଅବସ୍ଥା ଦିନକୁ ଦିନ ଅତି ଖରାପ ହେଉଛି । ଡାକ୍ତର ପରୀକ୍ଷା କରୁଛି । ଔଷଧ ଚାଲିଛି । ଇଞ୍ଜେକସନ ମଧ୍ୟ । ସେବା ଦିଗରେ କୌଣସି ତ୍ରୁଟି ନାହିଁ । ତଥାପି ରୋଗୀର ହାଲତ

ଦିନକୁ ଦିନ ଖରାପ ଅଡ଼କୁ ଗତି କରୁଛି । ଶିବପ୍ରସାଦ ଭୀତ ବିବ୍ରତ ହୋଇ ପଡ଼ୁଛି ମନେ ମନେ ।

ହାତ ଘଣ୍ଟାକୁ ଅନାଇଁଲା ଶିବପ୍ରସାଦ । ବାରଟା ବାଜିଲାଣି । ରୋଗୀକୁ ଔଷଧ ଦେବାକୁ ହେବ ।

ଭାବି ଗିଲାସରେ ଔଷଧ ଢାଳି ରୋଗୀ ପାଖରେ ଠିଆ ହେଲା ଆସି ଶିବପ୍ରସାଦ । ଧୀର ଗଳାରେ ଡାକିଲା ସେ—

"ଉଠ ଔଷଧ ଏତକ ପିଇ ଦିଅ ?"

ସରଳା ଆଖି ଖୋଲି ଅନାଇଁଲା—ଲୁହ ଛଳଛଳ ହେଉଛି । କଣ କହିବ ବୋଲି ଓଠ ଦୁଇଟି ଥରି ଉଠୁଛି । ମାତ୍ର କିଛି କହୁନି ସେ । ଉଠି ବସି ଔଷଧ ସେତକ ପିଇଦେଇ ପୁଣି ନିରବରେ ବିଛଣାରେ ଶୋଇ ରହିଲା ।

ଶିବପ୍ରସାଦ ଗିଲାସଟି ଯଥା ସ୍ଥାନରେ ଥୋଇ ଦେଇ ପୁଣି ଆସି ନିଜସ୍ଥାନରେ ବସିଲା । ମନରେ ପୁଣି ସେସବୁ ପୂର୍ବ ଭାବନାର ଝଡ଼ ।

ଶିବପ୍ରସାଦ ଭାବୁଥିଲା—

କିଏ ଏଇ ସରଳା ? ସମସ୍ତଙ୍କୁ ବରାବର କରିବାରେ ସେ ମୁଖ୍ୟ ଭୂମିକା । ଏହାପାଇଁ ଦାୟୀ କିଏ ?

ଚମକି ଉଠିଲା ଶିବପ୍ରସାଦ । ଅତୀତ କଥା ଭୁଲି ଯିବାକୁ ଲାଗିଲେ ସେ । ନରେଶ ନୁହଁ—ସେ ଶିବପ୍ରସାଦ ନାମରେ ସବୁଠି ପରିଚିତ ।

ଭାଇଙ୍କ ଆଜି ସେ ଏପରି ହୋଇଛି ? ସରଳାକୁ ନିଜର ହେବାକୁ ଦେବାରେ ସେ ଭାଇଙ୍କ ନିକଟରେ ନିଜକୁ ଦୋଷୀ ବୋଧ କରୁଛି ?

ଅତୀତ ଦିନର କଥା ଛବି ଛବି ହୋଇ ଆଖି ଆଗରେ ନାଚି ଉଠିଲା ଶିବପ୍ରସାଦର ।

ସରଳାକୁ ଉପେକ୍ଷା କରି ସେ ଯେତେବେଳେ ପଳାଇଲା ସେତେବେଳେ କଣ ଭବିଷ୍ୟତ କଥା ସେ ଭାବିଥିଲା ? ସେଇଥିପାଇଁ

ଯଦି ସେ ଚିନ୍ତା କରି ପାରିଥାନ୍ତା ହୁଏତ ତାର ଜୀବନର ଗତି ଭି... ପ୍ରକାର ହୋଇଥାନ୍ତା । ଆଜି ସେ ନିଜକୁ ଛପେଇ ଏପରି ହନ୍ତସନ୍ତ ହେଉ ନଥାନ୍ତା ।

ତାର ବା ଦୋଷ କଣ ? ଘରେ ବାପା ବୋଉ ତ ଅମଙ୍ଗ... ହେଲେ । ସେମାନଙ୍କ କଥାରେ ଅରାଜି ହୋଇଥିଲେ ସେମାନେ ଘରୁ ବାହାର କରି ଦେଇଥାନ୍ତେ । ତେଜ୍ୟ ପୁତ୍ର ବୋଲି ଘୋଷଣା କରି ଥାନ୍ତେ । କୋଉ ଖାଇଥାନ୍ତା ବୁଢା ବାପା ଅଭିଶାପ ଦେଇଥାନ୍ତା ?

ତଥାପି ନରେଶ ଦୋଷି । ଜଣେ ବାଳିକାର ଜୀବନ ନଷ୍ଟ କରିବା କି ଦରକାର ଥିଲା ? ଯଦି ବାପା ବୋଉଙ୍କ କଥାକୁ ମାନି-ବାର ଥିଲା ତେବେ ସେମାନଙ୍କ ବିନା ଅନୁମତିରେ ଜଣେ କୁମାରୀକୁ ଗୋପନରେ ଭଲପାଇ ତାର ସର୍ବନାଶ କରିବା କଣ ଦରକାର ଥିଲା ?

ସରଳା ମିନତୀ ଭରା କଣ୍ଠରେ ଯେତେବେଳେ ଆସି ନରେଶକୁ ଅନୁରୋଧ କଲା ନରେଶ ଇଚ୍ଛା କରିଥିଲେ ହସି ହସି ସରଳାକୁ ଗ୍ରହଣ କରି ପାରିଥାନ୍ତା । କିନ୍ତୁ ତା' ନକରି ଏପରି ଉପେକ୍ଷା କରିବା କଣ ଠିକ୍ ହୋଇଛି ନରେଶର ?

ଆଜି ନରେଶ ସର୍ବହରା । ଘରେ ବାପା ବୋଉ ନାହାନ୍ତି ଯାହା ସମ୍ପତ୍ତି ଥିଲା ସବୁ ଶେଷ ପାଇଗଲାଣି । ବିବାହ କରିବାକୁ ଯେତେ ଚେଷ୍ଟା କରି ମଧ୍ୟ କୌଣସି ଠାରେ ପାତ୍ରୀ ଯୋଟିଲାନି । ଯାହା ପାଖକୁ ଗଲା ସମସ୍ତେ ଘୃଣା କଲେ । କେହି ପଚାରିଲେନି—

ଏ ପାପର ଫଳ ନରେଶ ଭୋଗିଲାନି ତ ଆଉ ଭୋଗିବ କିଏ ?

ସରଳାର କରୁଣ ନିବେଦନ କଥା ଆଜିବି ନରେଶ ଭାବିଲେ ତା ଅନ୍ତରକୁ ଲକ୍ଷ୍ୟ ଅନେ—କଳିଜା ଥର ଉଠେ ।

ସରଳା ପ୍ରସ୍ତୁତ ଥିଲା—ନରେଶ ତାଙ୍କୁ ଯେଉଁ ପଥକୁ ନେବ ସେଥିକୁ ଇଚ୍ଛା କରିଥାନ୍ତା। ହସି ହସି ତା' ସାଙ୍ଗରେ ଗୁଲି ଯାଇଥାନ୍ତା।

କିନ୍ତୁ ପାରିଲାନି ନରେଶ—ଦୁର୍ବଳ ମନା ସେ' ଘରେ ବାପା ବୋଉଙ୍କର ଆଦେଶ ସେ ଏଡ଼ି ପାରିଲାନି। ସାହସ କରି କିଛି କହି ପାରିଲାନି।

କିପରିବା ପ୍ରତିବାଦ କରିଥାନ୍ତା ବାପା ବୋଉଙ୍କ ବିରୁଦ୍ଧରେ? ଦୁନିଆ କଣ କହିଥାନ୍ତା?

ଏକଥା ଭାବିବା ପୂର୍ବରୁ ଜଣେ ବାଳିକାର ଜୀବନ ନଷ୍ଟ କରିବା କଣ ଉଚିତ ହେଲା ନରେଶର?

ଆଗକୁ ଆଉ ଭାବି ପାରିଲାନି ଶିବପ୍ରସାଦ। ଅସହାୟ ଦୃଷ୍ଟିରେ ସେ ସରଳାର ମୁହଁକୁ ଅନାଇଁ ରହିଲା।

ସରଳା ଚକ୍ଷୁମେଲି ଶିବପ୍ରସାଦକୁ ଅନାଇଁ ରହିଲା। ଇଙ୍ଗିତରେ କଣ କହୁଥିଲା ପରି ଅନୁଭବ କଲା ଶିବପ୍ରସାଦ।

ଧୀର କଣ୍ଠରେ ପଚାରିଲା—

"କଣ କହିବ ସରଳା ଦେଇ?"

ସରଳା ତକିଆ ତଳୁ ଗୁଡ଼ିଏ କାଗଜ ନେଇ ତାହାର କରି ଶିବପ୍ରସାଦ ହାତକୁ ବଢ଼ାଇ କହିଲା—

"ଆରଘର ବାକ୍ସରେ ଗୋଟିଏ ପଡ଼ିଅଛି ଆଣିପାରିବ?

"ଗୁଡ଼ିକରଙ୍କୁ କହିଲେ ଅଣିଦେବ ନି?"

"ନା' ଗୁଡ଼ିକର ହାତ ଅଣାଇବା ଠିକ୍ ନୁହେଁ ଅପଣ ନିଜେ ଯାଇ ଆଣନ୍ତୁ—।"

ଶିବପ୍ରସାଦ ଉଠି ଆର ଘରକୁ ଗଲା। ବାକ୍ସ ଖୋଲିବା ମାତ୍ରେ ଗୋଟିଏ ପ୍ରେମ ସୁନ୍ଦର ଲାଗେ ଭଳି ହୋଇ ଗୁଣ ହୋଇଗଲା।

ଶିବପ୍ରସାଦ ଫ୍ରେମଟି ଉଠାଇ ଆଣିଲା । ବାକ୍ସ ବନ୍ଦ କରି ଫେରି ଆସିଲା ଯଥା ସ୍ଥାନକୁ ।

ଫ୍ରେମଟି ବଢ଼ାଇ ଦେଇ ଶିବପ୍ରସାଦ କହିଲା—

"ଦେଇ ନିଅନ୍ତୁ ସରଳା ଦେବୀ !"

ସରଳା ଅନାଇଲା ଶିବପ୍ରସାଦ ମୁହଁକୁ । କହିଲା ସେ—

'ଫ୍ରେମରେ ଭଙ୍ଗା ଯାଇଥିବା କାଗଜ ଖଣ୍ଡିକ ଫିଟାଇ ଫଟୋଟି ମୋ ହାତକୁ ଦିଅ ।"

ଶିବପ୍ରସାଦ ଫ୍ରେମ ଫିଟାଇ କାଗଜ ଖୋଲି ବାହାର କରି ଦେଲା ! ଫଟୋକୁ ଅନାଇଁ ଦେବା ମାତ୍ରେ ଚମକି ଉଠିଲା ସେ— ଏକ ସ୍ଥାନରେ ଫଟୋ ଆଡ଼େ ଅନାଇଁ ରହିଛି ତ ରହିଛି—ପଲକ ମୋଟେ ପଡୁନି ।

ସରଳା କହିଲା—

"ଫଟୋକୁ ଅନାଇଁ କଣ ଦେଖୁଛ ? ମୋତେ ଦିଅ ?"

ଶିବପ୍ରସାଦର ଯେପରି ହୋସ ଫେରି ଆସିଲା । ନିଜର ମନୋଭାବକୁ ଗୋପନ କରିବା ପାଇଁ ଚେଷ୍ଟା କରି ମଧ୍ୟ କରି ପାରିଲାନି, ସରଳାର ମୁହଁକୁ ଅନାଇଁ ରହିଲା । ତାର ଅଭ ଆଦରର ସରଳାକୁ ସେ କୋଳକୁ ଉଠାଇ ଆଣିବା ପାଇଁ ସରଳାର ଶେଯ ପାଖକୁ ଗୁଲିଗଲା । କିନ୍ତୁ ଉଠାଇ ଆଣି ପାରିଲାନି, ଫଟୋଟି ସରଳାର ହାତକୁ ବଢ଼ାଇ ଦେଇ ନିରବରେ ସେ ଠିଆ ହୋଇ ରହିଲା ।

ଶିବପ୍ରସାଦ ନିଜକୁ ସଙ୍କେଟ ଭିତରୁ ଟାଣିଲା । କିନ୍ତୁ କିଛି ପାରିଲାନି । ହଠାତ ସରଳାର ମନକୁ ମନ କହିବାକୁ ଲାଗିଲା—ସଦାବେଳେ ପକେଟରେ ଥାଏ, ଆଜି ହଜିଲା କେମିତି ?"

ସରଳା ଫଟୋଟି ଥରେ ଅନାଇ ଦେଇ, ଶିବପ୍ରସାଦକୁ ଲକ୍ଷ୍ୟ କରି କହିଲା—

"ଏ ଫଟୋରେ ଯେଉଁ ଦୁଇ ଜଣ ଅଛନ୍ତି ଆପଣ ଦେଖି ପାରୁଛନ୍ତି ?"

ଶିବପ୍ରସାଦ ଫଟୋକୁ ଅନାଇ କହିଲା—

"ହଁ, ଦେଖୁଛି, ଜଣେ ଯୁବକ ଆଉ ଜଣେ ଯୁବତୀ ।"

"ଯୁବତୀ ଜଣକ କିଏ ଜାଣ ?"

"ନା" !

"ଭଲ ଭାବେ ଥରେ ଦେଖିଲ ?"

ଶିବପ୍ରସାଦ କିଛିକ୍ଷଣ ପାଇଁ ଫଟୋଟି ଆଡେ ଅନାଇଁ ରହିଲା । ମାନସ ପଟ୍ଟରେ ଅତୀତ ଦିନର କେତେ କଥା ଉଙ୍କି ମାରୁଥିଲେ ବି ସେ ସବୁକୁ ଲୁଚାଇ ସେହିପରି ଫଟୋଟି ଆଡେ ଅନାଇଁ ରହିଲା ।

ସରଳା କହିଲା—

"ଏଥର ଚିହ୍ନିଲ ?"

"ନା" !

"ମୋ ମୁହଁକୁ ଅନାଇଁଲ..."

ଶିବପ୍ରସାଦ ସରଳା ମୁହଁକୁ ଚାହିଁଲା । ମୁହଁର ଭାବରୁ ଅନେକ କଥା ବୁଝି ପାରୁଥିଲେ ବି କିଛି କହିବାକୁ ତାର ସାହସ ହେଉ ନଥିଲା । ଅନ୍ତର ଭିତରୁ କିଏ ଯେପରି ସାବଧାନ କରିଦେଉଥିବାର ସେ ଅନୁଭବ କରୁଥିଲା—ତୁମେ ଭୁଲିଯାଅ ! ...ସରଳା ସର୍ବେଶ୍ୱରର ସ୍ତ୍ରୀ । ତାର ଜୀବନରେ ସର୍ବନାଶ ନ କର ।"

ଶିବପ୍ରସାଦ ନିଜକୁ ସଂଯତ କରି ଠିଆ ହେଲା । ମନେ ମନେ ସ୍ଥିର କଲା । ନା-ନା ମୁଁ ବେଶ୍ ଆନନ୍ଦରେ ଅଛି । କଣ ଲାଗି ଅଛି ପୁଣି ପଛକଥା ମନେ ପକାଇବି ? ଅତୀତ ଅତୀତରେହିଁ ମିଶିଯିବା ଭଲ । ମୁଁ ଶିବପ୍ରସାଦ—ନରେଶ ନୁହେଁ ।

ସରଳା ମୁହଁକୁ ଅନାଇଁଲା ଶିବପ୍ରସାଦ । ଦେଖିଲା ଯେ—

ସରଳା ଏକଲୟରେ ସେହି ଫଟୋକୁ ଅନାଇଁ ରହିଛି । ଆଖିରୁ ଲୁହ ଧାର ଗାଲ ଉପର ଦେଇ ବୋହି ଯାଉଛି ।

ଶିବପ୍ରସାଦ ସରଳା ପାଖରେ ବସି ତାର ମୁଣ୍ଡକୁ ଆଉଁସି ଦେଇ ଦେଇଁ କହିଲା—

"ତମେ କାନ୍ଦୁଛ ?"

"ଇଏ ଆଜି ନୂଆ କଥା କଣ ଦେଖିଲ ଶିବପ୍ରସାଦ ବାବୁ ? ଏ ଲୁହହିଁ ମୋର ଜୀବନର ସାଥୀ । ଯାହା ପାଇଁ ମୁହଁରେ ହସ ଫୁଟିଲା ସେ ନାହିଁ । କଳଙ୍କର ଟୀକା କପାଳରେ ଦିଆଇ ଦେଇ ସେ କେଉଁଆଡ଼େ ପଳାଇ ଯାଇଛି । ତା ସଙ୍ଗେ ସଙ୍ଗେ ମୋର ସମସ୍ତ ସୁଖ ବି ଚୁଲି ଯାଇଛି । ମନରେ ସାନ୍ତ୍ୱନା ଦେବାକୁ ଅଛି କେବଳ ଏହି ଆଖିର ଲୁହ ।"

ମନେ ମନେ ଶିହରି ଉଠିଲା ଶିବପ୍ରସାଦ । କିଛି କହିବାକୁ ତାର ସାହସ ହେଲାନି । ଖାଲି ଆଖିର ଲୁହହିଁ ସାର ହେଲା ।

ସରଳା କହିଲା—

"ଯାହାକୁ ପ୍ରାଣ ଦେଇ ଭଲ ପାଇଥିଲି ସେ ଜଣକ ହେଉଛି ସେହି ଯୁବକ ଆଉ ତା ପାଖରେ ଯେଉଁ ଯୁବତୀଟି ବସିଛି ସେ ହେଉଛି ମୁଁ ନିଜେ । ଦୁହେଁ ସାଙ୍ଗ ହୋଇ ଫଟୋ ଉଠାଇ ଥିଲୁ । ଗୋଟିଏ ମୋ ପାଖରେ ଅଛି । ଆଉ ଗୋଟିଏ ତାଙ୍କ ପାଖରେ ଅଛି । ଏଇ ଫଟୋକୁ ବନାଇ ବାକ୍ସରେ ରଖିଛି, ରାତିରେ ଶୋଇଲା ବେଳେ ଦେଖେ—ସେଥିରେ ହିଁ ପାଏ ଆନନ୍ଦ ।"

ଧୀର ଗଳାରେ ଶିବପ୍ରସାଦ କହିଲା—

"ଆଉ କିଛି କହନି ସରଳା ! ତୋ ପାଖରେ ଆଜି ମୁଁ ଅପରାଧୀ—ପାତକୀ । ମୁହଁ ଦେଖାଇବାର ସାହସ ନାହିଁ ।"

ସରଲା ହାତରୁ ଫଟୋଟି ଖସି ପଡ଼ିଲା, ସେ ଶିବପ୍ରସାଦର ମୁହଁକୁ ଅନାଇଁ ରହିଲା ।

ଶିବପ୍ରସାଦ ସରଲାର ମୁଣ୍ଡକୁ ନିଜ କୋଳ ଉପରକୁ ଟାଣି ଆଣି କାନ୍ଦ କାନ୍ଦ ହୋଇ କହିଲା—

"ତୋତେ ହତାଦର କରିଚି । କଳଙ୍କର ଦାଗ ତୋ ଦେହେଁ ଦେଇଚି । ତାର ଫଳ ମୁଁ ପାଇ ସାରିଚି । ଭଗବାନ ତାର ଶାସ୍ତି ମୋତେ ଦେଇଛନ୍ତି । ତୁ ଜିତି ଯାଇଚୁ ସରଲା—ତୁ ଜିତି ଯାଇଚୁ । ମୁଁ ହାରି ଗଲି ।"

ଅଉ କିଛି କହି ପାରିଲନି ଶିବପ୍ରସାଦ । ଭେଉଁ ଭେଉଁ ହୋଇ କାନ୍ଦି ଉଠିଲା । ସରଲା ନରେଶ କୋଳରେ ମୁଣ୍ଡ ଗୁଞ୍ଜି କାନ୍ଦୁଥିଲା ।

କିଛି ସମୟ ପରେ ନରେଶ କହିଲା—

"ମୁଁ ଏଥର ବିଦାୟ ନେଇ ଯାଉଚି ସରଲା । ଭଗବାନ ତୋତେ ବେଶ୍ ସୁଖରେ ରଖିଛନ୍ତି । ସତ୍ୟେନ ପରି ସ୍ୱାମୀ ପାଇଚୁ । ତୁ ବେଶ୍ ଆନନ୍ଦରେ ରହ । ମୁଁ ଯାଉଚି, ମୁହୂର୍ତ୍ତେ ଅଉ ଏଠାରେ ରହିବି ନାହିଁ ।"

ଶିବପ୍ରସାଦ ଯିବାକୁ ଉଠିଲା କିନ୍ତୁ ଯାଇ ପାରିଲନି । ସରଲା ବାଧାଦେଇ କହିଲା—

"ନାହିଁ—ତମେ ଯାଇ ପାରିବନି । ହାତରେ ପାଇ ପୁଣି ଛାଡ଼ି ଦେବି ? ତମେ ମୋର ସବୁ—ଇଷ୍ଟ ଦେବତା ।—ସତ୍ୟେନ ମୋର ସ୍ୱାମୀ ନୁହେଁ । ସେ ମୋର ଭାଇ ।"

ଆଶ୍ଚର୍ଯ୍ୟରେ ସରଲା ମୁହଁକୁ ଅନାଇଁ ନରେଶ କହିଲା—

"ଭାଇ ! ସତ୍ୟେନ ତୋର ଭାଇ ?...ସ୍ୱାମୀ ନୁହେଁ ?"

"ନା ଗୋ—ନା । ଅଶୋକ ମୋର ଭାଇ । ସ୍ୱାମୀ ନୁହେଁ । ହିନ୍ଦୁ-ନାରୀ ଥରେ ଯଦି ଜଣେ ପୁରୁଷଙ୍କୁ ଦେହ ଦାନ କରେ ଆଉକି ଅନ୍ୟ ପୁରୁଷ ଗ୍ରହଣ କରି ପାରେ ? ଦୁନିଆ ଜାଣେ ମୁଁ ଅଶୋକର ସ୍ତ୍ରୀ ବୋଲି । କିନ୍ତୁ ମଧୁଶଯ୍ୟା ରାତିରେ ମୁଁ ମୋର ଜୀବନର ଇତିହାସ, ସମସ୍ତ ଶୁଣାଇ ଦେଇଛି । ସେହି ଦିନଠୁ ସେ ମୋତେ ଆଶ୍ରୟ ଦେଇଛନ୍ତି—ସ୍ତ୍ରୀ ରୂପରେ ନୁହେଁ—ଭଉଣୀ ରୂପରେ ।

ଶିବପ୍ରସାଦ କଣ କହିବାକୁ ଯାଉଥିଲା । ତାହାରପଛୁ ଦୁଆର ପାଖରେ କେହି ଆସୁଥିବାର ପଦ ଶବ୍ଦ ଶୁଣାଗଲା । ସରଳା ନରେଶ୍ ବୋଲିକରୁ ଉଠିଯାଇ ବାରଣ୍ଡାରେ ଶୋଇଲା । ନରେଶ୍ ଦୁଆର ଆଡ଼କୁ ଅନାଇଲା—ଘର ଭିତରକୁ ଅଶୋକ ପଶି ଆସୁଛି । ସଙ୍ଗରେ ମିସ୍ ଦାସଗୁପ୍ତା ।

ଆଶ୍ଚର୍ଯ୍ୟରେ ନରେଶ ଦୁଇଜଣଙ୍କୁ ଅନାଇଁ ରହି ଦେଖିଲା—ଅଶୋକ ବେକରେ ଫୁଲମାଳ, ମୁଣ୍ଡରେ ଚନ୍ଦନ ବିନ୍ଦୁ । ମିସ୍ ଦାସଗୁପ୍ତା ବେକରେ ଫୁଲମାଳ, କପାଳରେ ସିନ୍ଦୂର । ସ୍ୱାମୀ-ସ୍ତ୍ରୀର ଅପୂର୍ବ ଯୋଡ଼ି ।

ହସି ହସି ଅଶୋକ କହିଲା—

"ସରଳା ଏପଟେ ଶୋଇଛି ତାହାଙ୍କୁ ନରେଶ ବାବୁ ?"

ଆଶ୍ଚର୍ଯ୍ୟ ହେଲା ନରେଶ । ସେ ଖାଲି ଅଶୋକର ମୁହଁକୁ ଚାହିଁ ରହିଲା ।

ଅଶୋକ ପୁଣି କହିଲା—

"ଆରେ ? ମୋ ମୁହଁକୁ ଏପରି ଅନାଇଁ କ'ଣ ଦେଖୁଛ ? ଓଃ, ତମ ନାମ ଶିବପ୍ରସାଦ ନକହି ନରେଶ ବୋଲି ଡାକିଛି, ସେଇଥି ପାଇଁ ବୋଧହୁଏ ଆଶ୍ଚର୍ଯ୍ୟ ହେଉଛ ? ଅଚ୍ଛା, ଏ ଫଟୋ କାହାର ?"

ସରୋଜ ପକେଟରୁ ତାହାର ଭଉଣୀ ଫଟୋ ଦେଖାଇଲା । ଅଶୋକ ଆଗରୁ ସରୋଜ ପାଖରେ ଯେଉଁ ଫଟୋ ସେ ଦେଖିଥିଲା ସେହି ଫଟୋ ସରୋଜ ପାଖରେ ସେ ଦେଖିଲା । ମନେ ମନେ ଭାବୁଥିଲା ସେ—ତେବେ ତାହାରି ଫଟୋକୁ କେତେବେଳେ ବୋଧେ ସରୋଜ [illegible] ନେଇ ଯାଇଛନ୍ତି ।

ବଂଶୀ କହିଲା—

"ଅରେ ! ଘରେ [illegible] ଗୁଡ଼ାଏ ଅଛନ୍ତି କି ? ମୋଟିଏ ପ୍ରେମ ପତ୍ର । ବୋଧେ ଫଟୋ ଦେଇଛ ।"

କହିବା ସରେ ସରେ ବଂଶୀ ମଧ୍ୟ ସେ ଫଟୋଟିକୁ ହାତରେ ଦେଖିଲା, ସେହି ଫଟୋର ମୋଟିଏ [illegible] ।

ସରୋଜ ହସି ହସି କହିଲା—

"ସେ ଫଟୋଟି ମୋର [illegible] ଭଳି [illegible]

ଆଉ କିଛି କହି ପାରିଲାନି ସରୋଜ । ବୁଝି ସେହି ଭାବ— କାଶ ବାଟରେ [illegible] । ସମସ୍ତେ ଅନ୍ଧାରରେ ଠିଆ ହୋଇ ରହିଲେ । କାହାରି ମୁହଁରେ କଥା ନାହିଁ ।

ନରେଶ କହିଲା—

"[illegible] ସରୋଜ ଭାଇ, ସରୋଜର ଏପରି ଅବସ୍ଥା ଦେଖି [illegible] ମୁଁ [illegible] ଏପରି [illegible] ସମସ୍ତେ [illegible] ।"

ସରୋଜ କହିଲା—

"[illegible] ମୁଁ [illegible] ଅଣି [illegible] ଗଲା ।

ନରେଶ [illegible] ସରୋଜ ଆଉ ସରୋଜ [illegible] ଗଳାରେ କହିଲା—

"ସରୋଜ ! କ'ଣ ହେଲା ଭଉଣୀ ?"

[illegible]—ଧାରକ

ଆଉ କିଛି କହି ପାରିଲାନି, ଭୋ-ଭୋ ହୋଇ କାନ୍ଦି ଉଠିଲା ସରୋଜ ।

କ୍ଷୀଣ କଣ୍ଠରେ ସରଳା କହିଲା—

“ଛି’ ! କାନ୍ଦୁଛ ତମେ ଭାଇ ? ମୋର ସ୍ୱାମୀଙ୍କୁ ମୁଁ ପାଇଛି ତମେ ଆନନ୍ଦ ହେବାର କଥା । କାନ୍ଦୁ ।”

ସରଳା ବୀଣାକୁ ଅନାଇ ରହିଲା ।

ସରୋଜ କହିଲା—

“ସେ ପରା ବୀଣା ?···ତୋ ନୂଆବୋଉ ।

“ନୂଆବୋଉ !”

ସରଳା ମୁହଁରେ ହସ ଫୁଟି ଉଠିଲା । କଣ କହିବ ବୋଲି ଓଠ ଥର ଉଠୁଥିଲା କିନ୍ତୁ କିଛି କହି ପାରିଲାନି । କାଶ ପ୍ରବଳ ବେଗରେ ହେଲା । ପୁଣି ଝଲକା-ଝଲକା ରକ୍ତ ପାଟିରୁ ବାହାରି ବିଛଣା ଭିଜାଇ ଦେଲା ।

ସରୋଜ ଓ ବୀଣା ଅଧୀର ଆବେଗରେ ସରଳା ମୁହଁକୁ ଅନାଇଁ ରହିଥାନ୍ତି । ସରଳା କଣ କହିବ ବୋଲି ଠାରୁଛି ମାତ୍ର କିଛି କହି ପାରୁନି ।

ନରେଶ ଫୋନ୍ କରି ଘର ଭିତରକୁ ଆସିଲା । ସରଳା ଅଚେତା ଅବସ୍ଥାରେ ବିଛଣାରେ ପଡ଼ି ରହିଛି ।

ସରୋଜ ଡାକିଲା—

“ସର! ···ସର !···”

କିଛି ଯବାବ ନାହିଁ । ଖାଲି ନିଶ୍ୱାସ ଚାଲିଛି ।

ଅଳ୍ପ ସମୟ ମଧ୍ୟରେ ଡାକ୍ତର ଆସିଲେ ରୋଗୀର ନାଡ଼ ପରୀକ୍ଷା କରି ହତାଶ ମନରେ ତଳକୁ ମୁହଁ ପୋତି କହିଲେ—

"ଚେଷ୍ଟା କରିବା ବୃଥା—ସବୁ ଶେଷ ହୋଇ ଗଲାଣି । ନାଡ଼ିର ଗତି ସଂପୂର୍ଣ୍ଣ ବନ୍ଦ ।"

ହୋ— ହୋ—ହୋଇ କାନ୍ଦି ଉଠିଲା ନରେଶ । ଅଶୋକ ଯେତେ ସାନ୍ତ୍ୱନା ଦେଲେ ବି ମନ ତାର ମୋଟେ ବୁଝିଲାନି ।

କାନ୍ଦି କାନ୍ଦି ହୋଇ ନରେଶ୍ କହିଲା—

"ସରଳା ! ତମେ ଜିତିଲ ଆଉ ମୁଁ ହାରି ଗଲି ।"

ଅଶୋକ ନରେଶ୍‌ର କାନ୍ଧରେ ହାତ ଥୋଇ ସାନ୍ତ୍ୱନା କଣ୍ଠରେ କହିଲା —

"ହତାଶ ହେବାର ଆଉ କିଛି ନାହିଁ ଭାଇ ? ସରଳା ମାନବୀ ନୁହେଁ—ସେ ଦେବୀ । ଯେଉଁ ଶିଶୁଟି ସେ ଦେଇ ଯାଇଛି ତାକୁହିଁ ସାଇତି ରଖ । ତାକୁ ମଣିଷ ପରି ମଣିଷ ତିଆରି କର । ଠିକମ ଉମର ପୁଅ । ସେ ତାର ମାଆକୁ ହସାଇ ଏପରି ବାପାକୁ ଯାଇଛି ।

"ତାକୁ ଅନାଦର କରନି । କୋଳକୁ ଉଠାଇ ନିଅ......।"

✱ ଶେଷ ✱

# ଲକ୍ଷ୍ମୀ ପ୍ରକାଶନୀର ଅନ୍ୟାନ୍ୟ
# ପୁ ସ୍ତ କା ବ ଳୀ

—ଲକ୍ଷ୍ମୀଧର ଦଳାଇଙ୍କର—

* ନୂଆ ନାଗରୀ
* ହାର-ଜିତ୍
* ପଥ ଚାରିଣୀ
* ମାଣିକ ମାଳା

—ଦମ୍ବରୁ ଦାସଙ୍କର—

ମନ ମୋହନୀ (ଦ୍ୱିତୀୟ)
ଟାଉନ୍ ବସ୍
ସଜନୀ ତାଳେ ନାଚୟା
ପୋଡ଼ା ମାଟି
ପ୍ରେମ ଚିଠାଉ
ପୀରତି ପଥେ

—ଏସ: ଏ: ସମ୍ପଦଙ୍କର—

ଘରଭଙ୍ଗା ଟାଉଟର
ଗାର୍ଲସ ହଷ୍ଟେଲ